

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୧୨ ଅକ୍ଟୋବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 12 October 2025

Vol.No. 36 ■ No.268 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ

ସାଗରିକା ପୂଜା ସଂଖ୍ୟା ୨୦୨୫

ସାଗରିକା

ଏବେଠାରୁ

ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...

website : sagarika.in.net


## ପୁଣି ବିଗିଡ଼ିଲା ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ୍ ମଜୁମଦାରଙ୍କ ସ୍ୱାସ୍ଥ୍ୟାବସ୍ଥା: ଆଇସିୟୁରେ ଭର୍ତ୍ତି

ଭୁବନେଶ୍ୱର, ୧୧/୧୦ (ନି.ପ୍ର): ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାରଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ । ପୁଣିଥରେ ଆଇସିୟୁରେ ଭର୍ତ୍ତି ହେଲେ ଅଭିଜିତ । ଗତ ୨୪ ଘଣ୍ଟାରେ ତାଙ୍କର ସ୍ଥିତି ଅଧିକ ଖରାପ ହୋଇଥିବା ସୂଚନା ଦେଇଛି ଭୁବନେଶ୍ୱର ଏମ୍ସ । ତାଙ୍କର ସ୍ନାୟୁ ଜନୀତ ସମସ୍ୟାରେ କୌଣସି ସୁଧାର ହୋଇନାହିଁ, ସେ ନିରନ୍ତର ଅଚେତ ଅବସ୍ଥାରେ ଅଛନ୍ତି ବୋଲି ଭୁବନେଶ୍ୱର ଏମ୍ସ କର୍ତ୍ତୃପକ୍ଷ ଜଣାଇଛନ୍ତି । ଅଭିଜିତ୍ ଏକ ସ୍ନାୟୁ ଜନୀତ ରୋଗରେ ପୀଡ଼ିତ । ନିମୋନିଆ ସହିତ ଫୁସଫୁସରେ ସଂକ୍ରମଣ ହୋଇଛି । ରକ୍ତରେ ଜୀବାଣୁ ସଂକ୍ରମଣ ଓ ପୁରୁଣା ଯକୃତ୍ ରୋଗ ସମସ୍ୟା ଏବଂ ଭିଟାମିନ 'ଡି' ଓ ଫଲିକ ଏସିଡ ଭଳି ପୋଷକ ତତ୍ତ୍ୱର ଅଭାବ ରହିଛି ।

# ଶଙ୍ଖ ଛାଡ଼ି ପଦ୍ମ ଶିବିରକୁ ଡେଇଁଲେ ଜୟ ଢୋଲକିଆ: ବିଜେପି କହିଲା, ଭାଙ୍ଗୁଛି ବିଜେଡିର ତାସ୍ ଘର




ଭୁବନେଶ୍ୱର, ୧୧/୧୦ (ନି.ପ୍ର): ନୂଆପଡ଼ା ଉପନିର୍ବାଚନ ପୂର୍ବରୁ ବିଜେଡିକୁ 'ଜୟ' ଝଟକା । ପଦ୍ମ ଶିବିରରେ ଜୟ ଢୋଲକିଆ । ନୂଆପଡ଼ା ଉପନିର୍ବାଚନ ପାଇଁ ରାଜ୍ୟର ତିନି ପ୍ରମୁଖ ରାଜନୈତିକ ଦଳ କମର କଷା ଭିତରେ ଆଜି ରାଜ୍ୟ ରାଜନୀତିକୁ ହଲଚଲ କରି ବିଜେପିରେ ସାମିଲ ହୋଇଛନ୍ତି ଜୟ ଢୋଲକିଆ। ନୂଆପଡ଼ାର ଦିବଂଗତ ବିଧାୟକ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ, ଉପନିର୍ବାଚନରେ ବିଜେଡିରୁ ପ୍ରାର୍ଥୀ ହେବା ନେଇ ଚର୍ଚ୍ଚା ଚାଲିଥିଲା। ତାଙ୍କୁ ଦଳୀୟ ପ୍ରାର୍ଥୀ ଭାବେ ପ୍ରୋଜେକ୍ଟ କରିଥିଲା ବିରୋଧୀ ଦଳ। କିନ୍ତୁ ପ୍ରାର୍ଥୀ ଘୋଷଣା ଆଗରୁ ବିଜେଡିର ସବୁ ଅଙ୍କକୁ ଭୁଲ୍ ପ୍ରମାଣିତ କରିଛି ବିଜେପି। ନିର୍ବାଚନର ଠିକ୍ ମାସକ ଆଗରୁ ଜୟଙ୍କୁ ନିଜ ଶିବିରକୁ ଆଣି ବିଜେଡିକୁ ବଡ଼ ଚେକ୍ ଦେଇଛ ପଦ୍ମ ଦଳ। ଜୟଙ୍କୁ ନିଜ ଶିବିରକୁ ଆଣିବାକୁ ଆଜି ବିଜେପି ରାଜ୍ୟ ମୁଖ୍ୟାଳୟରେ ହୋଇଥିଲା ବିଶାଳ ଆୟୋଜନ। ମୁଖ୍ୟମନ୍ତ୍ରୀ, ବିଜେପି ରାଜ୍ୟ ସଭାପତିଙ୍କ ସମେତ ବହୁ ବରିଷ୍ଠ ନେତାଙ୍କ ଗହଣରେ ଗେରୁଆ ଦଳରେ ସାମିଲ ହୋଇଥିଲେ ଜୟ। ଆଉ କହିଥିଲେ, ଦଳ ତାଙ୍କୁ ଯାହା ଦାୟିତ୍ୱ ଦେବ, ପାଳନ କରିବେ। ସେପଟେ ଜୟ ବିଜେପିକୁ ଆସିବା ପରେ ନୂଆପଡ଼ାରେ ସେ ବିକାଶର ମଙ୍ଗ ଧରିବେ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏପଟେ ଜୟ ଠିକ୍ ନିର୍ବାଚନ ପୂର୍ବରୁ ବିଜେପିକୁ ଡେଇଁବା ପରେ ବିଜେଡିକୁ ଲାଗିଛି ଶକ୍ତ ଧକ୍କା। ନୂଆପଡ଼ାରେ ଆଜି ଢୋଲକିଆଙ୍କ ସମର୍ଥକ ମଧ ବିଜେଡିରୁ ମୁହଁ ଫେରାଇ ନେଇଛନ୍ତି। ନୂଆପଡାରେ ଆଜି ଜୟଙ୍କୁ ନେଇ ଜନ ସମ୍ପର୍କ ପଦଯାତ୍ରା ସମାବେଶ କରିଥାନ୍ତା ବିଜେଡି। ଏଥିପାଇଁ ଦଳର ରାଜ୍ୟସ୍ତରୀୟ ନେତା ଗତକାଲିଠୁ ନୂଆପଡ଼ାରେ ଡେରା ପକାଇବା ସହ ବିଶେଷ ଆୟୋଜନ କରାଯାଇଥିଲା। ବିଜେଡି ବ୍ୟାନରରେ ପ୍ରସ୍ତୁତ ହୋଇଥିଲା ବିରାଟ ସଭାମଞ୍ଚ। କିନ୍ତୁ ଶନିବାର ସକାଳେ ଜୟ ପଦ୍ମ ଧରୁଥିବା ନେଇ ଭାଇରାଲ ହୋଇଥିଲା ପୋଷ୍ଟର। ଯାହାକୁ ନେଇ ଅକଳରେ ପଡ଼ିଥିଲା ବିଜେଡି। ପରେ କାର୍ଯ୍ୟକ୍ରମ ବାତିଲ କରି ଜରୁରୀ ବୈଠକ କରିଥିଲେ ନୂଆପଡା ଦାୟିତ୍ୱରେ ଥିବା ବିଜେଡି ନେତା। ହେଲେ ଢୋଲକିଆଙ୍କ ସମର୍ଥକମାନେ ବିଜେଡି ଆୟୋଜିତ କାର୍ଯ୍ୟକ୍ରମରୁ ବାହାରି ଯାଇ ବିନା ବ୍ୟାନରରେ ବଡ ରାଲିର ଆୟୋଜନ ଜୟଙ୍କ ସପକ୍ଷରେ ଶକ୍ତି ପ୍ରଦର୍ଶନ କରିଥିଲେ। ଜୟ ବିଜେପିକୁ ଆସିବା ପରେ ବିଜେଡି କହିଛି, ସେ ବିକ୍ରି ହୋଇଗଲେ। କଂଗ୍ରେସ ବି ସମାନ ଅଭିଯୋଗ ଆଣିଛି।ଯାହାର କଡ଼ା ଜବାବ ରଖିଛି ବିଜେପି। ସେପଟେ ଜୟ ପଦ୍ମ ଦଳକୁ ଆସିବା ପରେ ବିଜେପିରେ ବି ଦେଖାଦେଇଥିଲା ଅଡୁଆ ସ୍ଥିତି। ଅସନ୍ତୋଷ ପ୍ରକାଶ କରିଥିଲେ ନୂଆପଡା ବିଜେପିର ବରିଷ୍ଠ ନେତା ବସନ୍ତ ପଣ୍ଡା। କାରଣ ବସନ୍ତଙ୍କ ପୁଅ ଅଭିନନ୍ଦନ ପଣ୍ଡା ଉପନିର୍ବାଚନରେ ବି ପ୍ରାର୍ଥୀ ହେବା ନେଇ ଚର୍ଚ୍ଚା ଜୋର ଧରିଥିଲା।

## ଆରଜି କର୍ ମେଡିକାଲ୍ କଲେଜ ଘଟଣାର ରିପିଟ୍: ପଶ୍ଚିମବଙ୍ଗରେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ




ଜଳେଶ୍ୱର, ୧୧/୧୦ (ନି.ପ୍ର): ପଶ୍ଚିମବଙ୍ଗରେ ଆରଜି କର୍ ମେଡିକାଲ୍ କଲେଜ ଘଟଣାର ରିପିଟ୍। ଦୁର୍ଗାପୁରର ଏକ ଘରୋଇ ମେଡିକାଲ କଲେଜରେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ। ଜଳେଶ୍ୱର ଅଞ୍ଚଳର ଜଣେ ଓଡ଼ିଆ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ହୋଇଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ପୀଡ଼ିତା ମେଡିକାଲ ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। ତାଙ୍କର ଚିକିତ୍ସା ଚାଲିଛି। ଘଟଣାସ୍ଥଳରେ ଦୁର୍ଗାପୁର ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଜାତୀୟ ମହିଳା କମିଶନ ଟିମ୍ ବି ଘଟଣାସ୍ଥଳ ଅଭିମୁଖେ ଯାଉଥିବା ସୂଚନା ମିଳିଛି। ଗଣମାଧ୍ୟମ ସୂତ୍ର ଅନୁଯାୟୀ, ଡାକ୍ତରୀ ଛାତ୍ରୀ ଜଣଙ୍କ ତାଙ୍କ ପୁରୁଷ ବନ୍ଧୁଙ୍କ ସହ ଶୁକ୍ରବାର ରାତି ପ୍ରାୟ ସାଢେ ୮ଟା ବେଳେ କ୍ୟାମ୍ପସ୍ ବାହାରକୁ ଯାଇଥିଲେ। କଲେଜ୍ ଗେଟ୍ ନିକଟରେ ୪ ରୁ ୫ ଜଣ ଅଜ୍ଞାତ ଲୋକ ତାଙ୍କୁ ଟାଣିନେଇ ହସ୍ପିଟାଲ ପଛପଟେ ଏକ ଶୂନଶାନ୍ ସ୍ଥାନରେ ଗଣଦୁଷ୍କର୍ମ କରିଥିଲେ। ପୀଡ଼ିତା ଛାତ୍ରୀଙ୍କୁ ଏବେ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରାଯାଇଛି। ▶▶ପୃଷ୍ଠା ୭

## ବଡ଼ଦେଉଳର ସୁରକ୍ଷା ପାଇଁ ବଡ଼ ପଦକ୍ଷେପ: ଡିଜିସିଏ ରେଡ୍ ଜୋନରେ ଜଗନ୍ନାଥ ଧାମ




ପୁରୀ, ୧୧/୧୦ (ନି.ପ୍ର): ଶ୍ରୀମନ୍ଦିର ଆକାଶକୁ ଅଧିକରୁ ଅଧିକ ସୁରକ୍ଷିତ ରଖିବାକୁ ଘୋଷଣା ହୋଇଛି ରେଡ୍ ଜୋନ୍। ଗତ ସେପଟ୍ୟେର ୨୬ ତାରିଖରୁ ଏହି କଟକଣା ଲାଗିଥିବାବେଳେ ଅବଧି ରହିଛି ୩ ବର୍ଷ। ଅର୍ଥାତ ୨୦୨୮ ସେପଟ୍ୟେର ୨୫ ଯାଏଁ ରେଡ୍ ଜୋନ୍ ଅଧୀନରେ ରହିବ ଶ୍ରୀମନ୍ଦିର। ତେବେ କଣ ଏହି ରେଡ୍ ଜୋନ୍ ? ରେଡ୍ ଜୋନରେ କାହାପାଇଁ, କିଭଳି ରହିବ କଟକଣା ? ଡିଜିସିଏ ଗାଇଡଲାଇନ୍ ଅନୁସାରେ- ରେଡ୍ ଜୋନ୍ ନୋ ଫ୍ଲାଇଂ ଜୋନ୍ ସହିତ ଏଠାରେ ଡ୍ରୋନ୍ ଉଡ଼ାଇବା ସମ୍ପୂର୍ଣ୍ଣ ବ୍ୟାନ୍ । କେବଳ କେନ୍ଦ୍ର ସରକାରଙ୍କ ଅନୁମତିରେ ହିଁ କେହି ଡ୍ରୋନ୍ ଉଡ଼ାଇପାରିବେ। ନିୟମ ଉଲ୍ଲଂଘନ କଲେ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫାଇନ୍ ଓ ତଦନ୍ତର ବି ସମ୍ମୁଖୀନ ହେବାକୁ ପଡ଼ିବ। ଶ୍ରୀଜଗନ୍ନାଥ ମନ୍ଦିରକୁ ଜରଉ ତଙ୍ଗଘର ଭାବେ ଘୋଷଣା ହେବାପରେ ଅମାନିଆ ଡ୍ରୋନ୍ ଉଡାଣକାରୀଙ୍କ ଉପରେ ରୋକ୍ ଲାଗିବ ବୋଲି କହିଛନ୍ତି ପୁରୀ ଏସପି । ସେପଟେ ଏଭଳି ପଦକ୍ଷେପକୁ ସ୍ୱାଗତ କରିଛନ୍ତି ଉଭୟ ସେବାୟତ ଓ ଭକ୍ତ ମହଲ। ବିଭିନ୍ନ ସମୟରେ ଶ୍ରୀମନ୍ଦିରର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିଛି ଉଡ଼ନ୍ତା ଡ୍ରୋନ୍ । କେତେବେଳେ ଶ୍ରୀମନ୍ଦିର ଉପରେ ତ ଆଉ କେତେବେଳେ ଆଖପାଖ ଅଞ୍ଚଳରେ ଡ୍ରୋନ୍ ଉଡ଼ାଇ ନିୟମର ଉଲ୍ଲଂଘନ କରୁଥିଲେ ଅମାନିଆ। ଭିଡିଓ ଉତ୍ତୋଳନ କରି ସୋସିଆଲ ମିଡିଆରେ ବି ଭାଇରାଲ୍ କରୁଥିଲେ। ଏହାକୁ ନେଇ ଖାଲି ଶ୍ରୀମନ୍ଦିରର ସୁରକ୍ଷା ବିପଦରେ ପଡ଼ିନଥିଲା ବରଂ ଶ୍ରଦ୍ଧାଳୁଙ୍କ ମହଲରେ ବି ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। କଡ଼ା ଆଇନ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଜୋରଦାର ହେଉଥିଲା। ଗତକାଲି ଡ୍ରୋନ ଉଡ଼ାଉଥିବା ସମୟରେ ଛତିଶଗଡ଼ର ଜଣେ ଯୁବକଙ୍କୁ ପୋଲିସ କାବୁ କରିବା ସହିତ ରେଡ୍ ▶▶ପୃଷ୍ଠା ୭

## ହାତୀ ଆକ୍ରମଣରେ ଚାଷୀ ମୃତ

ଦେବଗଡ଼, ୧୧/୧୦ (ନି.ପ୍ର):, ଦେବଗଡ଼ ଜିଲ୍ଲାରେ ଥମୁନି ହାତୀ-ମଣିଷ ଲଢେଇ। ଦେବଗଡ଼ ରେଞ୍ଜର ଲଇମୁରା ସେକ୍ସନର ଖୁଲଡିହି ଗ୍ରାମରେ ଆଜି ସଂଧ୍ୟାରେ ହାତୀ ଆକ୍ରମଣରେ ଜଣେ ଚାଷୀର ମୃତ୍ୟୁ ଘଟିଛି। ମୃତକ ହେଲେ ସେହି ଗ୍ରାମର ଶୋଭାରାମ ରୋହିଦାସ(୪୧)। ସୂଚନା ଅନୁଯାୟୀ, ଶୋଭାରାମ ସଂଧ୍ୟା ସମୟରେ ନିଜ ଜମିକୁ ଯାଇଥିଲେ। ତେବେ ଅତର୍କିତ ଭାବେ ତାଙ୍କୁ ହାତୀ ପଲ ଆକ୍ରମଣ କରିଥିଲେ।

## ଉପର ପଡ଼ିଆରେ ବି ହେବ ବାଲିଯାତ୍ରା: ପଦାରେ ପଡ଼ିଲା ପ୍ରଶାସନର ଦୋମୁହାଁ ନୀତି

କଟକ, ୧୧/୧୦ (ନି.ପ୍ର): ଉପର ପଡ଼ିଆରେ ବାଲିଯାତ୍ରା ବନ୍ଦ ପାଇଁ ହୋଇଥିଲା କି ପ୍ରଶାସନିକ ଷଡ଼ଯନ୍ତ୍ର ? ହାଇକୋର୍ଟଙ୍କ ନାଁ ନେଇ ବିଭ୍ରାନ୍ତିକର ତଥ୍ୟ ଦେଇଥିଲେ କି କଟକ ଜିଲ୍ଲାପାଳ ? ଜିଲ୍ଲାପାଳ ସ୍ପଷ୍ଟ ଭାବେ କହିଥିଲେ- ଏଥର ଉପର ପଡ଼ିଆରେ ବାଲିଯାତ୍ରା ହେବ କି ନାହିଁ ତାହା ହାଇକୋର୍ଟ ନିଷ୍ପତ୍ତି ନେବେ ବୋଲି ଗତବର୍ଷଠୁ ନିର୍ଦ୍ଦେଶ ରହିଛି। ଜିଲ୍ଲାପାଳଙ୍କ ବୟାନ ଓ ହାଇକୋର୍ଟଙ୍କ ରାୟ ପୁରା ଓଲଟା। ଉଚ୍ଚ ଅଦାଲତ ସଫାସଫା କହିଛନ୍ତି- ଉପର ପଡ଼ିଆରେ ବାଲିଯାତ୍ରା କରିବା ନେଇ ଆମେ କୌଣସି ପ୍ରକାର ରୋକ୍ ଲଗାଇନୁ କି ପ୍ରଶାସନ ହାତରେ ବେଡ଼ି ପକାଇନୁ। ଏଣୁ କାହିଁକି ଏଥିପ୍ରତି ଅନୁମତି ଆବଶ୍ୟକ ହେଉଛି ? ଏହା ଜିଲ୍ଲା ପ୍ରଶାସନ ଅଧୀନରେ, ପ୍ରଶାସନ ଯେଉଁଠି ଚାହିଁବ ସେଇଠି ଆୟୋଜନ କରିପାରିବ। ତେବେ ଏନେଇ ଜିଲ୍ଲାପାଳଙ୍କର ପ୍ରତିକ୍ରିୟା ମିଳିପାରିନି। ହାଇକୋର୍ଟଙ୍କ ଏହି ରାୟ ପରେ ତେଜିଛି ବାଲିଯାତ୍ରା ବିବାଦ। ପ୍ରଶ୍ନ ଉଠୁଛି, କାହିଁକି ଦୋମୁହାଁ ନୀତି ଦେଖାଇଲା ଜିଲ୍ଲା ପ୍ରଶାସନ ? ଉପର ପଡ଼ିଆରେ କଟକଣା ନଥାଇ ବି କାହିଁକି ହାଇକୋର୍ଟଙ୍କ ଅନୁମତି ଲୋଡ଼ାଗଲା ? ହାଇକୋର୍ଟଙ୍କୁ ଆଳକରି ବିଭ୍ରାନ୍ତିକର ତଥ୍ୟ ଦେବାର ଉଦ୍ଦେଶ୍ୟ କଣ ? ଏହାକୁ ନେଇ ଜିଲ୍ଲା ପ୍ରଶାସନକୁ ଘେରିଛନ୍ତି ସିଏମସି ମେୟର ସୁବାସ ସିଂ। କହିଛନ୍ତି, ପ୍ରଶାସନ କଟକବାସୀଙ୍କୁ ଭୁଆଁ ବୁଲାଇବା ସହ ଲୋକଙ୍କ ଭାବାବେଗ ସହିତ ଖେଳିଛି। ଦୁଇବର୍ଷ ଧରି ଉପରପଡ଼ିଆରେ ବାଲିଯାତ୍ରା ହେବନାହିଁ ବୋଲି କହି ବାରମ୍ବାର ଲୋକଙ୍କୁ ବିଭ୍ରାନ୍ତ କରାଯାଉଛି । ଗତବର୍ଷ ଉପରପଡ଼ିଆରେ ବାଲିଯାତ୍ରା ହେବନି ବୋଲି ତତ୍କାଳୀନ ଡିସିପି କାହିଁକି ହାଇକୋର୍ଟରେ ସତ୍ୟପାଠ ଦାଖଲ କରିଥିଲେ ବୋଲି ପ୍ରଶ୍ନ କରିଛନ୍ତି ସୁବାସ। ▶▶ପୃଷ୍ଠା ୭

## ନକ୍ସଲଙ୍କ ଆଇଇଡି ବିସ୍ଫୋରଣରେ ଜଣେ ଯବାନ ଆହତ

ବିଜାପୁର,୧୧/୧୦ : ଛତିଶଗଡ଼ ରାଜ୍ୟ ବିଜାପୁରର ତାଡାପଲ୍ଲୀ ଅଂଚଳରେ ନକ୍ସଲବାଦୀଙ୍କ ଦ୍ୱାରା ବିଛାଯାଇଥିବା ଆଇଇଡି ବିସ୍ଫୋରଣରେ ଶନିବାର କୋବ୍ରା ବାଟାଲିଅନ ୨୦୬ର ଟିମ୍ ନମ୍ବର ୧୧ର ହେଡ୍ କନଷ୍ଟେବଲ୍ (ଜିଡି) ଦୀପକ ଦୁଲେ ଆହତ ହୋଇଛନ୍ତି। ପ୍ରାଥମିକ ଚିକିତ୍ସା ପରେ ଅନ୍ୟ ନିୟୋଜିତ ଯବାନମାନେ ତୁରନ୍ତ ଆହତ ଯବାନଙ୍କୁ ବିଜାପୁର ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିଲେ। ତାଙ୍କର ଚିକିତ୍ସା ଚାଲିଛି। ବିଜାପୁର ପୋଲିସ ଅଧିକ୍ଷକ ଏହି ଘଟଣାକୁ ନିଶ୍ଚିତ କରିଛନ୍ତି।

## କୃଷକଙ୍କୁ ବଡ଼ ଭେଟି ଦେଲେ ମୋଦୀ : ଉଦ୍‌ଘାଟନ କଲେ ୪୨ ହଜାର କୋଟିରୁ ଅଧିକ ମୂଲ୍ୟର ପ୍ରକଳ୍ପ



ନୂଆଦିଲ୍ଲୀ,୧୧/୧୦ : ଚାଷୀଙ୍କ ପାଇଁ ଦୁଇଟି ବଡ଼ ମହତ୍ତ୍ୱାକାଂକ୍ଷୀ ଯୋଜନାର ଶୁଭାରମ୍ଭ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ପ୍ରଧାନମନ୍ତ୍ରୀ ଧନ ଧାନ୍ୟ କୃଷି ଯୋଜନା ଓ ଡାଲି ଉତ୍ପାଦନରେ ଆତ୍ମନିର୍ଭରଶୀଳ ମିଶନର ଆରମ୍ଭ ହୋଇଛି । ଏହି ଯୋଜନାର ଶୁଭାରମ୍ଭ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ଦୁଇଟି ଯାକ ଯୋଜନା ଦେଶର ଲକ୍ଷାଧିକ ଚାଷୀଙ୍କ ମୁହଁରେ ହସ ଫୁଟାଇବ। ଯୋଜନାରେ ସରକାର ପାଖାପାଖି ୩୫ହଜାର କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ କରିବେ । ଗତ ୧୧ ବର୍ଷ ମଧ୍ୟରେ ଭାରତର କୃଷି ରପ୍ତାନୀ ପ୍ରାୟ ଦୁଇଗୁଣ ବୃଦ୍ଧି ପାଇଛି । ସେହିପରି ରାଜ୍ୟର ମତ୍ସ୍ୟ ଚାଷୀ ଓ ବ୍ୟବସାୟୀଙ୍କ ପାଇଁ ସମ୍ବଲପୁରରେ ୧୦୦ କୋଟି ଟଙ୍କା ବ୍ୟୟରେ ହେବାକୁଥିବା ଆକ୍ୱା ପାର୍କ ଏବଂ ଭୁବନେଶ୍ୱର ପାଣ୍ଡରାଠାରେ ଅତ୍ୟାଧୁନିକ ପାଇକାରୀ ମାଛ ମାର୍କେଟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ପ୍ରଧାନମନ୍ତ୍ରୀ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ପିଏମ୍ ଧନ-ଧାନ୍ୟ କୃଷି ଯୋଜନାର ଲାଭ ସିଧାସଳଖ ଚାଷୀଙ୍କୁ ମିଳିବ। କୃଷକଙ୍କ ଆୟ ବୃଦ୍ଧି ପାଇଁ ଦେଶର ୧୦୦ ନିମ୍ନ-ଉତ୍ପାଦନକାରୀ ଜିଲ୍ଲା ଗୁଡ଼ିକର ସାମଗ୍ରିକ ବିକାଶ ହେବ।

# ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆସିବା ପରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହୋଇଆସୁଛି : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୧/୧୦ (ନି.ପ୍ର): ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଭାସୀରେ ରାଜଧାନୀର ପାଣ୍ଡରାଠାରେ ଏକ ବୃହତ୍ ମାଛ ମାର୍କେଟର ଶିଳାନ୍ୟାସ କରିଛନ୍ତି। ଏଥିଲାଗି ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଓଡ଼ିଶା ଭଳି ଏକ ରାଜ୍ୟରେ ବ୍ୟାପକ ଫସଲ ହାନି ପ୍ରତିବର୍ଷ ହୋଇଥାଏ । ବାତ୍ୟା, ବନ୍ୟା, ମରୁଡ଼ି, ଅଦିନିଆ ବର୍ଷା ଆଦି ପାଇଁ ରାଜ୍ୟର ଚାଷୀକୁଳକୁ କ୍ଷତି ପହଞ୍ଚାଇଥାଏ। ଏଥିପାଇଁ ପ୍ରଧାନମନ୍ତ୍ରୀ ଅନ୍ନଦାତା ଓ ଚାଷୀଙ୍କ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଜରିଆରେ ତୁରନ୍ତ କ୍ଷତିପୂରଣ ସୁନିଶ୍ଚିତ କରିଛନ୍ତି । ଅଦିନିଆ ବର୍ଷାରେ କ୍ଷୟକ୍ଷତି ହୋଇଥିବା ଚାଷଜମିର ଆକଳନ କରି ବିଭାଗ ପକ୍ଷରୁ କ୍ଷତିପୂରଣ ବାବଦରେ ଆବଶ୍ୟକୀୟ ଅର୍ଥ ପ୍ରଦାନ କରିଛୁ । ଯାହା ପୂର୍ବ ସରକାର କରିନଥିଲେ। ଦେଶରେ ତୈଳବୀଜ, ଡାଲି ଜାତୀୟ ଫସଲ ଦିଗରେ ଆତ୍ମନିର୍ଭରଶୀଳ ହେବାକୁ ଆଗେଇ ଚାଲିଛୁ ଏବଂ ଅନ୍ୟ ଦେଶ ଉପରେ ନିର୍ଭରଶୀଳତା କମେଇବା ପ୍ରୟାସ କରୁଛୁ। ଏଥିପାଇଁ କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନା ଓ ପରିଯୋଜନା କାର୍ଯ୍ୟକାରୀ କରୁଛୁ । ଆମ ସରକାର ଆସିବା ପରେ ୨୦୨୫-୨୬ ବଜେଟରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ବିକାଶ ପାଇଁ ସ୍ୱତନ୍ତ୍ର ଧ୍ୟାନ ଦେଇଛୁ। ସର୍ବାଧିକ ୩୭ ହଜାର ୮୦୦ କୋଟି ଟଙ୍କାର ସମୃଦ୍ଧ କୃଷକ ଯୋଜନା ହାତକୁ ନେଇଛୁ। ଗତବର୍ଷ ପ୍ରାୟ ୨୦ ଲକ୍ଷରୁ ଅଧିକ ଚାଷୀ ରବି ଓ ଖରିଫ ଋତୁରେ ଲାଭାନ୍ୱିତ ହୋଇଛନ୍ତି। ଏଥିପାଇଁ ଉତ୍ସାହିତ ହୋଇ ପଡ଼ିଆ ରହୁଥିବା ଚାଷଜମିରେ ଲୋକମାନେ ଚାଷ କରିଛନ୍ତି। ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳାଙ୍କ ଆୟ ବୃଦ୍ଧି ଚେଷ୍ଟା କରାଯାଇଛି। ପାରିବାରିକ ବାର୍ଷିକ ଆୟ ୩୦ ହଜାରରୁ ୬୦ ହଜାର ଟଙ୍କାକୁ ବୃଦ୍ଧି ପାଇଛି। ଆମ ସରକାର ପ୍ରଚାର ସର୍ବସ୍ୱ ନୁହଁନ୍ତି। ଏହି ଯୋଜନାର ସଫଳ ରୂପାୟନ ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ । ଆମ ରାଜ୍ୟ ଏକ ମତ୍ସ୍ୟ ବହୁଳ ରାଜ୍ୟ । କିନ୍ତୁ ଅନ୍ୟ ରାଜ୍ୟ ଉପରେ ମାଛ ପାଇଁ ନିର୍ଭରଶୀଳ ହେବାକୁ ପଡୁଥିଲା । କିନ୍ତୁ ବର୍ତ୍ତମାନ ଆମ ରାଜ୍ୟ ଉତ୍ପାଦନ ସହ ବିକ୍ରି କରିବ। ମାଛ ଚାଷ ପାଇଁ ପୋଖରୀର ଆବଶ୍ୟକତା ନାହିଁ ବରଂ ଘର ସାମନାରେ ବାୟୋ ଫ୍ଲକ ଟେକ୍ନୋଲୋଜିରେ ମତ୍ସ୍ୟ ଚାଷ କରାଯାଇପାରିବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହୁରି କହିଛନ୍ତି, ପାଣ୍ଡରାର ୧୮ ନମ୍ବର ୱାର୍ଡଠାରେ ମାଛ ମାର୍କେଟ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ପ୍ରଧାନମନ୍ତ୍ରୀ ।୬ ଏକର ଜାଗାରେ ହେବ ମାଛ ମାର୍କେଟ। ୫୯ କୋଟି ୧୩ ଲକ୍ଷ ଟଙ୍କାର ବିନିଯୋଗରେ ଏହି ପ୍ରକଳ୍ପ ପାଇଁ ବଜେଟ ରହିଛି। କେନ୍ଦ୍ର ସରକାର ୩୦ କୋଟି ରାଜ୍ୟ ସରକାର ୨୯ କୋଟି ୧୩ ଲକ୍ଷ ଟଙ୍କା ବିନିଯୋଗ କରିବେ। ହୋଲସେଲ ଗୃହ, ବରଫ କାରଖାନା, ସୋଲାର ଏନର୍ଜି ପ୍ରଣାଳୀ,ବ୍ୟାବସାୟିକ ଗୃହ ରହିବ। ୧୪୩ଟି ଦୋକାନ ସହ ୨୦୦୦ ରୁ ଅଧିକ ଲୋକଙ୍କ ପାଇଁ ପରୋକ୍ଷ ଭାବେ ରୋଜଗାର ସୁନିଶ୍ଚିତ କରିବ ଏହି ମାଛ ମାର୍କେଟ। ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ବିଏମସି ସହ ଚୁକ୍ତି ହୋଇଛି । ୨୦୨୭ ସୁଦ୍ଧା ଏହି ପ୍ରକଳ୍ପ ସାରିବାର ଯୋଜନା ରହିଛି।

## ଦିଲ୍ଲୀରେ ଆଫଗାନ ନେତାଙ୍କ ସାମ୍ବାଦିକ ସମ୍ମିଳନୀ: କିନ୍ତୁ ମହିଳା ସାମ୍ବାଦିକାଙ୍କୁ ନୋ ଏଣ୍ଟ୍ରି

ନୂଆଦିଲ୍ଲୀ,୧୧/୧୦ : ନୂଆଦିଲ୍ଲୀରେ ଆଫଗାନିସ୍ତାନ ବୈଦେଶିକ ମନ୍ତ୍ରୀ ଆମିର ଖାନ୍ ମୁତ୍ତାକିଙ୍କ ସାମ୍ବାଦିକ ସମ୍ମିଳନୀରେ ମହିଳା ସାମ୍ବାଦିକଙ୍କୁ ସୁଯୋଗ ଦିଆଯାଇ ନଥିଲା । ଏହାକୁ ନେଇ ରାଜନୀତି ଜୋର୍ ଧରିଛି । କଂଗ୍ରେସ ସମେତ ବିଭିନ୍ନ ଦଳ ଓ ବହୁ ସାମ୍ବାଦିକ ଏହାକୁ ବିରୋଧ ସହିତ ସମାଲୋଚନା କରିଛନ୍ତି । ଭାରତ ଗସ୍ତରେ ଥିବା ଆଫଗାନିସ୍ତାନ ବୈଦେଶିକ ମନ୍ତ୍ରୀ ଆମିର ଖାନ୍ ମୁତ୍ତାକି ଓ ଭାରତର ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କରଙ୍କ ମଧ୍ୟରେ ଗତକାଲି ସାକ୍ଷାତ ଆଲୋଚନା ହୋଇଯାଇଥିଲା । ଏହାପରେ ନୂଆଦିଲ୍ଲୀସ୍ଥିତ ଆଫଗାନ ଦୂତାବାସରେ ଆୟୋଜନ କରାଯାଇଥିଲା ଏକ ସାମ୍ବାଦିକ ସମ୍ମିଳନୀ ।

# ମେଗା ପାନୀୟଜଳ ପ୍ରକଳ୍ପ ପରିଦର୍ଶନ ଓ ସମୀକ୍ଷା କଲେ ବିଧାୟକ

ଖଇରା, ୧୧/୧୦ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ର ଶାରିଶୁଆ ପାହାଡ ପାଦଦେଶରେ ଥିବା କୁପାରୀ ଜୋନର ୭ ପଞ୍ଚାୟତ କୁ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେବାକୁ ୨୦୨୩ ମସିହାରେ ଆରମ୍ଭ ହୋଇଥିବା ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ନେଇ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଶନିବାର ଜଳ ଓ ପରିମଳ ବିଭାଗର ଅଧିକାରୀଙ୍କ ସହ କ୍ଷେତ୍ର ପରିଦର୍ଶନ କରିଛନ୍ତି । ପ୍ରଥମେ ବିଧାୟକ ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ସରପଞ୍ଚ ବିଚିତ୍ର ପାତ୍ର, ଜଳ ଓ ପରିମଳ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ସମୀର ଦେ,ସହକାରୀ ଯନ୍ତ୍ରୀ ଓ କାର୍ଯ୍ୟର ଦାୟିତ୍ୱ ନେଇଥିବା ନାଗାର୍ଜୁନ କମ୍ପାନୀର ଅଧିକାରୀ ମାନେ ଉପସ୍ଥିତ ଥିଲେ । ଏ ସମ୍ପର୍କରେ ପାନୀୟ ଜଳ ଓ ପରିମଳ ବିଭାଗ,ଠିକାଦାର କମ୍ପାନୀର ଅଧିକାରୀ,ସ୍ଥାନୀୟ ଲୋକପ୍ରତିନିଧି ଓ ଜନସାଧାରଣ ଙ୍କ କାର୍ଯ୍ୟର ଅଗ୍ରଗତି ନେଇ ଆଲୋଚନା କରିଥିଲେ । କୁପାରୀ ଓ ହରିପୁରରେ ଟାଙ୍କି ଅସଂପୂର୍ଣ୍ଣ ରହିବା,କଂକ୍ରିଟ ରାସ୍ତା ଖୋଳି ପାଇପ ବିଛାଯିବା ପରେ ମରାମତି ନକରି ଛାଡିଦିଆଯିବା,ଠିକାଦାରଙ୍କ ଅଧିନରେ କାମ କରି ଅର୍ଥ ପାଇନଥିବା ନେଇ ବହୁ ଗ୍ରାମବାସୀ ଓ ଲୋକପ୍ରତିନିଧି ଅଭିଯୋଗ କରିଥିଲେ । ଜାନୁଆରୀ ମାସ ଶେଷ ସୁଦ୍ଧା ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଯିବ ବୋଲି ଅଧିକାରୀ ମାନେ ପ୍ରତିଶୃତି ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏହି ପ୍ରକଳ୍ପ ଉଦଘାଟନ କରାଯିବାର ଯୋଜନା ରହିଥିବାରୁ ଏଗୁଡିକ ର ଯଥାଶୀଘ୍ର ସମାଧାନ ପାଇଁ ବିଧାୟକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ପାଟଣା ବ୍ଲକ କଂଗ୍ରେସ ପକ୍ଷରୁ ଗୋପବନ୍ଧୁ ଜୟନ୍ତୀ ପାଳିତ

କେନ୍ଦୁଝର, ୧୧/୧୦ (ନି.ପ୍ର): ସାରା ରାଜ୍ୟରେ ଗୋପବନ୍ଧୁ ଦାସଙ୍କ ୧୪୮ ତମ ଜନ୍ମ ଜୟନ୍ତୀ ପାଳନ କରାଯାଉଛି । ଅବସରରେ ପାଟଣା ବ୍ଲକ କଂଗ୍ରେସ ପକ୍ଷରୁ ପାଟଣା ବଜାରରେ ଆଜି ଗୋପବନ୍ଧୁଙ୍କ ଜୟନ୍ତୀ ପାଳନ କରାଯାଇଛି । ଗୋପବନ୍ଧୁଙ୍କ ଫୋଟରେ ମାଲ୍ୟାର୍ପଣ କରାଯାଇ ତାଙ୍କର ଆଦର୍ଶକୁ ମନେ ପକାଇ ଥିଲେ । ଆଜି ରାଜ୍ୟ ତାଙ୍କୁ ଜଣେ ମହାପୁରୁଷ ଭାବେ ପୂଜା କରୁଛି । ତାଙ୍କର ସରଳ ଜୀବନ ଯାପନ, ସେବା ଓ ଆଦର୍ଶକୁ ସମସ୍ତେ ମନେପକାଇଥିଲେ । ତାଙ୍କ ଆଦର୍ଶକୁ ଅନୁକରଣ କରି ନିଜକୁ ସେବା ମାର୍ଗରେ ଯିବା ପାଇଁ ଉପସ୍ଥିତ ଅତିଥିମାନେ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ପାଟଣା ବ୍ଲକ ପୂର୍ବତନ ବ୍ଲକ ଅଧକ୍ଷ ତଥା ସାମାଜିକ କର୍ମୀ ଇଂ ବିଦ୍ୟାଧର ଦାଶ, ବରିଷ୍ଠ ନେତା କୈଳାସ ଚନ୍ଦ୍ର ବାରିକ, କୈବଲ୍ୟ ଚୌଧୁରୀ, ମଣୀ ରନ୍ ବାରିକ, ବସୁମତୀ ନାଏକ, ଦିଲ୍ଲୀପ କୁମାର ଦାଶ, ବୈରାଗୀ ନାଏକ, ଗୌର ଚନ୍ଦ୍ର ନାଏକ, ଶ୍ରୀବତ୍ସ ତ୍ରିପାଠୀ, ଭଗବତୀ ନାଏକ, ରୁକ୍ମଣୀ ନାଏକ, ଉଦ୍ଧବ ମହାନ୍ତି, ସମିମ ଆଲାମ ଆଦି ବରିଷ୍ଠ ନେତା ମାନଙ୍କ ସହିତ ବହୁ ସଂଖ୍ୟାରେ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

# ଆନ୍ତଃ ରାଜ୍ୟ ଡକାୟତ ଗ୍ୟାଙ୍ଗକୁ କାବୁ କଲା କେନ୍ଦୁଝର ପୋଲିସ

କେନ୍ଦୁଝର, ୧୧/୧୦ (ନି.ପ୍ର): ଜିଲ୍ଲାରେ ଚୋରି ରାହାଜାନୀ, ଡକାୟତି ଆଦି ଘଟଣା ବୃଦ୍ଧି ପାଇଛି । ଏନେଇ କେନ୍ଦୁଝର ପୋଲିସ ମଧ ବେଶ ତତ୍ପର ହୋଇଛି । ଯେ କୌଣସି ଘଟଣା ହେଉ କେନ୍ଦୁଝର ପୋଲିସ ଏହାକୁ ତଦନ୍ତ କରି ଶୀଘ୍ର ସଫଳତା ସହ ସମାଧାନ କରିବା ସହ ଗ୍ୟାଙ୍ଗ ଗୁଡ଼ିକୁ ଧରିବାରେ ସକ୍ଷମ ହେଉଛି । ଏଭଳି ଏକ କେନ୍ଦୁଝର ଟାଉନ ଥାନା ଅଂଚଳରେ ଡକାୟତି ଉଦ୍ୟମ କରୁଥିବା ବେଳେ କେନ୍ଦୁଝର ପୋଲିସ ୯ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଆଜି ଏନେଇ ଏସପି ନିତିନ କୁଶଲକର ଏକ ପ୍ରେସମିଟ କରି ଏହି ସୂଚନା ଦେଇଛନ୍ତି । ସେମାନେ ମହାକାଳ ନାମରେ ଏକ ଗ୍ୟାଙ୍ଗ କରି ଅପରାଧିକ କାର୍ଯ୍ୟକଳାପ ଚଳାଇ ଆସୁଥିଲେ । ସେମାନଙ୍କ ଠାରୁ ୫.୬୫ ଏମ ଏମ ୫ଟି ପିସ୍ତଲ, ୭ ଟି ୭.୬୫ ଏମ ଏମ ମାଗାଜିନ୍, ୨୫ ଟି ୭.୬୫ ଅଫୁଟା ମାଗାଜିନ୍, ୪ଟି ବୋମା, ବହୁ ଫୁଟା ଓ ଅଫୁଟା ଗୁଳି, ୨ଟି ଖଣ୍ଡା, ୨କଟୁରୀ, ଗୋଟିଏ ଲୁହା ଛଡ଼, ଗୋଟିଏ କଳା ମହିନ୍ଦ୍ରା ଥାର ଗାଡି ଆଦି ମାରଣାସ୍ତ୍ର ପୋଲିସ ଜବତ କରିଛି । ସେମାନଙ୍କ ନାମରେ କେନ୍ଦୁଝର, ମୟୂରଭଞ୍ଜ ଜିଲା ତଥା ଝାରଖଣ୍ଡ ରାଜ୍ୟରେ ୩୭ରୁ ଉର୍ଦ୍ଧ ଅପରାଧିକ ମାମଲା ରହିଥିବା ସୂଚନା ଦେଇଛନ୍ତି କେନ୍ଦୁଝର ଏସପି । ସେମାନଙ୍କ ମଧ୍ୟରୁ କେତେକ ଯୋଡ଼ାରେ ନିକଟରେ ଏକ ଡକାୟତି ଉଦ୍ୟମ ଘଟଣାରେ ସଂପୃକ୍ତି ଥିବା ପୋଲିସ କହିଛି । ସାମାଜିକ ଗଣମାଧ୍ୟମରେ ସେମାନେ ରିଲସ କରି ସେମାନଙ୍କ ଦବଦବା ଜାହିର କରୁଥିଲେ । ସେମାନେ ହେଲେ ଗଣେଶ ଗିରି, ପ୍ରିୟ ଦର୍ଶନ ପ୍ରଧାନ, ପର୍ଶୁରାମ ପ୍ରଧାନ, ନିର୍ମଳ ପ୍ରଧାନ, ସୁଭାଷ ଗିରି, ରଞ୍ଜନ ପଲେଇ, ବିନୋଦ ମୁଣ୍ଡା, ରୋହିତ ନାଏକ, ଏମଡି ଜିସାନ ବୋଲି ଜଣାପଡିଛି । ଟାଉନ ଥାନାରେ କେସ ନମ୍ବର ୭୮୦/୨୦୨୫ ରେ ମାମଲା ରୁଜୁ କରି ସେମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ପୋଲିସ । ପ୍ରକାଶ ଯେ, ଏହି ଗ୍ୟାଙ୍ଗ କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ନରଣପୁର ସ୍ଥିତ ବ୍ୟାଙ୍କ ଅଫ ଇଣ୍ଡିଆରେ ଡକାୟତି କରିବାକୁ ଉଦ୍ୟମ କରୁଥିବା ବେଳେ କେନ୍ଦୁଝର ଟାଉନ ଥାନା ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଏମାନଙ୍କୁ ଗିରଫ କରିଥିବା ଆଜି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର ଦଗଡୁ । ଏହା ସହ ପୋଲିସ ସେମାନଙ୍କ ଅନ୍ୟ କୌଣସି ଅପରାଧରେ ସଂପୃକ୍ତି ନେଇ ଯାଂଚ୍ କରିଛି ଓ ଏଥିରେ ସଂପୃକ୍ତ ଅନ୍ୟମାନଙ୍କୁ ଗିରଫ କରିବାକୁ ଉଦ୍ୟମ ଚଳାଇଛି ବୋଲି ମଧ ଏସପି ସୂଚନା ଦେଇଛନ୍ତି ।

# ହବିଷ୍ୟାଳୀ କେନ୍ଦ୍ର ଦାୟିତ୍ୱରେ ବରିଷ୍ଠ ଅଧିକାରୀ

ପୁରୀ, ୧୧/୧୦ (ନି.ପ୍ର): କାର୍ତିକ ବ୍ରତ ବା ରାଇଦାମୋଦର ବ୍ରତ ପାଇଁ ସରକାରଙ୍କ ନିର୍ଦ୍ଦେଶ କ୍ରମେ ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ୫ଟି ହବିଷ୍ୟାଳୀ କେନ୍ଦ୍ର ଚଳଚଂଚଳ ହୋଇ ଉଠିଛି । ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ନିଜେ ସମସ୍ତ ହବିଷ୍ୟାଳୀ କେନ୍ଦ୍ରକୁ ଏକାଧିକ ବାର ପରିଦର୍ଶନ କରି ତାହାର ସ୍ଥିତି ଅନୁଧାନ କରୁଛନ୍ତି । କୌଣସି କେନ୍ଦ୍ରରେ ଯେପରି କୌଣସି ଅସୁବିଧା ନ ହୁଏ ସେଥି ପ୍ରତି ସଜାଗ ରହିବାକୁ ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ବିଭିନ୍ନ ହବିଷ୍ୟାଳୀ କେନ୍ଦ୍ର ବୁଲିବା ସମୟରେ ହବିଷ୍ୟାଳୀ ମା ମାନଙ୍କ ସହ ଜିଲ୍ଲାପାଳ ଆଲୋଚନା କରିବା ସହ ସେମାନେ ଉଠାଉ ଥିବା ବିବିଧ ସମସ୍ୟାର ତ୍ୱରିତ ସମାଧାନ ପାଇଁ ନିର୍ଦ୍ଦେଶ ଦେଉଛନ୍ତି । ଜିଲ୍ଲାପାଳ ଏହି ୫ଟି କେନ୍ଦ୍ରର ଶୃଙ୍ଖଳିତ ପରିଚାଳନା ପାଇଁ ବରିଷ୍ଠ ଅଧିକାରୀ ମାନଙ୍କୁ ଦାୟିତ୍ୱ ଦେଇଛନ୍ତି । ବୃନ୍ଦାବତୀ ହବିଷ୍ୟାଳୀ କେନ୍ଦ୍ରରେ ବରିଷ୍ଠ ଅଧିକାରୀ ଭାବେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଓ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡଃ. ଶରତ ଚନ୍ଦ୍ର ମହାପାତ୍ର, ବଗଲା ଧର୍ମଶାଳା ଦାୟିତ୍ୱରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ମୋଚିସାହି କଲ୍ୟାଣ ମଣ୍ଡପ ଠାରେ ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ ଓ ରେଲୱେ କଲ୍ୟାଣ ମଣ୍ଡପ ଦାୟିତ୍ୱ ରେ ପିକେଡିଏ ସମ୍ପାଦକ ଦିଲ୍ଲୀପ କୁମାର ମହାରଣା ଓ ଉପ ଜିଲ୍ଲାପାଳ ରାଜ କିଶୋର ଜେନା ରହିଛନ୍ତି । ବରିଷ୍ଠ ଅଧିକାରୀଙ୍କ ଅଧିନରେ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, କର୍ମଚାରୀ, ସ୍ୱେଚ୍ଛାସେବୀ ମାନେ କାର୍ଯ୍ୟରତ ଅଛନ୍ତି ।

# ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ

ସମ୍ବଲପୁର, ୧୧/୧୦ (ନି.ପ୍ର): ସମ୍ବଲପୁର ଜିଲ୍ଲା ପ୍ରଶାସନ ଓ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଜିଲ୍ଲା ପୁନର୍ବାସ ଓ ଥଇଥାନ କେନ୍ଦ୍ର, ବାଲିବନ୍ଧ, ସମ୍ବଲପୁର ଠାରେ ଜିଲ୍ଲା ସ୍ତରୀୟ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ- ୨୦୨୫ ପାଳନ ହୋଇଯାଇଛି ଓ ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇ (ଓ. ପ୍ର.ସେ), ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୌରଚନ୍ଦ୍ର ପାଣି, ଅରୋବିନ୍ଦୋ ମହାପାତ୍ର, ବିଭୁତି ପଟ୍ଟନାୟକ- ସମ୍ବଲପୁରୀ ଗାୟକ, ଶ୍ରୀ ଦିଲ୍ଲୀପ ବାଗ- ଗାୟକ ତଥା ଲେଖକ, ଡଃ. ଦେବେନ ପଟ୍ଟନାୟକ- ଅବସରପ୍ରାପ୍ତ ପାଠକ, ଧୀରେନ୍ଦ୍ର କୁମାର ମହାନ୍ତି- ଅବସରପ୍ରାପ୍ତ ରାଜସ୍ୱ ଅଧିକାରୀ ପ୍ରମୁଖ ମଂଚାସୀନ ଥିଲେ । ଉକ୍ତ ଦିବସରେ ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇ (ଓ. ପ୍ର.ସେ) ନିଜର ବକ୍ତବ୍ୟରେ, ଆମ ସମାଜରେ ବରିଷ୍ଠ ନାଗରିକମାନଙ୍କର ଅମୂଲ୍ୟ ଭୂମିକାକୁ ଚିହ୍ନିବା ପାଇଁ ଆମର ପ୍ରୟାସରେ ଆଜିର ଦିନଟି ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ରୂପେ ପାଳନ କରିଥାଉ ବୋଲି ପ୍ରକାଶ କରିଥିଲେ । ପରିବର୍ତ୍ତନଶୀଳ ସମାଜରେ ଖାପ ଖୁଆଇ ଚାଲିବା ସହିତ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ କିପରି ପ୍ରତିବନ୍ଧିତ ଅନୁଭବ ନହୁଏ ସେ ପ୍ରତି ଧ୍ୟାନ ଦେବାକୁ କହିଥିଲେ । ବୟସ ବଢ଼ିବା ସହିତ ଶରୀରରେ ବିଭିନ୍ନ ରୋଗ ଓ ଅସୁବିଧା ସ୍ୱାଭାବିକ ଭାବେ ଆସେ ସେଥିପାଇଁ ସମସ୍ତ ଚିକିତ୍ସା ସହାୟତା ସହିତ ସମୟୋପଯୁକ୍ତ ଜାଗରୁକତା ଆମେ ଯୋଗାଇ ଦେବୁ । ବୟୋବୃଦ୍ଧ ଅବସ୍ଥା କେବଳ ଶାରୀରିକ ନୁହେଁ, ମନୋବୃତିକ ଓ ସାମାଜିକ ସହାୟତା ମଧ ଅତ୍ୟନ୍ତ ଜରୁରୀ, ସେଥିପାଇଁ ସରକାରଙ୍କ ପକ୍ଷରୁ ବରିଷ୍ଠ ନାଗରିକଙ୍କୁ ଅନେକ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି ବୋଲି ସୂଚନା ଦେଇଥିଲେ । ବରିଷ୍ଠ ନାଗରିକମାନେ ଉତରପିଢି ପାଇଁ ଦିଗଦର୍ଶକ ଓ ପଥପ୍ରଦର୍ଶକ ଏବଂ ସେମାନେ ସମାଜ ପାଇଁ ସମ୍ପଦ ବୋଲି ମତପ୍ରକାଶ କରି ସମସ୍ତଙ୍କର ମଙ୍ଗଳ କାମନା କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ପୁନର୍ବାସ ଓ ଥଇଥାନ କେନ୍ଦ୍ରରୁ ପ୍ରାୟ ୩୦୦ ଜଣ ବରିଷ୍ଠ ନାଗରିକ ମାନେ ଯୋଗଦାନ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକଙ୍କୁ ୩ଟି ଶ୍ରବଣ ଯନ୍ତ୍ର, ଆଶା ବାଡି, ନି କ୍ୟାପ ଆଦି ପ୍ରଦାନ କରାଯିବା ସହିତ ଆଜି ବରିଷ୍ଠ ନାଗରିକ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ କରାଯାଇ ଆଖି, କାନ, ନାକ, ଅସ୍ଥି, ରକ୍ତ ପରୀକ୍ଷା ଆଦି କରାଯାଇଥିଲା । ଏହି ଅବସରରେ ଶେଷରେ ବିଭୁତି ପଟନାୟକଙ୍କ ସମ୍ବଲପୁରୀ ସାଂସ୍କୃତିକ ଦଳ ଏବଂ ଭୁବନେଶ୍ୱରରୁ ଆସିଥିବା ଇକୋ ଆବିଲିଟି ଟ୍ରଷ୍ଟର କଳାକାର ମାନଙ୍କ ଦ୍ୱାରା ସାମାଜିକ ବାର୍ତାବହ ପ୍ରସ୍ତୁତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଅବସରରେ ଆଇନ ସଚେତନତା ଶିବିର

ଜୟପୁର, ୧୧/୧୦ (ନି.ପ୍ର): ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଅବସରରେ ଆଇନ ସଚେତନତା ଶିବିର ଜିଲ୍ଲା ଆଇନ ସେବାପ୍ରାଧିକରଣ, କୋରାପଟୁ- ଜୟପୁର ଆନୁକୂଲ୍ୟରେ ଆଜି ଜୟପୁର କଲେଜ ଅଫ୍ ଫାର୍ମାସି ରୋଣ୍ଡାପାଲି ଠାରେ ଶ୍ରୀ ପ୍ରଦୀପ କୁମାର ମହନ୍ତ, ଜିଲ୍ଲା ଜଜ୍ ତଥା ଅଧକ୍ଷ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଙ୍କ ତତ୍ୱବଧାନରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଅନୁଷ୍ଠିତ ହୋଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ଶ୍ରୀ ବିଷ୍ଣୁପ୍ରସାଦ ଦେବତା, ରେଜିଷ୍ଟ୍ରାର ସିଭିଲ କୋର୍ଟ ତଥା ଇନଚାର୍ଜ ସଚିବ ଜିଲ୍ଲା ଆଇନସେବା ପ୍ରାଧିକରଣ, ଜୟପୁର, ଅନ୍ୟ ମଂଚାସିନ ଅତିଥି ଭାବରେ ଶ୍ରୀ ହରମନ ଦାସ, ସୁଶ୍ରୀ ଦୀକ୍ଷା ରାଉତରାଏ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ, ପ୍ରିୟମ୍ବଦା ସରଙ୍ଗୀ ନିର୍ଦ୍ଦେଶକ ଜୟପୁର କଲେଜ ଅଫ୍ ଫାର୍ମାସି ରୋଣ୍ଡାପାଲି, ଶ୍ରୀ ସତ୍ୟବ୍ରତ ଜେନା ପ୍ରିନ୍ସପାଲ ଜୟପୁର କଲେଜ ଅଫ୍ ଫାର୍ମାସି ରୋଣ୍ଡାପାଲି, ଡଃ ଦୀଲ୍ଲୀପ କୁମାର ଜେନା ଜିଲ୍ଲା ଚିକିତ୍ସା ଅଧିକାରୀ, ଜୟପୁର, ଡଃ ସବ୍ୟସାଚି ମହାପାତ୍ର, ଚିକିତ୍ସା ଅଧିକାରୀ ଜୟପୁର, ଭାନୁମତୀ ପୁଜାରୀ ଶିଶୁ କଲ୍ୟାଣୀ କମିଟି ସଦସ୍ୟା, କୋରାପୁଟ, ସଦର ଥାନା ଜୟପୁର ପୁଲିସ କର୍ମୀ, ଯୋଗଦେଇ ଏହି ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଅବସରରେ ମାନସିକ ଅବସାଦ ଓ ଦୁଶ୍ଚିନ୍ତାର ନିୟନ୍ତ୍ରଣ ତଥା ଏହାର ସଠିକ ପରିଚାଳନା କରିବା ଆବଶ୍ୟକ ଅଟେ ଯଥା ମନକୁ ହାଲକା କରନ୍ତୁ, ମଦ୍ୟ ଓ କଫି ଆଦି ସେବନ କମ୍ କରନ୍ତୁ, ପ୍ରତିଦିନ ବ୍ୟାୟାମ କରନ୍ତୁ, ଧିରେ ଧିରେ ୧୦ ପର୍ଯ୍ୟନ୍ତ ଗଣନ୍ତୁ, ଗୋଷ୍ଠିରେ ସେବା କାର୍ଯ୍ୟ କରନ୍ତୁ, ସନ୍ତୁଳିତ ଖାଦ୍ୟ ଖାଅନ୍ତୁ, ଅତିକମରେ ୦୮ ଘଂଟା ଶୋଅନ୍ତୁ, ସର୍ବଦା ସାଧମତେ କାର୍ଯ୍ୟ କରନ୍ତୁ, ସର୍ବଦା ସକାରାତ୍ମକ ମନୋଭାବ ରଖନ୍ତୁ ଯ ଦ୍ୱାରା ମାନସିକ ସ୍ୱାସ୍ଥ୍ୟ ରୁ ନିଜକୁ ବଞ୍ଚେଇ ହେବ ବୋଲି କହିଥିଲେ । ଏହି କାର ?ୟକ୍ରମକୁ ପରିଚାଳନା କରିଥିଲେ ଏହି ଜୟପୁର କଲେଜ ଅଫ୍ ଫାର୍ମାସି ରୋଣ୍ଡାପାଲି, ପ୍ରଥମ ବର୍ଷ ଛାତ୍ର ଆଦିତ୍ୟ ଆଚାରିୟ ଏବଂ ଛାତ୍ରୀ ସୋନାଲୀ ସ୍ୱାଇଁ ଶେଷରେ ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ ।

# ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ

ମାଲକାନଗିରି, ୧୧/୧୦ (ନି.ପ୍ର): ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ମାଲ୍ୟବନ୍ତ ଛାତ୍ରାବାସ ପ୍ରାଙ୍ଗଣରେ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସ୍ତରୀୟ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ୨୦୨୫ ପାଳନ ହୋଇଯାଇଛି । ଏହି ସମାରୋହର ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୋମନାଥ ପ୍ରଧାନ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ସୁସ୍ଥ ସମାଜ ଗଠନ ଦିଗରେ ବରିଷ୍ଠ ନାଗରିକ ମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ନିଜ ମତ ରଖିଥିଲେ ଏବଂ ଯୁବ ପିଢିଙ୍କୁ ଉଚିତ୍ ମାର୍ଗ ଦର୍ଶନ ଦେବା ନିମନ୍ତେ ଉପସ୍ଥିତ ସମସ୍ତ ବରିଷ୍ଠ ନାଗରିକଙ୍କୁ ଆହ୍ୱାନ ଦେଇଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଶ୍ରୀ ନିର୍ମଳ ଧାରୁଆ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ, ପଦ୍ମରଞ୍ଜନ ଦାସ, ଅବସରପ୍ରାପ୍ତ ଶିକ୍ଷାବିତ୍, ରବୀନ୍ଦ୍ରନାଥ ମହାରଣା, ଡ଼ା ଦୁର୍ଗା ପ୍ରସାଦ ରାଜ୍, ଡି ଏସ ପି ଅମେନ ଲାକ୍ରା, ଅଶୋକ ସାମଲ, ସଚିବ, ଅବସରପ୍ରାପ୍ତ କର୍ମଚାରୀ ସଂଘ, ଦୁର୍ଯ୍ୟୋଧାନ ପାତ୍ର ପ୍ରମୁଖ ମଂଚାସିନ ଥିଲେ । ସମାରୋହରେ ପ୍ରଥମେ ସମସ୍ତ ବରିଷ୍ଠ ନାଗରିକ ଯୋଗ ଏବଂ ପ୍ରାଣାୟମ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ତତ୍ୱାବଧାନରେ ସମସ୍ତ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ଆୟୁଷ୍ମାନ କାର୍ଡ, ବୟୋବନ୍ଦନା ଯୋଜନା ପ୍ରବୃତି ରେ ବରିଷ୍ଠ ନାଗରିକମାନଙ୍କ ସାମିଲ କରାଯାଇଥିଲା । ଏହାପରେ ଏକ ସାଧାରଣ ସଭାର ଆୟୋଜନ ହୋଇଥିଲା । ମଧ୍ୟାହ୍ନ ଭୋଜନ ପରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ପରିଶେଷରେ ଯୋଗ ଦେଇଥିବା ସମସ୍ତ ବରିଷ୍ଠ ନାଗରିକଙ୍କୁ କିଛି ଉପହାର ଦିଆଯାଇ କାର୍ଯ୍ୟକ୍ରମକୁ ସମାପ୍ତ କରାଯାଇଥିଲା । ପରିଶେଷରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରାଜୀବ ପୂଜାରୀ ଧନ୍ୟବାଦ୍ ଅର୍ପଣ କରିଥିବା ବେଳେ ଅବସରପ୍ରାପ୍ତ ଶିକ୍ଷାବିତ ରବୀନ୍ଦ୍ର ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## LOST

By virtue of an Affidavit before Executive Magistrate, Bhadrak. I Sri Dhruba Charan Bhoi, Village: Erein, PO-Charampa, Ps-Bhadrak (R), Dist: Bhadrak, Pin-756101, Odisha have lost my Original Registered Sale Deed (RSD) in Icchapur vegetable market, Bhadrak. Registered Sale Deed Doct. No. 3313/1990, Vol-65, Page- 22/28 & obtained certified copy from Sub Registrar Office, Vide C.C. No. 8825/ 1218/2023. The purpose of doing the affidavit to produce when & where is required.

# ବାଇକକୁ ଧକ୍କା ଦେଲା ଟ୍ରକ : ବାଇକ ଚାଳକ ମୃତ : ୨ ଆହତ

ଧର୍ମଶାଳା, ୧୧/୧୦ (ନି.ପ୍ର): ଯାଜପୁର ଜିଲା ଚଣ୍ଡିଖୋଲ-ଡୁବରୀ ୫୩ ନମ୍ବର ଜାତୀୟ ରାଜପଥ ଚଢେଇଧରା କଲେଜଛକ ନିକଟରେ ମର୍ମନ୍ତୁଦ ସଡକ ଦୁର୍ଘଟଣ । ଏକ ବାଇକକୁ ଧକ୍କା ଦେଲା ବାଉଁଶ ବୋଝେଇ ଟ୍ରକ । ଫଳରେ ଘଟଣାସ୍ଥଳରେ ବାଇକ ଚାଳକର ମୃତ୍ୟୁ ଘଟିଥିବା ବେଳେ ୨ଜଣ ଗୁରୁତର ଆହତ ହୋଇଥିବା ଜଣାପଡିଛି । ଗୁରୁତରଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଯାଇଥିଲା । ମୃତକ ଜଣକ ହେଲେ ବଡଚଣା ବ୍ଲକ ଛଡିଆ ଚମ୍ପାପୁର ଅଂଚଳର ଅଲେଖ ଦଳାଇ ବୋଲି ଜଣାପଡିଛି । ଚଢେଇଧରା ପୋଲିସ ଘଟଣାସ୍ଥଳରେ ପଂହଚି ଉଭୟ ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରି ତଦନ୍ତ ଜାରି ରଖିଛି । ସୂଚନା ମୁତାବକ, ଆଜି ଅପରାହ୍ନରେ ବଡଚଣା ବ୍ଲକ ଚମ୍ପାପୁର ଗ୍ରାମର ଅଲେଖ ଦଳାଇ ହିରୋ ସ୍ପେଣ୍ଡର ବାଇକରେ ଝି ଓ ଭାଣିଜୀଙ୍କୁ ନେଇ ଭଉଣୀ ଶୁଶୁଘର ଗ୍ରାମ ମହିଶରାକୁ ଯାଉଥିବା ସମୟରେ ଚଣ୍ଡିଖୋଲ-ଡୁବୁରୀ ୫୩ନଂ ଜାତୀୟ ରାଜପଥ ଚଢେଇଧରା ନିକଟରେ ଏକ ବାଉଁଶ ବୋଝେଇ ଟ୍ରକ(ଓଡି୧୯ଡ୍ୱାଇ୨୪୬୬) ସେମାନଙ୍କୁ ଧକ୍କା ଦେଇଥିଲା । ବାଇକ ପଛରେ ବସିଥିବା ୨ଜଣ ରାସ୍ତା କଡକୁ ଛିଟିକି ପଡିଥିଲେ । ତେବେ ଅଲେଖଙ୍କ ଉପରେ ଟ୍ରକ ଆଗ ଚକ ଚଢି ଯାଇଥିଲା । ଫଳରେ ଅଲେଖଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିବା ବେଳେ ଅନ୍ୟ ୨ଜଣ ଗୁରୁତର ଆହତ ହୋଇଥିଲେ । ଚଢେଇଧରା ଅଗ୍ନିଶମ ବାହିନୀ ୨ ଗୁରୁତରଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରିଥିଲେ । ଖବର ପାଇ ଚଢେଇଧରା ଫାଣ୍ଡି ପୋଲିସ ଏକ ଅପମୃତ ମାମଲା ରୁଜୁ କରିବା ଶବ ବ୍ୟବଚ୍ଛେଦ ପାଇଁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇବା ସହିତ ଦୁର୍ଘଟଣାଗସ୍ତ ଗାଡି ୨ଟିକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି ।

## କାର ଧକ୍କାରେ ସାଇକେଲ ଆରୋହୀ ଗୁରୁତର

ନୀଳଗିରି, ୧୧/୧୦ (ନି.ପ୍ର): ଜଣେ ସାଇକେଲ ଆରୋହୀଙ୍କୁ କାର ଧକ୍କା ଦେବାଫଳରେ ଆରୋହୀ ଗୁରୁତର ହୋଇପଡ଼ିଥିଲେ । ତାଙ୍କୁ ଉପସ୍ଥିତ ଲୋକ ନୀଳଗିରି ଡାକ୍ତରଖାନାକୁ ଆଣି ଚିକିତ୍ସା କରାଇଥିଲେ ।ଅବସ୍ଥା ଗୁରୁତ୍ୱର ଥିବାରୁ ତାଙ୍କୁ ବାଲେଶ୍ୱର ଡାକ୍ତର ଖାନାକୁ ସ୍ଥାନାନ୍ତରିତ ହୋଇଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ ନୀଳଗିରି ମିତ୍ରପୁର ରାସ୍ତାର କ୍ଷେତ୍ରସନସାହି ଛକଠାରେ ଆଜିଦିନ ପ୍ରାୟ ୧୦ଟା ସମୟରେ ସାଇକେଲ ଆରୋହୀ ଜଣକ ନୀଳଗିରି ରୁ ନିଜଘର କହାଳିଆକୁ ଯାଉଥିବା ବେଳେ ହଠାତ୍ ଏକ କାର ପଛପଟୁ ଜୋରରେ ଧକ୍କା ଦେଇଥିଲା । ଆରୋହୀ ଜଣଙ୍କ ଉଡ଼ିଉଡ଼ି ଯାଇ କାରର ସାମ୍ନା କାଚ୍ ବର୍ଣ୍ଣେଟ ଉପରେ ପଡ଼ିଯାଇଥିଲେ । ଶବ୍ଦଶୁଣି ଲୋକେ ଦଉଡ଼ି ଆସି ଗୁରୁତ୍ୱରଙ୍କୁ ନୀଳଗିରି ଡାକ୍ତରଖାନାକୁ ପଠାଇ ଚିକିତ୍ସିତ କରାଇଥିଲେ । ଆରୋହୀ ଜଣକ ନୀଳଗିରି ଏନ.ଏ.ସି.ର ୯ ନମ୍ବର ୱାର୍ଡ଼ କାହାଳିଆ ଗ୍ରାମର ପଦ୍ମଲୋଲୋଚ୍ନ ବିଶ୍ୱାଳ(୫୪)ବୋଲି ଜଣାପଡ଼ିଛି । ପ୍ରକାଶଥାଉକି କ୍ଷେତ୍ରସନସାହି ଛକଟି ୪ ଛକି ରାସ୍ତା ହେଇଥିବାରୁ ବହୁଲୋକେ ଦୁର୍ଘଟଣାରେ ସମ୍ମୁଖୀନ ହେଉଛନ୍ତି । ଏଠାରେ ମଧ ଗୋଟିଏ ବିଦ୍ୟାଳୟ ଅଛି । ସ୍କୁଲ ପିଲାମାନେ ସ୍କୁଲକୁ ରାସ୍ତାପାର ହୋଇ ଯିବାପାଇଁ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ତେଣୁ ଏଠାରେ ୨ ପାର୍ଶ୍ୱରେ ହମ୍ପସ୍ ନିର୍ମାଣପାଇଁ ଗ୍ରାମବାସୀ ଦାବୀକରିଛନ୍ତି ।

## Notice

**To the court of I .J (Jr Advocate) chandabali.**
**Case No -200/11 , I**

ଶ୍ରୀମତୀ ସାବିତ୍ରୀ ବାରିକ୍ ଓଗେର --- ବାଦି ମାନେ ।
ଶ୍ରୀ କବି ପ୍ରସାଦ ରାଉତରାୟ ଓଗେର ---ବିବାଦୀ ମାନେ, ଦେୱ ।ନି କାର୍ଯ୍ୟବିଧି ଆଇନର ଅର୍ଡର ୫ ରୁ ୨୦ ମୁତାବକ ନୋଟିସ ।

୧- ଶ୍ରୀ କବି ପ୍ରସାଦ ରାଉତରାୟ, ବୟସ ୫୯ ବର୍ଷ ମ୍ୟାନେଜିଂ ଡାଇରେକ୍ଟର, ଧାମରା ଏଲେଣ୍ଡି ପ୍ରାଇଭେଟ୍ ଲିମିଟେଡ଼ କମ୍ପାନୀ, ରେଜିଷ୍ଟ୍ରି ଅଫିସ୍, ପ୍ଲଟ ନଂ ୩/୨୭, ନୟାପଲ୍ଲୀ, ଭୁବନେଶ୍ୱର, ଜି - ଖୋର୍ଦ୍ଧା ।
୨- ଶ୍ରୀ ରାଜେନ୍ଦ୍ର ମିଶ୍ର, ବୟସ ୩୫ ବର୍ଷ, ପି - ସୁନାକର ମିଶ୍ର, ସା/ପୋ-ମାହେଶ୍ୱର, ଥାନା - ଧର୍ମଶାଳା, ଜି - ଯାଜପୁର ।
ଏହିକି ବାଦି ମାନେ ନିମ୍ନବର୍ଣ୍ଣିତ ତଫସିଲଭୁକ୍ତ ପକ୍ଷେ ସେମାନଙ୍କର ସତ୍ୱ ସାବ୍ୟସ୍ତ, ଦଖଲ କାଏମ ଏବଂ ଚିରସ୍ଥାୟୀ ନିଷେଧାଜ୍ଞା ଦାବିରେ ତୁମ୍ଭ ବିରୁଦ୍ଧେ ଉପରୋକ୍ତ ମୋକଦ୍ଦୋମା ଆପଣ କରି ଅଛନ୍ତି । ଆପଣ ମାନଙ୍କୁ ଉପରୋକ୍ତ ଠିକଣାରେ ନୋଟିସ୍ ପ୍ରେରଣ କରାଯାଉଥିଲେ ମଧ ତାହାକୁ ଗ୍ରହଣ କରୁନାହାନ୍ତି । ମୋକଦ୍ଦୋମର ତାରିଖ ଆସନ୍ତା ତା- ୨୮/୧୦/୨୦୨୫ ରିଖ ଦିବା ୧୦.୩୦ am ଘଣ୍ଟାକୁ ବିଚାର ନିମିତ୍ତ ଧାର୍ଯ୍ୟ ଅଛି.ଆପଣ ଉକ୍ତ ଦିବସ ରେ ନିଜେ କିମ୍ବା ଆପଣଙ୍କ କ୍ଷମତା ପ୍ରାପ୍ତ ଓକିଲଙ୍କ ଜରିଆରେ ହାଜର ହୋଇ ତହିଁର ଜବାବ ଏବଂ ତନବିର କରିବେ ନଚେତ୍ ଆଇନ୍ ଅନୁସାରେ ଉକ୍ତ ମୋକଦ୍ଦମା ଫଏସଲା କରାଯିବ ।
ଅଦ୍ୟ ତା -୧୬/୦୯/୨୦୨୫ ରିଖ ରେ ଆମ୍ଭର ସ୍ୱାକ୍ଷର ଘୋଷଣା କ୍ରମେ ଦିଆଗଲା:
ତଫସିଲଭୁକ୍ତ --
ମୌଜା - ବଳିଆରପୁର
ଥାନା - ବାଂଶଡା
ଜି-ଭଦ୍ରକ
ଖତିଆନ ନଂ - ୧୦୮
ପ୍ଲଟ -୨ (ଏ-୦,୧୭ ଡି.)
ପ୍ଲଟ -୪ (ଏ-୦,୬୮ ଡି.)
ପ୍ଲଟ -୮(ଏ -୦,୩୧ ଡି.)
ପ୍ଲଟ -୨୯(ଏ -୪,୨୪ ଡି.)
ସମୁଦାୟ (୫ ଏକର ୪୦ ଡି)

## ବଦଳି ଶିକ୍ଷକଙ୍କୁ ଫେରାଇ ଆଣିବା ଦାବିରେ ସ୍କୁଲରେ ତାଲା

ଜୟପୁର, ୧୧/୧୦ (ନି.ପ୍ର): କ୍ଲାସ ରୁମ ବଦଳରେ ସ୍କୁଲ ଗେଟ ଆଗରେ ବସିଛନ୍ତି ପିଲା । ବଦଳି ଶିକ୍ଷକଙ୍କୁ ଫେରାଇ ଆଣିବା ଦାବୀରେ ସ୍କୁଲରେ ପଡିଛି ତାଲା । ଆଜି ସ୍କୁଲ ଗେଟ ଆଗରେ ଆନ୍ଦୋଳନ କରିବା ସହ ଗେଟରେ ତାଲା ପକାଇ ବସିଛନ୍ତି ଗ୍ରାମବାସୀ । ଏପରିକି କୌଣସି ଶିକ୍ଷକଙ୍କୁ ମଧ ସ୍କୁଲକୁ ଛାଡୁ ନାହାନ୍ତି । ଶିକ୍ଷକଙ୍କ ବଦଳି ବାତିଲ୍ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦିଆଯାଇଛି । ଏଭଳି ଘଟଣା କୁନ୍ଦୁରା ବ୍ଲକ ଅନ୍ତର୍ଗତ ଦିଶାରୀଗୁଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି କ୍ଷ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତିରେ ଶିକ୍ଷକ ତ୍ରିନାଥ ହରିଜନଙ୍କ ଭୂମିକା ରହିଛି । ଏଣୁ ତାଙ୍କ ବଦଳି ବାତିଲ ପାଇଁ ଛାତ୍ରଛାତ୍ରୀ ଏବଂ ଅଭିଭାବକ ମାନେ ଜିଦରେ ଅଟଳ ରହିଛନ୍ତି । ସେପଟେ ପ୍ରଧାନ ଶିକ୍ଷକ କହିଛନ୍ତି ସେ ସରକାରୀ ନିୟମରେ ବନ୍ଧା ।

# କୁଲତା ସମାଜର ଶାରଦୀୟ ପୂଜନୋତ୍ସବ ଯୁବବର୍ଗଙ୍କ ହାତରେ ସମାଜ ନେତୃତ୍ୱ

ବଲାଙ୍ଗୀର, ୧୧/୧୦ (ନି.ପ୍ର): ନିକଟ ଭବିଷ୍ୟତରେ ଭାରତ ବର୍ଷ ସମଗ୍ର ବିଶ୍ୱ ମାନଚିତ୍ରରେ ଏକ ଯୁବଶକ୍ତିର ଦେଶ ହେବାକୁ ଯାଉଛି । ଯେଉଁଠି ୧୮ରୁ ୩୫ ବର୍ଷ ମଧ୍ୟରେ ବୟସ ରହିଥିବ । ଏହାକୁ ଦୃଷ୍ଟିରେ ରଖି ବଲାଙ୍ଗିର ଜିଲା କୁଲତା ସମାଜ ଯୁବକମାନଙ୍କ ଶୈକ୍ଷିକ, ବୈଦ୍ଧିକ ବିକାଶ ସହ ଏକ ଯୁବଶକ୍ତିର ନେତୃତ୍ୱକୁ ସ୍ୱୀକୃତି ଦେଇଛି । ଯୁବବର୍ଗ ହିଁ ସମାଜର ଭବିଷ୍ୟତ, ମେରୁଦଣ୍ଡ । ଏଣୁ ଏଣିକି ବୟସ୍କମାନେ ମାର୍ଗଦର୍ଶନ କରିବେ । ଯୁବବର୍ଗ ସମାଜର ନେତୃତ୍ୱ ନେବେ ବୋଲି ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ହର୍ଡାଟାଲ ରଣେଶ୍ୱର ରାମଚଣ୍ଡୀଙ୍କ ପୀଠରେ ମତପ୍ରକାଶ ପାଇଛି । ବାବା ବିଶାଶହେ କୁଲତା ସମାଜ ବଲାଙ୍ଗିର ଜିଲା ମୁଖ୍ୟ କେନ୍ଦ୍ର ପକ୍ଷରୁ ବାର୍ଷିକ ଶାରଦୀୟ ପୂଜନୋତ୍ସବ ଓ ବାର୍ଷିକ ସଭା ଜିଲା ସଭାପତି ଇଂ.ବେଲାର ସିଂ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଜିଲା କୁଲତା ସମାଜର ଯୁବ ସଭାପତି ଉମେଶଚନ୍ଦ୍ର ଗଡ଼ତ୍ୟା, ଡା.ବର୍ଷାରାଣୀ ଭୋଇ, ଯୁବ ଚାଷୀ ଅଜିତ ବିଶ୍ୱାଳ, ପ୍ରଶାସନିକ ଅଧିକାରୀ ଟୁକୁ ପଧାନ, ବିଭୁ କଲ୍ୟାଣ ଗଡ଼ତ୍ୟା ଅତିଥି ଭାବେ ମଂଚାସୀନ ହୋଇଥିଲେ । ସଭାକୁ ବିଭିନ୍ନ ପର୍ଯ୍ୟାୟରେ ମହେନ୍ଦ୍ର ପଧାନ, ଭକ୍ତବନ୍ଧୁ ବିଶ୍ୱାଳ ଓ ରଘୁନାଥ ସାହୁ ମଂଚ ପରିଚାଳନା କରିଥିଲେ । ଏହି ଅବସରରେ ଶିକ୍ଷା, କ୍ରୀଡ଼ା, ଚାଷ, ପ୍ରତିଯୋଗିତାମୂଳକ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ସମସ୍ତ କୃତୀଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସମାଜରେ ରହିଥିବା ଅବହେଳିତ ବର୍ଗଙ୍କୁ ମୁଖ୍ୟସ୍ରୋତରେ ସାମିଲ, ଶିକ୍ଷା ଓ ସଂସ୍କୃତିକୁ ଗୁରୁତ୍ୱାରୋପ କରାଯାଇଥିଲା । ଚଳିତ ବର୍ଷ ପ୍ରଥମ କରି ଆୟୋଜିତ ସଭାକୁ ଯୁବବର୍ଗଙ୍କ ସମ୍ମାନାର୍ଥେ ଅର୍ପଣ କରାଯାଇଥିଲା । ବରିଷ୍ଠମାନେ ଏଣିକି ମାର୍ଗଦର୍ଶନ କରି ଯୁବବର୍ଗଙ୍କୁ ସଶକ୍ତ କରିବେ ବୋଲି ସଭାରେ ମତପ୍ରକାଶ ପାଇଥିବା ବେଳେ ଯୁବ କୁଲତା ସମାଜ ନିଜ ଅଧିକାର ପାଇଁ ଉଲଗୁଲାନ୍ ଦେଇଥିଲା ।

ଦୀର୍ଘ ୯ ଦିନ ବ୍ୟାପୀ ହର୍ଡାଟାଲ ପୀଠରେ ପରମ୍ପରା ଅନୁଯାୟୀ ପୂଜାର୍ଚ୍ଚନା ହୋଇଥିବା ବେଳେ ପବିତ୍ର ପୂଜନୋତ୍ସବରେ ପାରାୟଣ ଆୟୋଜନ କରାଯାଇଥିଲା । ନୂଆଁପାଲି ଗାଁର ବ୍ରଜେଶ୍ୱରୀ ତୁଳସୀ ରାମାୟଣ ପାରାୟଣ ସଂଘର କଳାକାରମାନେ ବିଭିନ୍ନ ଭୂମିକାରେ ଅବତୀର୍ଣ୍ଣ ହୋଇ ରାମାୟଣ ପ୍ରଦର୍ଶନ କରିଥିଲେ । ଉଦଯାପନୀ ଉତ୍ସବରେ ଜିଲାର ବିଭିନ୍ନ ଆଂଚଳିକ କେନ୍ଦ୍ରରୁ ଶହ ଶହ ସଂଖ୍ୟାରେ କୁଲତା ଜାତିର ପୁରୁଷ ଓ ମହିଳା ଏଥିରେ ସାମିଲ ହୋଇଥିଲେ । ହର୍ଡାଟାଲ କେନ୍ଦ୍ରର ସମସ୍ତ ସଦସ୍ୟ/ସଦସ୍ୟା ସକ୍ରିୟ ଉପସ୍ଥିତ ରହି ସହଯୋଗ କରିଥିଲେ ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୨ ଅକ୍ଟୋବର ୨୦୨୫
email :
rabibarachayan2015@gmail.com



## ଧାରାବାହିକ ଉପନ୍ୟାସ



# ବୈଦେହୀ

**ଡ.ଭାଗବତ ବେହେରା**



‘ବୈଦେହୀ’ ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ. ଭାଗବତ ବେହେରା ତାଙ୍କର ‘ବୈଦେହୀ’ ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର ‘ବୈଦେହୀ’ ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଭାଗ-୧୧୬
(ପୂର୍ବ ପ୍ରକାଶିତ ଉତ୍ତାରୁ...)

ପ୍ରଜାମାନଙ୍କୁ ସେ ସଦା ପ୍ରସନ୍ନ ରଖିଛନ୍ତି ତ ? ତାଙ୍କ ଅଶ୍ୱମେଧ ଯଜ୍ଞ ପୂର୍ଣ୍ଣ ହୋଇ ସାରିଛି ତ ? ଅଯୋଧ୍ୟାର ସବୁ ଭଲ ତ ? ମାତା କୌଶଲ୍ୟା, କୈକେୟୀ, ସୁମିତ୍ରା ଭଲରେ ଅଛନ୍ତି ତ ? ଭଲରେ ଅଛନ୍ତି ତ ଭରତ, ଶତ୍ରୁଘ୍ନ, ମାଣ୍ଡବୀ, ଶ୍ରୁତକୀର୍ତ୍ତି, ଉର୍ମିଳା । ଏକ ନିଃଶ୍ୱାସକେ ଏତକ ପ୍ରଶ୍ନ ପଚାରି ଯାଇଥିଲେ ସୀତାଦେବୀ । କି ଉତ୍ତର ଦେବେ ଲକ୍ଷ୍ମଣ । ଅଶ୍ରୁ ଛଳଛଳ ନେତ୍ରରେ ସେ କହିଥିଲେ, ଅଯୋଧ୍ୟାର ସର୍ବକୁଶଳ ଦେବୀ । ପ୍ରଭୁ ଶ୍ରୀରାମଙ୍କ ଅଶ୍ୱମେଧ ଯଜ୍ଞ ନୈମିଷାରଣ୍ୟରେ ହେଉଛି । ବହୁ ସଂଖ୍ୟାରେ ରାଜା, ପ୍ରଜା, ସାଧୁ, ସନ୍ଥ, ମୁନି, ଋଷିମାନେ ସେ ଯଜ୍ଞରେ ଯୋଗଦାନ କରିଛନ୍ତି । ସେ ଯଜ୍ଞରେ ଆପଣଙ୍କ ଉପସ୍ଥିତି ଏକାନ୍ତ ଅନିବାର୍ଯ୍ୟ କାରଣରୁ ପ୍ରଭୁ ରାମଚନ୍ଦ୍ର ଆପଣଙ୍କୁ ଅଯୋଧ୍ୟା ଫେରିଯିବାକୁ କହି ମୋତେ ପଠାଇଛନ୍ତି ।

ଏତେ ଦୁଃଖରେ ଥାଇ, ଯନ୍ତ୍ରଣାରେ ସଢ଼ିବି ଅଧରରେ ହସର କ୍ଷୀରରେଖାଟିଏ ଝରିପଡ଼ିଥିଲା ସୀତା ଦେବୀଙ୍କ ଓଠରୁ । ଲକ୍ଷ୍ମଣଙ୍କୁ ଶୁଣାଇ ସେ କହିଥିଲେ, ଏ କି ଅସମ୍ଭବ କଥା ତୁମେ କହୁଛ ଲକ୍ଷ୍ମଣ । ଯେଉଁ ସ୍ୱାମୀ ମୋତେ ବିନା ଦୋଷରେ ନିର୍ବାସନ ଦେଇଥିଲେ, ସେ ପୁଣି ସେ ଦୋଷୀ, ମହାପାତକିନୀକୁ ତାଙ୍କ ଯଜ୍ଞକୁ ଆମନ୍ତ୍ରଣ କରୁଛନ୍ତି କେମିତି ? ତାଙ୍କ ଯଜ୍ଞସ୍ଥଳ କ'ଣ ଅପବିତ୍ର ହୋଇଯିବ ନାହିଁ ?

ନା ଦେବୀ ଆପଣ ସେମିତି କହନ୍ତୁ ନାହିଁ । ଅଯୋଧ୍ୟାନଗରରେ ଆନନ୍ଦର ବନ୍ୟା ବହୁଛି । କୁଶ ଲବଙ୍କ ସହିତ ସମସ୍ତଙ୍କର ପରିଚୟ ହୋଇସାରିଛି । ନିଜେ ପ୍ରଭୁ ରାମଚନ୍ଦ୍ର ତାଙ୍କୁ ପୁତ୍ରର ମର୍ଯ୍ୟାଦା ଦେଇ କୋଳରେ ଧାରଣ କରିଛନ୍ତି ।

ଦୀର୍ଘଶ୍ୱାସଟିଏ ଛାଡ଼ିଥିଲେ ସୀତାଦେବୀ । ଧନ୍ୟ ହୋଇଗଲି ଲକ୍ଷ୍ମଣ । ପିତା ପୁତ୍ରଙ୍କର ମିଳନ ହୋଇଯାଇଛି ଶୁଣି, ମୋ ଜୀବନ ସାର୍ଥକ ହୋଇଗଲା । ଏବେ ମୁଁ ଶାନ୍ତିରେ ମରିପାରିବି ।

ଆପଣ ସେମିତି କୁହନ୍ତୁ ନାହିଁ ଦେବୀ । ସାରା ଅଯୋଧ୍ୟାର ପ୍ରଜାକୁଳ ଆପଣଙ୍କୁ ଅନାଇ ବସିଛନ୍ତି । ମାତାମାନେ ଉତ୍ସୁକ ନୟନରେ ଅନାଇ ରହିଛନ୍ତି, ଆପଣ ଗଲେ...

ଆଉ ଆଗକୁ କିଛି କୁହନାହିଁ ଲକ୍ଷ୍ମଣ । ମୋର ଅଯୋଧ୍ୟା ଯିବାର ଆବଶ୍ୟକତା ନାହିଁ । ମୁଁ ଯାହା ଚାହୁଁଥିଲି ତାହା ଘଟିଯାଇଛି । ଏବେ ତୁମେ ଯାଇ ତୁମ ଜ୍ୟେଷ୍ଠଭ୍ରାତାଙ୍କୁ କହିଦିଅ, ସୀତା ତାଙ୍କ ପାଇଁ ଅତୀତ ହୋଇଯାଇଛି । ଯଦି ତାଙ୍କ ସହିତ ମୋର ସାକ୍ଷାତ ହେବ, ତାହେଲେ ଏ ଜନ୍ମରେ ନୁହେଁ ଆଗାମୀ ଜନ୍ମରେ ।

ଆପଣ ସେମିତି କୁହନ୍ତୁ ନାହିଁ ଦେବୀ । ପ୍ରଭୁ ଶ୍ରୀରାମ ଆପଣଙ୍କ ଯିବା ପଥକୁ ଅନାଇ ବସିଛନ୍ତି । ଆପଣ ନଗଲେ...

ସୀତାଙ୍କୁ ଯଦି ମହର୍ଷି ବାଲ୍ମିକୀଙ୍କ ଆଶ୍ରମରୁ ସେ ଫେରାଇ ନେବାକୁ ଚାହୁଁଛନ୍ତି ତାହେଲେ ସେ ଆସିଲେ ନାହିଁ କାହିଁକି ? ସେ ନିଜେ ନଆସି ଯାହା ଦ୍ୱାରା ମୋତେ ବର୍ଜନ କରିଥିଲେ, ତାଙ୍କରି ଦ୍ୱାରା ଫେରାଇ ନେବାପାଇଁ ଏଠାକୁ ପଠାଇ ଦେଇଛନ୍ତି ।

ନା ଦେବୀ । ଆପଣ ସେମିତି ଭାବନ୍ତୁ ନାହିଁ । ଯଜ୍ଞରେ ବରଣ ହୋଇଥିବା ହେତୁ ସେ ଆସିନପାରି ମୋ ହସ୍ତରେ ଏହି ପତ୍ର ପ୍ରେରଣ କରିଛନ୍ତି । ଏ ପତ୍ର ନେଇ ଆପଣ ପାଠ କରନ୍ତୁ ସବୁ ଜାଣିପାରିବେ ।

ଥରିଲା ଥରିଲା ହସ୍ତରେ ଲକ୍ଷ୍ମଣଙ୍କ ଠାରୁ ପତ୍ର ନେଇ ଖୋଲି ପାଠ କରିବା ଆରମ୍ଭ କରୁକରୁ ପୁଣି ଭୋ ଭୋ ହୋଇ କାନ୍ଦିବାକୁ ଲାଗିଥିଲେ ସୀତାଦେବୀ । ସତରେ ପ୍ରଭୁ ମୋର ମୋତେ ମନରୁ ପୋଛିଦେଇ ନାହାନ୍ତି ଲକ୍ଷ୍ମଣ । ପ୍ରତ୍ୟେକ ମୁହୂର୍ତ୍ତରେ ସେ ମୋତେ ମନେ ପକାଉଛନ୍ତି । ତାଙ୍କ ଦୋଷ ପାଇଁ ସେ ମୋତେ କ୍ଷମା ମାଗିଛନ୍ତି, ଏ ପତ୍ରରେ । ଏମିତି ସେ କାହିଁକି କଲେ ଲକ୍ଷ୍ମଣ । ସେ ମୋର ସ୍ୱାମୀ, ପ୍ରଭୁ, ମୋ ଦେବତା । ମୋ ନିକଟରୁ ସେ କ୍ଷମା ମାଗିବେ, ମୁଁ ପାପିନୀ ତାହା ସହ୍ୟ କରିବି କେମିତି ? ମୁଁ ଯିବି ଲକ୍ଷ୍ମଣ, ତୁମ ସହିତ ଯିବି, ହେଲେ ଯେ ପର୍ଯ୍ୟନ୍ତ ମହର୍ଷି ମୋତେ ଆନୁମତି ନଦେଇଛନ୍ତି...

ମୋ ଅନୁମତିର କୌଣସି ଆବଶ୍ୟକତା ନାହିଁ ମା' ଜାନକୀ । ସମୁଦ୍ର ଆଜି ଉଦ୍‌ବେଳିତ । ବାହୁ ପ୍ରସାରୀ ସେ ନଦୀକୁ ଆମନ୍ତ୍ରଣ କରୁଛି । ନଦୀ ବହିଯିବ । ପଥରେ ଯେତେ ବାଧା ବନ୍ଧନ, ଯେତେ ପାହାଡ଼ ପର୍ବତ, ଯେତେ ଦନ୍ତୁରିତ ପଥ ପଡ଼ିଲେ ବି ସେସବୁକୁ ଲଂଘି ଯିବ ନଦୀ । ଶ୍ରାବଣ ମାସରେ ନଦୀରେ ଆଜି ବନ୍ୟା ଆସିଛିରେ ମା' । ସେ ନଦୀ ଆଜି ପ୍ରଗଲ୍ଭା । ତାକୁ ମୁଁ ଅଟକାଇବି କେମିତି ? ଚାଲ ମା' ସୀତା । ତୋତେ ସାଥୀରେ ନେଇଯିବା ପାଇଁ ମୁଁ ଶ୍ରୀରାମଙ୍କୁ କଥା ଦେଇ ଆସିଛି । ଅନୁକମ୍ପା ତୁମେ ମଧ ସୀତାଙ୍କ ସହିତ ଚାଲ । ରାମ ସୀତାଙ୍କର ମିଳନ କରାଇଦେଇ, ମୋ ରାମାୟଣକୁ ସାର୍ଥକ ରୂପ ଦେଇ ଆମେ ସେଠାରୁ ଫେରି ଆସିବା ।

ବାଲ୍ମିକୀଙ୍କ କଥା ଶୁଣି ସମସ୍ତେ ଚକିତ । କାହାରି ତୁଣ୍ଡରୁ, ବଚନ ସ୍ଫୁରୁନାହିଁ । ମହର୍ଷି କହିଥିଲେ, ବିଳମ୍ବ କଲେ ଅସୁବିଧା ହୋଇପାରେ । ମା ସୀତା ତୁମେ ଶୀଘ୍ର ପ୍ରସ୍ତୁତ ହୋଇ ଅନୁକମ୍ପାଙ୍କ ସହିତ ଆସ । ମନରେ କୌଣସି ଦ୍ୱିଧା ରଖ ନାହିଁ । କାଳେ ତୁମେ ଲକ୍ଷ୍ମଣ କଥାରେ ନଯିବ, ସେଥିପାଇଁ ସ୍ୱାମୀ ତୁମର ମୋତେ ଲକ୍ଷ୍ମଣ ସହିତ ପଠାଇଛନ୍ତି । ଅନୁକମ୍ପା, କାଳ କ୍ଷେପଣ ନକରି ତୁମେ ସୀତାଙ୍କୁ ଧରି ଆସ । ଚାଲିଗଲେ ମହର୍ଷି ବାଲ୍ମିକୀ । ସୀତାକୁ ଯିବାପାଇଁ ନିର୍ଦ୍ଦେଶ ଦେଇଗଲେ । ତପସ୍ୱିନୀ ଅନୁକମ୍ପା ସୀତାଙ୍କ ହାତଧରି କୁଟୀର ଭିତରକୁ ପଶିଗଲେ, ଅଯୋଧ୍ୟା ଯାତ୍ରା ପାଇଁ ପ୍ରସ୍ତୁତ ହେବାକୁ । ଆଶ୍ରମରେ ପ୍ରଚାରିତ ହୋଇଗଲା "ସୀତାଦେବୀ ଆଶ୍ରମ ଛାଡୁଛନ୍ତି ।" ଏହି ମୁହୂର୍ତ୍ତରେ ତାଙ୍କୁ ସଂଗରେ ନେଇ ମହର୍ଷି ବାହାରିଯିବେ ।

ସୀତାଙ୍କ କୁଟୀର ନିକଟରେ କ୍ରମଶଃ ଭିଡ଼ ବଢ଼ିବାକୁ ଲାଗିଲା । ଆଶ୍ରମର ଅନ୍ତେବାସୀଗଣ ସମସ୍ତେ ଅଶ୍ରୁ ଛଳଛଳ ନେତ୍ରରେ ଆସି ଉଭା ହୋଇ ଯାଇଥିଲେ ସୀତାଙ୍କର କୁଟୀର ସମ୍ମୁଖରେ । କାହାରି ତୁଣ୍ଡରେ ଭାଷା ନାହିଁ । ଯାହାପାଇଁ ଦୀର୍ଘ ଦଶବର୍ଷ ଧରି ଏ ଆଶ୍ରମ ଚଳଚଞ୍ଚଳ ଥିଲା, ସେ ଆଜି ଆଶ୍ରମ ଛାଡ଼ି ଚାଲିଯିବେ । ଆଗରୁ କୁଶ ଲବ ଚାଲି ଯାଇଛନ୍ତି । ଆଜି ଚାଲିଯିବେ ତପସ୍ୱିନୀ ସୀତାଦେବୀ । ସୀତାଦେବୀଙ୍କ ପାଳିତ ହରିଣ ଶାବକମାନେ ଆସି ସେଠି ଭିଡ଼ ଜମାଇଲେଣି । ମୟୂର ମୟୂରୀଙ୍କୁ କିଏ ଦେଲା ଏ ଦୁଃସହ ସମ୍ବାଦ । ସେମାନେ ପୁଚ୍ଛନତ କରି ନିର୍ବୋଧ ଶିଶୁଭଳି ଛିଡ଼ା ହୋଇ ରହିଛନ୍ତି । ଶାନ୍ତି ଆଶ୍ରମରେ ବସବାସ କରୁଥିବା ଦ୍ୱିଜ ଦଳଙ୍କ ତୁଣ୍ଡରେ ଆଜି ଭାଷା ନାହିଁ । ସେମାନଙ୍କ ମୁଖରୁ କିଏ ସହସା ଅପହରଣ କରିନେଲା ସୁମଧୁର କାକଳି ? ଗାଈ, ବାଛୁରୀ ମାନେ ତୃଣଚାରଣ କରୁକରୁ ଆସି କୁଟୀର ଆଗରେ ଉଭା ହୋଇଗଲେଣି । ସମସ୍ତେ ନିରବ ।

(କ୍ରମଶଃ)

♥ ଦର୍ଜୀପୋଖରୀ, ରାଣୀପାଟଣା,
ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

# ଘାତକ କଫ ସିରପ୍

**ସୌଭାଗ୍ୟ ରଂଜନ ମହାନ୍ତି**

ବିଷାକ୍ତ କଫ୍ ସିରପ ପିଇ ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ୨୦ଜଣ ଶିଶୁଙ୍କର ମୃତ୍ୟୁ ଘଟଣା କେବଳ ଭାରତୀୟ କମ୍ପାନୀଗୁଡିକ ଦ୍ୱାରା ପ୍ରସ୍ତୁତ କେତେକ ଔଷଧର ମାନ, ଗୁଣବତା ଯାଂଚର ବିଫଳତାକୁ ଦର୍ଶାଉନାହିଁ, ଔଷଧ ଗୁଣବତା ବିଶ୍ୱସନୀୟତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି କୁହାଯାଇପାରିବ । ଔଷଧ କମ୍ପାନୀର ଲାଭଖୋର ମନୋବୃତି ଏବଂ ପ୍ରଶାସନିକ କଳର ଅବହେଳା ଯୋଗୁଁ ଜୀବନ ରକ୍ଷାକାରୀ ଔଷଧ ଜୀବନ ନାଶର କାରଣ ହୋଇଛି । ଉଲ୍ଲେଖଯୋଗ୍ୟ ଯେ, ତାମିଲନାଡୁର ସ୍ରେସାନ ଫାର୍ମା ଦ୍ୱାରା ପ୍ରସ୍ତୁତ କୋଲଡରିଫ୍ କଫ ସିରପ ଔଷଧ ଏବେ ୨୦ଜଣ ଶିଶୁଙ୍କ ଜୀବନ ନେଇଥିବାବେଳେ ବହୁ ଶିଶୁ ଗୁରୁତର ଅସୁସ୍ଥ ହୋଇ ହସ୍‌ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । ବିଷାକ୍ତ କଫ ସିରପ୍ ଜନିତ ମୃତ୍ୟୁ ସଂଖ୍ୟା ଆହୁରି ବଢିବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ । କୁହାଯାଇଛି ଯେ, ‘କୋଲଡରିଫ’ କଫ ସିରପରେ ଡାଇଥାଇଲିନ ଗ୍ଲାଇକୋଲ (ଡିଇଜି)ର ମାତ୍ରା ଅଧିକ ଥିବାରୁ ଶିଶୁମାନଙ୍କର ପ୍ରାଣହାନୀ ଘଟିଛି । ଯାଂଚ ପରେ ଜଣାପଡିଛି ଯେ, ୪୮.୬ ପ୍ରତିଶତ ଡିଇଜି ରହିଥିବାରୁ ତାହା ଶିଶୁମାନଙ୍କର ବୃକକ୍‌କୁ ନଷ୍ଟ କରିଦେବା ଯୋଗୁଁ ମୃତ୍ୟୁ ଘଟିଛି । ଯାହାକି ଅନୁମତି ପ୍ରାପ୍ତ ମାତ୍ରା ୦.୧ ପ୍ରତିଶତ ଠାରୁ ୪୮୦ ଗୁଣ ଅଧିକ । ପ୍ରଶ୍ନ ଉଠୁଛି ଯେ ସ୍ରେସନ ଫାର୍ମାସ୍ୟୁଟିକାଲ କମ୍ପାନୀ ଦୀର୍ଘ ୨୦ବର୍ଷ ଧରି କୋଲଡରିଫ କଫ ସିରପ୍ ପ୍ରସ୍ତୁତ କରି ଆସୁଥିବାବେଳେ ଅନୁମତି ପ୍ରାପ୍ତ ସୀମା ଠାରୁ ୪୮୦ଗୁଣ ଅଧିକ ବିଷାକ୍ତ ଡିଇଜି ମିଶ୍ରଣ କଲା କିପରି ? ଔଷଧର ଗୁଣବତା ଯାଂଚ ପାଇଁ ଡ୍ରଗସ୍ ଷ୍ଟାଣ୍ଡାର୍ଡ କଂଟ୍ରୋଲ ଅର୍ଗାନାଇଜେସନ (ସିଡିଏସସିଏ) କାର୍ଯ୍ୟଧାରା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିବା ସ୍ୱାଭାବିକ । ରିପୋର୍ଟ ପ୍ରକାଶ ପାଇଛି ଯେ, ଆମ ଦେଶରେ ଆନୁମାନିକ ୩୫୦୦ ଡ୍ରଗସ୍ ଇନସ୍‌ପେକ୍ଟର ଅଛନ୍ତି, ଯେଉଁମାନେ କି ଦେଶବ୍ୟାପୀ ପ୍ରାୟ ୧୦,୫୦୦ ଔଷଧ ନିର୍ମାତା କମ୍ପାନୀ ବା ୟୁନିଟକୁ ତଦାରଖ କରିଥାନ୍ତି । ଏହା ନିସନ୍ଦେହ ଯେ, ଔଷଧ ନିର୍ମାତା ୟୁନିଟଗୁଡିକ ତୁଳନାରେ ଡ୍ରଗସ୍ ଇନସପେକ୍ଟରଙ୍କ ସଂଖ୍ୟା ଯେ ସ୍ୱଳ୍ପ, ଏହା ଯେକୌଣସି ସ୍ୱୀକାର କରିବେ । କେବଳ ଏତିକି ନୁହେଁ, ଆମ ଦେଶରେ ଡ୍ରଗସ୍ ଇନସପେକ୍ଟର ପଦବୀ ଏକ ଲାଭଦାୟକ ପଦବୀ ଭାବେ ଜଣାଶୁଣା । ଯେଉଁ ପଦବୀର ଭୂମିକା କର୍ତବ୍ୟ, ଦାୟିତ୍ୱବୋଧ ତୁଳନାରେ ଅର୍ଥ ଉପାର୍ଜନ ଅଧିକ ବୋଲି ଅଭିଯୋଗ ହୁଏ । ଉଲ୍ଲେଖଯୋଗ୍ୟ ଯେ, ଆମ ଦେଶ କିମ୍ବା ବିଦେଶରେ ବିଷାକ୍ତ ଔଷଧ ବା କଫ ସିରାପ୍ ଜନିତ ମୃତ୍ୟୁ ନୂଆ ନୁହେଁ । ଗଲା ପାଂଚ ବର୍ଷ ମଧ୍ୟରେ ଭାରତ ନିର୍ମିତ ଅପମିଶ୍ରିତ ବା ବିଷାକ୍ତ କଫ୍ ସିରପ୍ ଖାଇ ଦେଶ ଓ ବିଦେଶରେ ୧୫୦ରୁ ଉର୍ଦ୍ଧ୍ୱ ଶିଶୁଙ୍କର ମୃତ୍ୟୁ ଘଟିଥିବା କୁହାଯାଏ । ୨୦୨୦ରେ ଜାମ୍ମୁ-କାଶ୍ମୀରରେ ଡିଇଜି ମାତ୍ରା ଅଧିକ ଥିବା କଫ ସିରପ୍ ସେବନ ଦ୍ୱାରା ୧୨ଜଣ ଶିଶୁଙ୍କର ମୃତ୍ୟୁ ଘଟିଥିବାବେଳେ ୨୦୨୨ରେ ଭାରତରେ ନିର୍ମିତ କଫ ସିରପ୍ ଦ୍ୱାରା ଉଜବେକି ସ୍ଥାନରେ ୬୫ଜଣ ଶିଶୁ, ଏହାର ୪ମାସ ପରେ ଗାମ୍ବିଆରେ ୬୬ଜଣ ଶିଶୁଙ୍କର ଜୀବନ ଯାଇଥିଲା । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ହୁ) ଏହା ସ୍ପଷ୍ଟ କରିଥିବାବେଳେ ସମ୍ପୃକ୍ତ ରାଷ୍ଟ୍ର ଦ୍ୱୟ ଭାରତରେ ନିର୍ମିତ କଫ ସିରପକୁ ନିଷିଦ୍ଧ କରିଥିଲେ । କିନ୍ତୁ ଭାରତ ସରକାର ଔଷଧ ନିର୍ମାତା କମ୍ପାନୀକୁ ଯାଂଚ କରିବା ପରେ ଅଭିଯୋଗକୁ ଅସ୍ୱୀକାର କରିଥିଲେ । ସରକାରଙ୍କ ହେୟଜ୍ଞାନ ଯୋଗୁଁ ଏବେ ୨୦ଜଣ ଶିଶୁଙ୍କର ଜୀବନ ଯାଇଛି ବୋଲି କହିଲେ ଅତିରଂଜିତ ହୋଇନପାରେ । ଏହା ପୂର୍ବରୁ ୧୯୮୬ରେ ଅପମିଶ୍ରିତ କଫ ସିରପ୍ ଦ୍ୱାରା ମୁମ୍ବାଇରେ ୧୪ଜଣ ଶିଶୁଙ୍କର ଜୀବନ ହାନୀ ଘଟିଥିବାବେଳେ ଗୁରୁଗାଁଓରେ ଏକ ଔଷଧ କମ୍ପାନୀ ଦ୍ୱାରା ପ୍ରସ୍ତୁତ କଫ ସିରପ୍ ଦ୍ୱାରା ୧୫୦ ଜଣ ଶିଶୁଙ୍କର କିଡନୀ(ବୃକକ୍) ଫେଲ ଯୋଗୁଁ ଗୁରୁତ୍ୱର ଅବସ୍ଥାରେ ସେମାନଙ୍କୁ ଦିଲ୍ଲୀର କଳାବତୀ ସାରନ୍ ଶିଶୁ ହସପିଟାଲରେ ଭର୍ତି କରାଯାଇଥିଲା । ସେମାନଙ୍କ ମଧ୍ୟରୁ ୩୩ଜଣ ଶିଶୁଙ୍କର ମୃତ୍ୟୁ ଘଟିଥିଲା । ଏହି ଦୁଃଖଦ ଘଟଣାରୁ ଭାରତ ସରକାର କିଛି ଶିକ୍ଷା କରିଥିବା ମନେହୁଏ ନାହିଁ । ଅଥଚ ୧୯୩୭ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାରେ ବିଷାକ୍ତ କଫ ସିରପ୍ ଦ୍ୱାରା ୧୦୫ଜଣ ଶିଶୁଙ୍କର ମୃତ୍ୟୁ ଘଟିବା ପରେ ତୁରନ୍ତ ଆମେରିକା, ସରକାର ୧୯୩୮ରେ ଏହାର ସଂଘୀୟ ଖାଦ୍ୟ ଡ୍ରଗସ୍ ଏବଂ କସମେଟିକସ୍ ଆଇନର ସଂଶୋଧନ କରି କଠୋର ଆଇନ ପ୍ରଣୟନ କରିବା ସହ କାର୍ଯ୍ୟକାରୀ କରିଥିଲେ । ସେବେଠାରୁ କଫ୍ ସିରପ୍ ଦ୍ୱାରା ଜଣେ ହେଲେ ଶିଶୁର ଜୀବନ ଯାଇନଥିବା କୁହାଯାଏ । ମାତ୍ର ଭାରତ ସରକାର ଏଭଳି ଆଇନ ପ୍ରଣୟନ ନକରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଉଲ୍ଲେଖଯୋଗ୍ୟ ଯେ, ଭାରତରେ ଉତ୍ପାଦିତ ଜେନେରିକ୍ ଏବଂ ଔଷଧ ବିଶ୍ୱର ୧୫୦ଟି ରାଷ୍ଟ୍ରକୁ ରପ୍ତାନୀ ହୋଇଥାଏ । ଦକ୍ଷିଣ ଆଫ୍ରିକୀୟ ରାଷ୍ଟ୍ର ଏବଂ ଆମେରିକୀୟ ରାଜ୍ୟଗୁଡିକରେ ଭାରତରେ ନିର୍ମିତ ଔଷଧ ଓ ଟିକାର ବ୍ୟାପକ ଚାହିଦା ରହିଛି । ଅପମିଶ୍ରିତ ବା ବିଷାକ୍ତ ଔଷଧ ଏବେ ଭାରତ ପାଇଁ ମୁଣ୍ଡବିନ୍ଧାର କାରଣ ସଦୃଶ ହୋଇଛି ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

## କବିତା...

### ଦୁଷ୍ଟ ପବନର ଦୁଷ୍ଟାମୀ
**ପ୍ରଶାନ୍ତ କୁମାର ନାୟକ**



ଦୁଷ୍ଟ ପବନର ଦୁଷ୍ଟାମୀରେ ଯେବେ
ଓଢଣିଟା ତୁମ ଉଡିଯାଏ,
ଲାଜରେ ଲାଜେଇ କଳା ବାଦଲରେ
ଜହ୍ନ ଯାଇ ଲୁଚିଯାଏ ।

ସୁ ଶୀତଳ ବାଆ ଲହରୀରେ ତୁମ
ତନୁମନ ଉଠେ ଥରି,
ଦୂର ଆକାଶରୁ ହଜାରେ ରେଣୁ
ପଡି ଯାଉଥାଏ ଝରି ।

ବନ୍ଦ୍ ହେଇଯାଏ ସାଗରେ ଜୁଆର
ସେଇ ମୁହୂର୍ତ୍ତକ ପାଇଁ,
ତୁମ ରୂପଦେଖି ଲାଜେ ନଇଁଯାଏ
ପୋଖରୀର ଫୁଟାକଇଁ ।

ଆକାଶରେ ପୁଣି ବିଜୁଳି ଚମକେ
ଖେଳେ ମେଘ ଲୁଚକାଳି,
ଓଢଣୀ ନଥିବା ବାହାନାରେ ଉଡି
ତୁମେ ଦେହେ ଲାଗେ ଧୂଳି ।

ବିଚଳିତ ହୁଏ କବି ମନପ୍ରାଣ
କଲମ ତା' ଚାଲେ ନାହିଁ,
ନ ଛୁଇଁଲେ ବି କେହି ଲାଜକୁଳି ଲତା
ଆପେଆପେ ଯାଏ ନଇଁ ।

♥ୟୁନିଟ୍-୦୫; ଭୁବନେଶ୍ୱର
ମୋ- ୮୨୪୯୬୫୦୪୧୪

### ଜାତିର ଜୁଇରେ ଜାତକ
**ଡକ୍ଟର ସ୍ୱର୍ଣ୍ଣପ୍ରଭା ଖଟୁଆ**



କେଇ ମୁହୂର୍ତ୍ତର ମିଠା ଅନୁଭବ
ନିଆଁରେ ପତଙ୍ଗ ସଜାଇ ଦେଲା
ନିଜେ ଜଳିଲା ଓ
ଅନେକ କିଛି ଜାଳି ଦେଇଗଲା ।

ହାତର କଅଁଳ ସ୍ପର୍ଶରେ
ତାକୁ ଗଢିଥିବା ଈଶ୍ୱର ଈଶ୍ୱରୀଙ୍କୁ
ଜାତି ଅଜାତିର ଦ୍ୱାହି ଦେଇ
ସମାଜ ଅପୂଜା ରଖିଲା
କିଛିଦିନ ପରେ ସଂପର୍କର ପଞ୍ଜୁରୀରେ ବନ୍ଧା
ପଡ଼ିଥିବା ଶାରୀ
ସଂପର୍କୀୟଙ୍କ ଅଜଣା ପଣରେ
ଅଚିହ୍ନା ପାଲଟିଗଲା ।

କେଇପଦ ଅଭିମାନ କେଇମୁଠା ଅଭିଯୋଗ
ସଂପର୍କର ଫାଟକରେ ତାଲା ଝୁଲାଇଦେଲା

ଗାଁ ସାରା ହୁରି ପଡ଼ିଲା
ଜାତିର ଜାତକରେ କଳଙ୍କ ଲାଗିଲା
ସିନ୍ଦୂର ବୋଳା ସୁନ୍ଦର ଜାତକ ଏବେ
ଚାରିଟା ଆଖିର ନିଆଁରେ
ଜୁଇରେ ସଜାଇ ହେଲା ।

ସେହିଦିନରୁ ତା ମନର ମରୁଭୂମିରେ
କୁଶଟିଏବି କଅଁଳିବା
କେହି ଦେଖିନାହାନ୍ତି
ଆଜିବି ଆଖିହଲେ ଗାଁ ମନ୍ଦିରରେ
ତା ନାଁ ରେ ଲୁହର ଦୀପାଳି ଜାଳେ ।

ତା' ଶୁଭ ମନାସି
ଈଶ୍ୱରଙ୍କ ନିକଟରେ ଅଳି କରେ

ଦୁହିତା ଦୁଇ କୂଳକୁ ହିତା
ନହେଲା ନାହିଁ
ସେ କୁଳର କୁଳବଧୂ ହୋଇ
ଚଉରା ମୂଳରେ ସଞ୍ଜଦୀପ ଜାଳୁ
ସୂର୍ଯ୍ୟ ନାରାୟଣଙ୍କୁ ଜଳ ଦେଇ
ପରିବାରର ଶୁଭମନାସୁ ।

ନେତିନାନୀ କାଲି ଆମ ସାହିରେ
କହିଦେଇଗଲା
ଜାତିର ଜୁଇରେ ଜାତକ ଜାଳିଥିବା ଝିଅ
ଭାଗରେ କାଳେ ଈଶ୍ୱର
ନିଇତି ଜଳିବା ଲେଖିଛନ୍ତି ।

ତାକୁ ସୌଭାଗ୍ୟବତୀର ଆଶିଷ ଅଜାଡିଥିବା
ହାତହଳକ
ଏଇ କିଛିଦିନ ହେବ
ଆଖିରେ ସମୁଦ୍ରରୁ ଲୁହର ଲହଡ଼ି
ତୋଳୁଛନ୍ତି ।

♥ ଚଣ୍ଡିଖୋଲ, ଯାଜପୁର
(ମୋ) ୭୭୪୯୮୦୦୨୦୭

### ପୁନର୍ଜନ୍ମର ଅପେକ୍ଷାରେ
**ମମତା ପ୍ରିୟଦର୍ଶିନୀ**



ଯେବେ ଯେବେ ଦିଶେ
ତାରା ଭର୍ତ୍ତି ଆକାଶ
ମନେପଡେ ସେଇ ମୂହୁର୍ତ୍ତ
ଯା ଦିନେ ଟପି ବି ପାରିଲାନି
ଅନନ୍ତ ଉଡାଣର ଏରୁଣ୍ଡି ।

ସ୍ମୃତି ପଟଳରେ ଭାସିଉଠେ
କେତେ କେତେ ସ୍ୱପ୍ନର ପ୍ରତିଶ୍ରୁତି,
ହୃଦୟ ସାଇତା ଅନ୍ତରଙ୍ଗ ଅନୁଭବ
ପାରି ହେବାକୁ ଚାହେଁ
ମଥା ପିଟୁଥିବା ଉତ୍ତାଳ ତରଙ୍ଗକୁ ।

କୁଆଡେ ଆଉ ଆସେକି
ସେଇ ପରମ ସୌଭାଗ୍ୟ ,
ପ୍ରେମିକ ପବନର ମୃଦୁ ଶିହରଣକୁ
ଆଲିଙ୍ଗି ନେବାକୁ ,
ଆଖି ଖୋଲିଲେ ଥାଏ ମୃତ୍ୟୁ ମହୋତ୍ସବର ଚିତ୍ର ।

ଫେରାଦ୍ ଦିଏ ବାରଂବାର ଆହତ ହୃଦୟ
ଈଶ୍ୱରଙ୍କ ଦରବାରେ ସାଷ୍ଟାଂଗ ପ୍ରଣିପାତେ,
ଫେରେଇ ଦବାକୁ ସେ ଜହ୍ନରାତିର
ଆଞ୍ଜୁଳାଏ ସ୍ୱପ୍ନ ।

ଲଂପଟ ସମୟ କିନ୍ତୁ ମୁହଁ ଫେରାଏ
ରାତିର ଭଣ୍ଡାର ଘରେ
ଅନ୍ଧାରିଆ ଶୂନ୍ୟତାରେ ,
ବଞ୍ଚି ଯାଇଥିବା ଅଳ୍ପ କିଛି ଅନୁରାଗ ବି
ପାଣି ଫୋଟକା ଭଳି ମିଳେଇ ଯାଏ ।

ତଥାପି ପୁନର୍ଜନ୍ମର ସ୍ୱପ୍ନ ନେଇ ନିଦୁଆ ହୁଏ ଆଖି
ଅଜସ୍ର ଦରଦକୁ ଫୁଙ୍କି ଦେଇ ଉଡେଇ ଦେବାପାଇଁ,
ମାଟିରୁ ଆକାଶ ଯାଏ ପରିବ୍ୟାପ୍ତ ଜୀବନକୁ
ଖାସ୍ କରି ହାଲ୍କା କରିବା ସକାଶେ ।।

♥ ମୋ: ୯୩୩୭୦୬୭୧୮୬

### ଭାଗ
**ପ୍ରଶାନ୍ତ କୁମାର ଦାଶ**



ନେ ମୋ ଭାଗର ଜୀବନ
ଦେ ତୋ ଭାଗର ମୃତ୍ୟୁ,
ମୋ ଭାଗର ମୃତ୍ୟୁ ମୋର ହୋଇଥାଉ
ତୋ ଭାଗର ଜୀବନ ତୋର ହୋଇଥାଉ ।

ନେ ମୋ ଭାଗର ପୁଣ୍ୟ
ଦେ ତୋ ଭାଗର ପାପ,
ମୋ ଭାଗର ପାପ ମୋର ହୋଇଥାଉ
ତୋ ଭାଗର ପୁଣ୍ୟ ତୋର ହୋଇଥାଉ ।

ନେ ମୋ ଭାଗର ସ୍ୱର୍ଗ
ଦେ ତୋ ଭାଗର ନର୍କ,
ମୋ ଭାଗର ନର୍କ ମୋର ହୋଇଥାଉ
ତୋ ଭାଗର ସ୍ୱର୍ଗ ତୋର ହୋଇଥାଉ ।

ନେ ମୋ ଭାଗର ଆଲୁଅ
ଦେ ତୋ ଭାଗର ଅନ୍ଧାର,
ମୋ ଭାଗର ଅନ୍ଧାର ମୋର ହୋଇଥାଉ
ତୋ ଭାଗର ଆଲୁଅ ତୋର ହୋଇଥାଉ ।

ନେ ମୋ ଭାଗର ସୌଭାଗ୍ୟ
ଦେ ତୋ ଭାଗର ଦୁର୍ଭାଗ୍ୟ,
ମୋର ଦୁର୍ଭାଗ୍ୟ ମୋର ହୋଇଥାଉ
ତୋର ସୌଭାଗ୍ୟ ତୋର ହୋଇଥାଉ ।

ହାଇସ୍ପିଡ୍‌ରେ ଷ୍ଟେସନ୍ ପରେ ଷ୍ଟେସନ୍
ଧାଉଁଛି ଟ୍ରେନ୍,
ଶେଷ ଷ୍ଟେସନ୍ ପହଞ୍ଚିବା ପୂର୍ବରୁ
ଯେତେ ଦିଆନିଆ କଥା ସାରିଦେବା ଭଲ ।

♥ ରେଗଡା, ଏମ୍.ରାମପୁର, କଳାହାଣ୍ଡି
ମୋ-୭୭୩୫୪୧୯୫୭୩

### ବୃଦ୍ଧାଶ୍ରମ
**ସୁମିତା ବେହେରା**



ନିରବତାର ରଙ୍ଗ ମାଖି
ମୁଁ ପୁଣିଥରେ ଓହ୍ଲାଇବି
ଜ୍ୟୋସ୍ନା ରଙ୍ଗର ହସରେ
ସବୁଠି, ସବୁବେଳେ
ଯଦିବା ପ୍ରତିଥର ପାଦ ପକାଇଲେ
କଣ୍ଟା ଫୁଟେ ପାଦରେ ।

ଧୀରେ ଧୀରେ ମୁଁ ବଞ୍ଚିବା ଶିଖୁଛି
ଅଭ୍ୟାସର କ୍ରୀତଦାସ ହେବା ଭୁଲିଛି
ଶୁଣାଯାଉଛି ଜୀବନର ଶବ୍ଦ
ମୋର ଆଉକିଛି ଦିନ
ବଞ୍ଚିବାର ବାକିଅଛି
ବିଛଣାତଳେ ପଡିଥିବା
ପରମାୟୁର କ୍ୟାଲେଣ୍ଡର ନୁହେଁ
ମୋ ହୃଦୟ କହୁଛି ।

ଉଦାସୀନତାର ତୀବ୍ରତା
ଆତୁର ଆକାଶ
ପ୍ରେମର ଶୈଳୀ
ଜମା ସରୁ ନ ଥିବା ଏ ଖେଳ ସହ
ମୁଁ ଏବେ ବେଶ୍ ପରିଚିତ ।
ଦେଖୁଛି କେବଳ
ସବୁବେଳେ ଦେଇ ଆସିଥିବା ହାତ

କେତେ ଲହୁଲୁହାଣ
ଅସହ୍ୟ ଯନ୍ତ୍ରଣା ତ
କେବଳ ସେତୁବନ୍ଧଟିଏ
ଏନ୍ତୁଡିର ଧୂଆଁଳିଆ ନିଆଁଠାରୁ
ଆଖିକୋଣ ଯାଏ ।

ତୁମେ ଏବେ ଯାଅ
ଦେଖ, ମୋ ଚାରିପାଖରେ
କେତେ ଶ୍ୟାମଳ ଅରଣ୍ୟ
କେତେ ନୂତନତା,
ଚେନାଏ ଆକାଶର ଉଦାରତାରେ
କେତେ ମାଦକତା
ମୁଁ ଏଠାରେ ବେଶ୍ ଭଲରେ ଅଛି
ତୁମେ ଦେଇଥିବା ଏ ଅଚିହ୍ନା ଠିକଣା
ତୁମର ସବୁଠାରୁ ବଡ଼ ପ୍ରତିଦାନ
ଏ କଥା ମୋର ମନେଅଛି ।

♥କାଳିକାପୁର ,ବାରିପଦା
ମୋ: ୬୩୭୨୮୫୬୯୯୪

# ନାହିଁ ଓ ନୈରାଶ୍ୟର ଭଉଁରୀ ଭିତରେ ନିଜକୁ ହଜେଇଦେବା ଲେଖକର ସୃଜନଶୀଳତା ନୁହଁ : ମନୋରଞ୍ଜନ ପାଣିଗ୍ରାହୀ

**ମନୋରଂଜନ ପାଣିଗ୍ରାହୀ କର୍କି, ପ୍ରଜାପତି, କପୋତ, ହଳଦି ବସନ୍ତ, ଘରଚଟିଆ କି ଗୋଠ ଫେରନ୍ତା ଗାଈପଲ ଯାହାକୁ କରିଦିଅନ୍ତି ଘର ବାହୁଡା, ସେ କେବଳ କବିତାରେ ନୁହେଁ ଗଳ୍ପ ଓ ଉପନ୍ୟାସରେ ମଧ୍ୟ ପ୍ରତିପାଦିତ କରିଛନ୍ତି ସାହିତ୍ୟ ପ୍ରତି ନିଜର ଦାୟିତ୍ୱଶୀଳତା । ଓଡ଼ିଆ ସାହିତ୍ୟ ଜଗତର ଜଣେ ଶ୍ରଦ୍ଧାଶୀଳ ବ୍ୟକ୍ତିତ୍ୱ ସେ । "ସାହିତ୍ୟ ଅସାଧାରଣ, ସ୍ୱୟଂମ୍ଭୁ, ସାହିତ୍ୟର ପାଠକ ମଧ୍ୟ ଅସାଧାରଣ" ବୋଲି କହୁଥିବା ଲେଖକଙ୍କ ସହ ଏଥରର ଆଳାପ...**

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



■ ଅକ୍ଷରେ ମନୋରଂଜନ ପାଣିଗ୍ରାହୀ



ନାମ - ମନୋରଞ୍ଜନ ପାଣିଗ୍ରାହୀ
ଜନ୍ମ- ୩୦/୦୬/୧୯୬୫
ପିତା- ୰ ସନାତନ ପାଣିଗ୍ରାହୀ
ମାତା- ୰ ସୁଜନ ପାଣିଗ୍ରାହୀ
ଜନ୍ମସ୍ଥାନ : ଭୁବନେଶ୍ୱର
(ମୋ) ୯୪୩୭୦୧୪୫୭୦

**ପ୍ରକାଶିତ କବିତା ପୁସ୍ତକ**

୧- ମୁହଁ ଦର୍ପଣ
୨- ମୃଣ୍ମୟ ମୁହୂର୍ତ୍ତ
୩- ରେଣୁ ରେଣୁ ବାଲି ବର୍ଣ୍ଣାଳୀ ବର୍ଣ୍ଣାଳୀ
୪- କବିତା ଲେଖଉଥିବା ପୁଅ
୫- ବରଂ ଭଲ ବିଜନତା
୬- ମୋର ଦିନ ଉଏଁ
୭- ଉତ୍ସର୍ଗ ପୃଷ୍ଠାରେ ତମେ
୮- ସମୟ ହାତରେ ଖଣ୍ଡେ ରବର
୯- ଚଉଷଠି ଚିତ୍ର
୧୦- ସୁମନ୍ତର ଚିତ୍ରଖାତାରେ ସୂର୍ଯ୍ୟୋଦୟର ଦୃଶ୍ୟ (ଗଳ୍ପ ସଂକଳନ)
୧୧- ସ୍ୱାତୀଲଗ୍ନ : କଥା ଏକ ଜୀବନ ଭଗ୍ନାଂଶର (ଉପନ୍ୟାସ)

■ କବିତା କାହିଁକି ? କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ଅବଶ୍ୟ ନ ଲେଖିଥିଲେ ସେମିତି କିଛି ଫରକ ପଡ଼ିନଥାନ୍ତା, ବାହ୍ୟ ସ୍ତରରେ । ତେବେ ଅନ୍ତଃକରଣରେ, ମୁଁ ହୁଏତ ଟିକେ ଧୂସର, ଟିକିଏ ନିର୍ବାସିତ ଅନୁଭବ କରିଥାନ୍ତି । ଆଉ ପାଞ୍ଚ ଜଣଙ୍କ ପରି ଖାଇପିଇ, ସଂସାରରେ ହାଟ ସଉଦା କରି, ଅଳ୍ପ ଜାଣତରେ, ବେଶୀ ଅଜାଣତରେ ମୃତ୍ୟୁକୁ ଅପେକ୍ଷା କରିଥାନ୍ତି ଆଉ ମୃତ୍ୟୁ ବି ମୋ ମୁହଁକୁ ଟିକେ ସୁଦ୍ଧା ନ ଅନେଇ, ଅବଲୀଳା କ୍ରମେ ନେଇ ଯାଇଥାନ୍ତା ତା' ସହ । କିନ୍ତୁ ମତେ ଏବେ ଲାଗେ, ମୃତ୍ୟୁ ସହ ମୋର ସାମାନ୍ୟ ପରିଚୟ ଅଛି, ଅନ୍ତରଙ୍ଗ ଆତ୍ମୀୟତା ବି । ଆଉ ଯେବେ ବି ମୃତ୍ୟୁ ଆସିବ, କରାଘାତ କରିବ ମୋ କୋଠରୀରେ, କୌଣସି ବର୍ଷା ସକାଳ, ରୌଦ୍ର ଦଗ୍ଧ ମଧ୍ୟାହ୍ନ ବା ଶୀତ ସଂଜରେ, ସେ ନିଶ୍ଚୟ ଚାହିଁବ, ମୋର କବିତା ସଂକଳନ ପ୍ରଥମେ ପଢିବାକୁ ଆଉ ଇତ୍ୟବସରରେ ମୁଁ ତା' ସହ ବନ୍ଧୁତାକୁ ଆହୁରି ନିବିଡ଼ କରିସାରିଥିବି, ମୋର ଭୟ, ଆଶଙ୍କା, ପ୍ରଥମ ସଂକୋଚ ଭାବ କଟିଯାଇଥିବ । ଆମେ ହାତ ଧରାଧରି ହୋଇ ପିଲାଦିନର ଦି' ଜଣ ଖେଳ ସାଙ୍ଗ ପରି ଡଗ ଡଗ ଚାଲିଯିବୁ ଗୋଧୂଳୀର ରାଜରାସ୍ତାରେ । ତା'ର ବାମ ହାତରେ ସେ ଧରିଥିବ ମୋର ସମସ୍ତ କାବ୍ୟକୃତି ଆଉ ମନେ ମନେ ମୁଁ ଗୁଣଗୁଣାଉ ଥିବି, ମୁଁ ଲେଖିବାକୁ ଥିବା ମୋର ପରବର୍ତ୍ତୀ କବିତାର ଧାଡି ସବୁ । ଏମିତି ହିଁ କିଛି ସମ୍ଭାବ୍ୟ କାରଣ ଓ ସ୍ଫୁରଣ ଥିଲା ମୋ କବିତା ରଚନାର ପ୍ରଚ୍ଛଦପଟରେ ।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ମତେ ଭଲ ଲାଗେ ବଣ, ପାହାଡ଼, ନଦୀ, ପର୍ବତ, ଝରଣା, ଆକାଶ, ସମୁଦ୍ର, ତୋଟା, ବଗିଚା, ଧାନ କ୍ଷେତ। ଭଲ ଲାଗେ ଝୁରୁଝୁରୁ ବର୍ଷା, ଧୂ ଧୂ ଖରା, ଥୁରୁଥୁରୁ ଶୀତ କି କୁମାରୀ ବସନ୍ତ । ଭଲ ଲାଗେ ମାଟି ବାସ୍ନା, ବହି ବାସ୍ନା, ଓଦା କେଶର ବାସ୍ନା, ଚଉଁରା ମୂଳର ସଞ୍ଜ ସଳିତାରୁ ଉଠୁଥିବା ଭୁରୁ ଭୁରୁ ବାସ୍ନା । କର୍କି, ପ୍ରଜାପତି, କପୋତ, ହଳଦିବସନ୍ତ, ଘର ଚଟିଆ କି ଗୋଠ ଫେରନ୍ତା ଗାଈପଲ ମତେ କରିଦିଅନ୍ତି ଘର ବାହୁଡ଼ା । ମତେ ଭଲ ଲାଗନ୍ତି, ଚାଷୀ, ମୂଲିଆ, ଶ୍ରମିକ, ସର୍ବହରା, କିରାଣୀ, ଅଫିସର, ପ୍ରେମିକ, ପ୍ରତାରକ, ସାଧୁ ସଂଥ, ଧୂର୍ତ୍ତ, ଧପ୍ପାବାଜ, ମହତ ଓ ଇତର ଜନ, ଯୋଗୀ ଓ ଚଣ୍ଡାଳ । ଭଲ ଲାଗେ ମାଟି, ପାଣି, ପବନ, ଆଲୁଅ, କୀଟ, ପତଙ୍ଗ, ପଶୁ, ପକ୍ଷୀ, ସ୍ଥାବର ଜଙ୍ଗମ, ରଙ୍ଗ, ରୂପ, ବାସ୍ନା, ଶବ୍ଦ ଓ ସାରେଗାମାପା... ଓ ଭଲ ଲାଗେ ଅନ୍ନ, ଆକାଶ, ଅନ୍ତରୀକ୍ଷ, ନଦୀ, ନାରୀ, ନକ୍ଷତ୍ର । ରାଧା, ବିଶାଖା, ଚିତ୍ରା ଓ ଲବଙ୍ଗଲତା । ଜୀବନରେ ଏତେ ଦୃଶ୍ୟ, ଏତେ ଦୃଶ୍ୟାନ୍ତର, ବ୍ୟଥା ବେଦନା, ସୁଖ ଉଲ୍ଲାସ, ସ୍ୱପ୍ନ ସ୍ୱପ୍ନଭଙ୍ଗ.. ମୁଁ ବିସ୍ଫୋରିତ ହୋଇଯାଏ, ଭାଂଗିପଡେ ଓ ପୁଣିଥରେ ଗଢିଉଠେ ନିଜ ଭିତରେ । ଏଇ ଅସହାୟ ଭଲପାଇବାରେ ଚିରନ୍ତନ ଦ୍ରବୀଭୂତ ହୃଦୟ, ଅନିର୍ବଚନୀୟ ସୁଷମାଭରା ପ୍ରକୃତି ଆଉ ବିଦ୍ୟାଳୟରେ ପଢିଥିବା ସାହିତ୍ୟ ବହି ଅଜାଣତରେ ମୋର ସାରସ୍ୱତ ପ୍ରେରଣା ଓ ଆଦ୍ୟ ଗୁରୁ ପାଲଟି ଦୀପଟିଏ ଜାଳିଥିଲା ଭାବ ଓ ଶବ୍ଦର ଉନ୍ମେଷ ପାଇଁ।

■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? ବର୍ତ୍ତମାନ ସୁଦ୍ଧା ଆପଣଙ୍କର କେତୋଟି ପୁସ୍ତକ ପ୍ରକାଶିତ ? ସେଥି ମଧ୍ୟରୁ କେଉଁଟି ଆପଣଙ୍କର ପ୍ରିୟ ଓ କହିଁକି ?

■■ ସାହିତ୍ୟ ଜୀବନର ଅୟମାରମ୍ଭ କେମିତି, ମୁଁ ହୁଏତ କହିପାରିବି ନାହିଁ । କାରଣ ମୁଁ ସେତେବେଳେ ସଚେତନ ନଥିଲି । କିଛି ଗୋଟେ ଘଟିବାର ଅପେକ୍ଷାରେ ନଥିଲି । ସାହିତ୍ୟ ଏକ ସ୍ଥୂଳ ଘଟଣା ନୁହଁ । କଳ୍ପନା, ପ୍ରଜ୍ଞା ଓ ସୂକ୍ଷ୍ମ ଚେତନାର ଏକ ଶାବ୍ଦିକ ରୂପାନ୍ତରଣ । ମୋ ସମ୍ପୂର୍ଣ୍ଣ ଅଗୋଚରରେ ସାହିତ୍ୟ କିଛି ବର୍ଷ ଧରି ମୋ ଜୀବନ ସହ ଜଡିତ ହୋଇ ଜୀବନକୁ ଯେତେବେଳେ ସାହିତ୍ୟୟାନ କରିଦେଲା, ସେତେବେଳେ ହିଁ ସଚେତନ ହୋଇ ଜାଣିପାରିଲି ଯେ ଜୀବନର ଯେଉଁ ସୂକ୍ଷ୍ମ ଜଗତ ଆଡକୁ ମୋ ପାଦ ଓ ପ୍ରବୃତ୍ତି, ମୋ ମନ ଓ ନିବୃତ୍ତି ଆକର୍ଷିତ ହୋଇ ଚାଲିଛି, ତାହା ଏକ ଶାଶ୍ୱତ ସାହିତ୍ୟ ଜଗତ । ୧୯୯୦ ମସିହାରେ ଏକ ଖବରକାଗଜର ରବିବାର ସାହିତ୍ୟ ପୃଷ୍ଠାରେ ପ୍ରକାଶିତ ହୋଇଥିଲା ପ୍ରଥମ କବିତା 'ଲୁହ' । ନିଜ ଭିତରେ ଥାଇ ନିଜକୁ ଅଲଗା ଆବିଷ୍କାର କରିପାରିବାର ଆନନ୍ଦରୁ, ଅନୁଭୂତିରୁ, ପ୍ରବଣତାରୁ ବୋଧେ ଲେଖି ହୋଇଯାଇଥିଲା ପ୍ରଥମ କବିତା । ଏ ଯାବତ ମୋର ଦଶଟି କବିତା ସଂକଳନ 'ମୁହଁ ଦର୍ପଣ' (୧୯୯୫), ମୃଣ୍ମୟ ମୁହୂର୍ତ୍ତ (୧୯୯୭), ରେଣୁ ରେଣୁ ବାଲି, ବର୍ଣ୍ଣକ୍ଷଳୀ ବର୍ଣ୍ଣକ୍ଷଳୀ (୨୦୦୦), କବିତା ଲେଖୁଥିବା ପୁଅ (୨୦୦୧), ବରଂ ଭଲ ବିଜନତା (୨୦୦୪), ମୋର ଦିନ ଉଏଁ (୨୦୧୧), ଉତ୍ସର୍ଗ ପୃଷ୍ଠାରେ ତମେ (୨୦୧୬), ସମୟ ହାତରେ ଖଣ୍ଡେ ରବର (୨୦୧୮), ଗର୍ଭରେ ବଢୁଛି କବିତାର ଭ୍ରୂଣ (୨୦୨୦), ଚଉଷଠି ଚିତ୍ର (୨୦୨୦) ଏବଂ ଏକ ଗଳ୍ପ ସଂକଳନ 'ସୁମନ୍ତର ଚିତ୍ର ଖାତାରେ ସୂର୍ଯ୍ୟୋଦୟର ଦୃଶ୍ୟ' ( ୨୦୧୪), ଏକ ଉପନ୍ୟାସ 'ସ୍ୱାତୀଲଗ୍ନ : କଥା ଏକ ଜୀବନ ଭଗ୍ନାଂଶର' (୨୦୧୫) ପ୍ରକାଶିତ ହୋଇଛି । ସବୁଯାକ ବହି ମୋର ପ୍ରିୟ । ତେବେ ପ୍ରଥମ କବିତା ବହି 'ମୁହଁ ଦର୍ପଣ' ମୋର ପ୍ରଥମ ପ୍ରେମ । ଏହାର ପ୍ରୀତି ଓ ପୁଲକ ଓ ଅନୁଭବ ନିଆରା । ରେଣୁ ରେଣୁ ବାଲି, ବର୍ଣ୍ଣକ୍ଷଳୀ ବର୍ଣ୍ଣକ୍ଷଳୀ ଏବଂ ଚଉଷଠି ଚିତ୍ର କବିତା ସଂକଳନ ଦୁଇଟିରେ ସ୍ଥାନିତ କ୍ଷୁଦ୍ର କବିତାର ରୂପ, ବାସ୍ନା, ଅର୍ଥ ଓ ଇନ୍ଦ୍ରଧନୁର ରଙ୍ଗ ମତେ ବିଭୋର କରେ । ସମୟ ହାତରେ ଖଣ୍ଡେ ରବର, ଗର୍ଭରେ ବଢୁଛି କବିତାର ଭ୍ରୂଣ କବିତା ସଂକଳନରେ ଜୀବନ ପ୍ରତି ଥିବା ଆସ୍ଥା, ବିଶ୍ୱାସ, ଗଭୀର ଦୃଷ୍ଟିଭଙ୍ଗୀ, ଗ୍ରହଣଶୀଳତା, ଚେତନାର ବ୍ୟାପ୍ତି, ମନୋଭୂମିରେ ପ୍ରଜ୍ଞା ଓ କଳ୍ପନାର ସୁଦୂରପ୍ରସାରି ପ୍ରଭାବକୁ ସୂଚିତ କରେ ମୋର କବିତା । ଜୀବନର ଯେଉଁ ମୂଳ ସ୍ୱରୂପ ସଚ୍ଚିଦାନନ୍ଦ, ସେଇ ସତ, ଚିତ ଓ ଆନନ୍ଦର ସହସ୍ରାରରେ ପହୁଞ୍ଚାଏ ମୋର ଶବ୍ଦର କୁଣ୍ଡଳିନୀ ଅର୍ଥର ମୂଳାଧାରରୁ ଯାତ୍ରା ଆରମ୍ଭ କରି ।



ଜୀବନସାଥୀଙ୍କ ସହ କବି...

■ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ କେତେ ଆଶାବାଦୀ ?କଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ ବୋଲି ଆପଣ ଭାବନ୍ତି ?

■■ ଓଡ଼ିଆ ସାହିତ୍ୟର ଗତି, ପ୍ରକୃତି, ସ୍ଥିତି ଓ ସମ୍ଭାବନାକୁ ନେଇ ମୁଁ ଆଶାବାଦୀ । ନାହିଁ ଓ ନୈରାଶ୍ୟର ଭଉଁରୀ ଭିତରେ ନିଜକୁ ହଜେଇଦେବା ଏକ ଲେଖକର ସୃଜନଶୀଳତା ନୁହଁ । ଏକ ଦୀର୍ଘ ସମୟର କାଳଖଣ୍ଡରେ ସାହିତ୍ୟର ଗୁଣାତ୍ମକ ମାନ ନିର୍ଦ୍ଧାରଣ ହୁଏ । ନଦୀର ପ୍ରବହମାନତା ପରି, ଆକାଶର ସହସ୍ର ରଙ୍ଗ ପରି ସାହିତ୍ୟର ରଙ୍ଗ, ରୂପ ଓ ପ୍ରବାହ । ସମାଜର, ସଂସ୍କାରର, ବିଜ୍ଞାନର, ଜୀବନର ପରିବର୍ତ୍ତିତ ରୂପକୁ ସାହିତ୍ୟ ପ୍ରକାଶ କରୁଥାଏ କେବଳ । ଗ୍ରୀଷ୍ମରେ ଆକାଶ ପାଣ୍ଡୁର ହେବା, ବର୍ଷାରେ ଆର୍ଦ୍ର, ଶରତରେ ନିର୍ମଳ, ହେମନ୍ତରେ ନୀଳ, ବସନ୍ତରେ ସ୍ୱପ୍ନିଳ ହେବା ଏହାର ବିବିଧତା । ସାଧାରଣ ପାଠକ ସାହିତ୍ୟ ପଢେ ନାହିଁ । ସେ ସଂବାଦ ପଢେ, ଟିଭି ଦେଖେ, ମୋବାଇଲରେ ସମୟ ବିତାଏ, ଘର ପାଇଁ ପରିବା ଆଉ ଔଷଧ ଆଣେ, ଖାଏ ପିଏ ଆଉ ଆରାମରେ ଶୋଇଯାଏ। ସାହିତ୍ୟ ଅସାଧାରଣ, ସ୍ୱୟଂମ୍ଭୁ, ସାହିତ୍ୟର ପାଠକ ମଧ୍ୟ ଅସାଧାରଣ । ଭାଗବତର ଧାଡି ମନେ ପଡୁଛି, 'ପ୍ରକୃତି ପରେ ତୋର ବାସ, ଏଣୁ ପ୍ରାଣିକି ଅପ୍ରକାଶ' ! ପ୍ରକୃତି ପରି, ଈଶ୍ୱର ପରି ସାହିତ୍ୟ ପରିବ୍ୟାପ୍ତ । ତୃଷିତ ଖୋଜିନେଉ ତା'ର ଜଳଧାର।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?

■■ ମାତୃଭାଷା ଆମର ସଂକଟରେ ବିଲକୁଲ ନାହିଁ । ସହରୀ ସଭ୍ୟତାର ମାପକାଠିରେ, ତାହା ଏକ ଭ୍ରମାତ୍ମକ ଧାରଣା ମାତ୍ର । ଓଡିଶା ଏକ ବଡ଼ ଗାଁ । କେତେ ଶିକ୍ଷିତ, ସେଥିରୁ କେତେ ପ୍ରତିଶତ ଇଂରାଜୀ ବା ହିନ୍ଦୀ ଭାଷା କହି ଲେଖିପାରୁଛନ୍ତି ? ଆମ ଦୈନନ୍ଦିନ ଜୀବନର ବୃହତ୍ତର ଭାଷା ଓଡ଼ିଆ । ତେବେ ଆମ ଶିକ୍ଷା ବ୍ୟବସ୍ଥାରେ, ରୋଜଗାରର ମାଧ୍ୟମରେ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାରେ ଓଡ଼ିଆ ଭାଷାର ପ୍ରୟୋଗ ଏହାକୁ ଆହୁରି ଶକ୍ତିଶାଳୀ କରିପାରିବ ବୋଲି ମୁଁ ଭାବେ ।

■ ଭଲ କବିତାର ସଂଜ୍ଞା କଣ ? ସାହିତ୍ୟ ମାଧ୍ୟମରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?

■■ ଭଲ କବିତା ଏକ ବିସ୍ମୟ । ଈଶ୍ୱରଙ୍କର ନିକଟତର ହେବା ପାଇଁ ଅନୁଚ୍ଚାରିତ ଏକ ଗୁଣୁଗୁଣୁ ମନ୍ତ୍ର । ମହାକାଳକୁ ଶବ୍ଦ ଭିତରେ ବାନ୍ଧିରଖିବାର ଏକ ଶ୍ୟାମଳ ପ୍ରୟାସ । ଆତ୍ମଦର୍ଶନ ଓ ଆତ୍ମାଦର୍ଶନର ଏକ ସମୁଚିତ ମାର୍ଗ । ଏଇ ମାଟି, ପାଣି, ପବନ, ନିଆଁ ଓ ଆକାଶର ଋଣ ପରିଶୋଧ କରିବାର କିସ୍ତି । ପ୍ରେମ, ଈଶ୍ୱର ଓ ମୃତ୍ୟୁର ଏକ ସମବାହୁ ତ୍ରିଭୁଜ । ମହୁର ସୁରେଇ, ଶବ୍ଦର ପାରିଜାତ । ଭଲ କବିତାର ସଂଜ୍ଞା ଆପେକ୍ଷିକ, କେବେ ବି ନିର୍ଦ୍ଦିଷ୍ଟ, ଯୁକ୍ତିସଂଗତ ଓ ସନ୍ତୋଷଜନକ ନୁହେଁ । ମନକୁ ବୁଝେଇଲା ପ୍ରାୟ । ଜୀବନ ପ୍ରତି ଏକ ସକାରାତ୍ମକ ଦୃଷ୍ଟିଭଙ୍ଗୀ ଓ ଗ୍ରହଣଶୀଳତାକୁ ଉନ୍ମୋଚିତ କରେ ସାହିତ୍ୟ । ସମାଜ ତ ବ୍ୟକ୍ତି ବିଶେଷଙ୍କର ସମଷ୍ଟି । ପଠନସ୍ପୃହା ବ୍ୟକ୍ତି ବିଶେଷଙ୍କର ଚେତନାର ବ୍ୟାପ୍ତି ଓ ସାମ୍ପ୍ରସାରଣରେ ସାହିତ୍ୟର ଭୂମିକା ଅତୁଳନୀୟ । ସାହିତ୍ୟ ଏମିତି କିଛି ଦୃଶ୍ୟମାନ ଭାବେ କରିପାରେନାହିଁ, କିନ୍ତୁ କରିବାପାଇଁ ଯେଉଁ ଅନ୍ତର୍ନିହିତ ଶକ୍ତି, ସାମର୍ଥ୍ୟ ଓ ସାହସର ଆବଶ୍ୟକତା, ସେଇ ସବୁ ଉପାଦାନ ଯୋଗାଇଦିଏ ସୂକ୍ଷ୍ମ ସ୍ତରରେ । ଭାଗବତର ଶୁକ ମୁନି ସମ୍ବାଦ ମହାରାଜା ପରୀକ୍ଷିତଙ୍କ ମନରୁ ମୃତ୍ୟୁ ଭୟକୁ ଦୂର କରିପାରିଥିଲା । ଭଗବାନ ଶ୍ରୀ କୃଷ୍ଣଙ୍କ ମୁଖ ନିଃସୃତ ଶ୍ରୀମଦଭଗବତ ଗୀତା ଶୁଣି ଅର୍ଜୁନ ବିଷାଦ ଯୋଗରୁ ମୁକୁଳି ପାରିଥିଲେ ।

■ ଓଡିଆ ଭାଷା, ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ?

■■ ଓଡ଼ିଆ ଭାଷା, ସାହିତ୍ୟର ଭବିଷ୍ୟତକୁ ନେଇ ମୁଁ ବହୁତ ଖୁସି ଏବଂ ଆଶାବାଦୀ । ପାଠକ ସଂଖ୍ୟା ବଢିଛି, ଲେଖକ ସଂଖ୍ୟା ବଢିଛି । ସମ୍ବାଦପତ୍ର, ସାହିତ୍ୟ ପତ୍ର ପତ୍ରିକା, ସଭା ସମିତି, ସାହିତ୍ୟ ଉତ୍ସବ, ସୃଜନ କର୍ମ ସବୁ କିଛି ପୂର୍ବ ତୁଳନାରେ ପରିମାଣାତ୍ମକ ଭାବେ ବୃଦ୍ଧି ପାଇଛି । ଏହା ବ୍ୟକ୍ତି ଓ ସମଷ୍ଟିର ସାହିତ୍ୟ ଅଭିରୁଚିକୁ ସୂଚାଉ ନାହିଁ କି ? ହଁ, ସାହିତ୍ୟ ନଦୀରେ ବେଳେବେଳେ ବନ୍ୟା ଆସେ, ଭଉଁରୀ ଓ ଗୋଳି ପାଣିରେ ଅସନା ଦିଶେ, ହେଲେ, ପଟୁମାଟି ବି ତ ଆଣେ ବନ୍ୟା, ଦୁଇପାଖର ଚାଷ ଜମିକୁ ଉର୍ବର କରେ । ତେବେ, ଚାଷୀ ଉପରେ ନିର୍ଭର କରେ, ସେ ପଟୁମାଟି ମୁହଁରେ ବୋଳି ହେଇ ସେଲ୍ଫି ଉଠେଇ ଫେସବୁକରେ ପୋଷ୍ଟିଙ୍ଗ କରିବ ନା ପାଗ ଯୋଗ ଦେଖି ଉତ୍କୃଷ୍ଟ ସାହିତ୍ୟ ଚାଷ କରିବ, ଭବିଷ୍ୟତର ଭାଷା-ଅନ୍ନ ଭଣ୍ଡାରକୁ ସମୃଦ୍ଧ କରିବ ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ଓଃ.. ପରୀକ୍ଷାର ସବୁଠାରୁ କଷ୍ଟ ପ୍ରଶ୍ନ । ତେବେ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ ମାଧ୍ୟାକର୍ଷଣର ଗୁରୁତ୍ୱ ଠାରୁ ବହୁତ, ବହୁତ କମ । ମାଧ୍ୟାକର୍ଷଣ ଶକ୍ତି ନଥିଲେ ମଣିଷ ଭୂପୃଷ୍ଠରେ ଚାଲିପାରିବ ନାହିଁ, ସ୍ୱାଭାବିକ ଜୀବନ ବଂଚିପାରିବ ନାହିଁ । ତେବେ ସାହିତ୍ୟ ପୁରସ୍କାରରେ ଏମିତି କିଛି ନାହିଁ । ଏହାର ଭୂମିକା ସ୍ୱୀକୃତ, ଜଣେ ଲେଖକକୁ ଏହା ବେଶୀ ବା କମ୍ ସୃଜନଶୀଳ କରିପାରିବ ନାହିଁ । ସାହିତ୍ୟ ଓ ପୁରସ୍କାର ଦୁଇଟି ଭିନ୍ନ ଭିନ୍ନ ଗଳିରେ ଅବସ୍ଥାନ କରନ୍ତି । ଗୋଟିଏ ଗଳିରେ ଦୁଇଙ୍କର ସହାବସ୍ଥାନ ବଡ଼ ଦୁର୍ଲଭ, ଏକ ରାଜଯୋଗ । ମୋର ବିଶ୍ୱାସ, ଗଳ୍ପ ବା କବିତାଟିଏ ଲେଖିସାରିଲା ପରେ ଲେଖକ ସେଇ ସୃଷ୍ଟିର ମା ହେଇଯାଏ । ସୃଷ୍ଟି ଦିବ୍ୟ ମାତୃତ୍ୱ ପ୍ରଦାନ କରେ । ପ୍ରତ୍ୟେକ ଲେଖକ ଜଣେ ଜଣେ ମା । ଏହାଠାରୁ ବଡ଼ ପୁରସ୍କାର ଆଉ କଣ ଥାଇପାରେ ଜଣେ ଲେଖକର ଜୀବନରେ । ସାମାନ୍ୟ ମଜାର କଥା, ବିଦ୍ୟାଳୟର ପଛ ବେଞ୍ଚରେ ସବୁଦିନେ ବସୁଥିବା ପିଲା, ତ୍ରୟ ମାସିକ, ଅର୍ଦ୍ଧବାର୍ଷିକ ପରୀକ୍ଷାରେ କମ ନମ୍ବର ରଖୁଥିବା ପିଲା, ଯେତେବେଳେ ବାର୍ଷିକ ପରୀକ୍ଷାରେ ମାଷ୍ଟ୍ରେଙ୍କୁ ଧରାଧରି କରି, ଟ୍ୟୁସନ ହୋଇ ସର୍ବାଧିକ ନମ୍ବର ରଖେ, ଆଗ ଧାଡିରେ ଭଲ ପାଠ ପଢୁଥିବା ପିଲାମାନଙ୍କର ମନ ସ୍ୱାଭାବିକ ଭାବେ ଖରାପ ହୋଇଯାଏ । କଥା ତ ଏତିକି । ସାହିତ୍ୟ ବା ଏଇ ସାକ୍ଷାତକାର ମାଧ୍ୟମରେ କାହାକୁ କିଛି କହିବା ବା ବାର୍ତ୍ତା ଦେବା ପାଇଁ ଯେଉଁ ଯୋଗ୍ୟତା ଦରକାର, ତାହା ମୋର ନାହିଁ। କ୍ଷମା କରିବେ । ♥



ସୁଖୀ ପରିବାର : ପତ୍ନୀ ଓ ଦୁଇ କନ୍ୟାଙ୍କ ସହ କବି ମନୋରଞ୍ଜନ ପାଣିଗ୍ରାହୀ...




ସାହିତ୍ୟସଭାରେ କବି ମନୋରଂଜନ ପାଣିଗ୍ରାହୀ ।

# ହବିଷ୍ୟ ଓ ପୂଜନର ଧର୍ମ ମାସ କାର୍ତ୍ତିକ



## ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି (ହାରିତସ୍)



ପୃଥିବୀ, ଆକାଶ ଓ ବାୟୁମଣ୍ଡଳକୁ ନେଇ ପରିବେଶର ସୃଷ୍ଟି । ବର୍ଷର ବିଭିନ୍ନ ସମୟରେ ଗ୍ରହମାନଙ୍କର ସୂର୍ଯ୍ୟଙ୍କୁ ପ୍ରଦକ୍ଷିଣ କରିବା ଯୋଗୁଁ ବିଶେଷରେ ଅନୁଭୂତ ପାଣିପାଗ ତଥା ଜଳବାୟୁରେ ପରିବର୍ତ୍ତନ ଆସିଥାଏ । ସୂର୍ଯ୍ୟଙ୍କ ନିକଟତର ହେଉଥିବା ଗ୍ରହମାନେ ସୂର୍ଯ୍ୟଙ୍କ ଉତ୍ତାପକୁ ଗ୍ରହଣ କରି ଉତ୍ତପ୍ତ ହୋଇଥାଆନ୍ତି । ପୁଣି ନିଜ ଅକ୍ଷପଥ ଓ କକ୍ଷପଥରେ ଘୂର୍ଣ୍ଣନ କରିବା ବେଳରେ ସମୟକ୍ରମରେ ସୂର୍ଯ୍ୟଙ୍କଠୁଁ ଦୂରେଇବାକୁ ନେଇ ଶୀତଳତାକୁ ଅନୁଭବ କରିଥାଆନ୍ତି। ଏହିକ୍ରମରେ ମଧ୍ୟ ଆମେ ଦିନ ଓ ରାତ୍ରିକୁ ଅତିବାହିତ କରିବାକୁ ପଡ଼େ । ଏହି ଭୌଗୋଳିକ ପରିକ୍ରମଣ ବେଳେ ବର୍ଷ ମଧ୍ୟରେ ବାରଟି ରାଶି ଓ ସତେଇଶି ଗୋଟି ନକ୍ଷତ୍ରଙ୍କୁ ନେଇ ସଂକ୍ରାନ୍ତି ଓ ପୌର୍ଣ୍ଣମାଦି ତିଥିର ନକ୍ଷତ୍ର ଆଦିକୁ ବିଶ୍ୱବାସୀ ଅନୁଭବ କରିଥାନ୍ତି । ବର୍ଷ ମଧ୍ୟରେ ସଦାସର୍ବଦା ଦିବସ ଓ ରଜନୀ କିମ୍ବା ରଜନୀ ଅନ୍ତେ ଦିବସ ଉପନୀତ ହୋଇଥାଏ । ବିଶେଷରେ ଏହିସବୁ ଗ୍ରହ, ଉପଗ୍ରହ, ନକ୍ଷତ୍ର ଆଦିର ଘୂର୍ଣ୍ଣନକୁ ସୂର୍ଯ୍ୟବର୍ଷ କ୍ରାନ୍ତି ପଥର ଅତିକ୍ରମକୁ ନେଇ ହେଇଥାଏ । ବାରଟି ରାଶି ମଣ୍ଡଳର ଗୋଲାକାର ପଥରେ ପ୍ରତିରାଶି ପିଛା ୩୦ ଡିଗ୍ରୀ କରି ସମ୍ପୂର୍ଣ୍ଣ ୩୬୦ଡିଗ୍ରୀର ବୃତ୍ତାକାର ପୃଥିବୀ ପଥର ସଞ୍ଚାରଣ ସମାପ୍ତ ହେଲାଭଳି ଚନ୍ଦ୍ର ପଥରେ ୨୭ ନକ୍ଷତ୍ର ବିଶିଷ୍ଟ ପଥକୁ ଅପସାରଣ କରି ବାରଟି ନାକ୍ଷତ୍ରିକ ମାସ ନାମର ପୂର୍ଣ୍ଣମୀ ପାଳିତ ହୋଇଥାଏ। ମେଷ, ବୃଷ, ମିଥୁନ, ସଂକ୍ରାନ୍ତି ଭଳି ବୈଶାଖ, ଜ୍ୟେଷ୍ଠ, ଆଷାଢ଼ାଦି ନାମରେ ପୂର୍ଣ୍ଣମୀର ପର୍ବଦିନକୁ ଭୋଗ କରିବାକୁ ହୋଇଥାଏ । ଗୋଟିଏ ନିର୍ଦ୍ଦିଷ୍ଟ ବର୍ଷ ମଧ୍ୟରେ ବାରଟି ରାଶିକୁ ଆକାଶ ବୃତ୍ତର ୨୭ଟି ନକ୍ଷତ୍ର ମଣ୍ଡଳକୁ ଅତିକ୍ରମ କରିବାକୁ ଗଲାବେଳେ ଯେଉଁ ରାଶିରେ ନକ୍ଷତ୍ରମାନଙ୍କର ଅବସ୍ଥିତିରେ ଆକାର ଅନୁସାରେ ରାଶି ନାମକରଣ ହୋଇଥାଏ ଯେମିତିକି ଅଶ୍ୱିନୀ ନକ୍ଷତ୍ର ମେଷ ରାଶିରେ ଅବସ୍ଥିତ ଏହା ଉତ୍ତର ଆକାଶରେ ସ୍ଥିତ ଏଥିରେ ରହିଛନ୍ତି ତିନିଗୋଟି ଅନୁଜ୍ଜ୍ୱଳ ତାରକା, ଏହି ତିନି ତାରକାଙ୍କୁ ଯୋଗ କଲେ ଯେଉଁ ତ୍ରିଭୂଜ ତ୍ରିକୋଣର ସୃଷ୍ଟି ହୁଏ, ତାକୁ ଘୋଡ଼ାର ମୁଣ୍ଡଭଳି କଳ୍ପନା କରାଯାଇଛି । ଅଶ୍ୱିନୀର ଅର୍ଥ ଘୋଡ଼ା। ଏହିଭଳି ମେଷରୁ ମୀନରାଶିର ନାମକରଣ ନକ୍ଷତ୍ରମାନଙ୍କର ସ୍ଥିତ ଆକୃତିକୁ ନେଇ କରାଯାଇଛି। ଏବେ ଆସନ୍ତୁ ଦେଖିବା ଆଶ୍ୱିନ ମାସ ପରେ ଆସିଛି କାର୍ତ୍ତିକ ମାସ। ଯାହା କୃତ୍ତିକା ନକ୍ଷତ୍ରକୁ ନେଇ ନାମିତ । ଜ୍ୟୋତିଷ ମତରେ ଏହି ରାଶିରେ ମଧ୍ୟ ଛଅଗୋଟି ତାରା ରହି ଏକ କଟାର କାଠ ଭଳି କ୍ଷେତ୍ର ସୃଷ୍ଟି କରିଛନ୍ତି । ଏଥିରେ ଥିବା ନକ୍ଷତ୍ର ମାନଙ୍କ ନାମ ହେଲା ସମ୍ଭୂତି, ଅନୁସୂୟା, ସନ୍ନତି, ଲଜ୍ଜା, ପ୍ରୀତି ଓ ଦେବସେନା (ଷଷ୍ଠୀ) । ଏହାକୁ ଓଡ଼ିଆ ତଥା ଦେଶୀୟ ନାମରେ କାର୍ତ୍ତିକ/ କୃର୍ତ୍ତିକା ପୁଞ୍ଜ କୁହାଯାଏ । ପୁରାଣରେ ଏହି କୃତ୍ତିକା ନକ୍ଷତ୍ର ପୁଞ୍ଜରେ ଛ'ନକ୍ଷତ୍ରଙ୍କ ବିଷୟରେ ଓ ଶିବପୁତ୍ର କାର୍ତ୍ତିକଙ୍କ ଜନ୍ମାଦିକଥାର ବିଶେଷ ଉଲ୍ଲେଖ ରହିଛି । ଏହି ନକ୍ଷତ୍ରଙ୍କୁ ନେଇ କାର୍ତ୍ତିକ ମାସର ସୃଷ୍ଟି । ଆଶ୍ୱିନ ମାସ ଭଳି କାର୍ତ୍ତିକ ମାସ ବିଶେଷରେ ବହୁ ପର୍ବପର୍ବାଣୀ ଓ ଯାତ୍ରା ଉତ୍ସବରେ ମୁଖରିତ। ଏ'ମାସକୁ ହବିଷ୍ୟ ମାସ କୁହାଯାଏ । ଆଧ୍ୟାତ୍ମିକତାର ସାଧନାରେ ଏ ମାସରେ ହବିଷ୍ୟ ବ୍ରତ ପାଳନ କରାଯାଏ । ହବିର ବିଶେଷ ଅର୍ଥ ହେଲା ଘୃତ ବା ଘୃତକଯଜ୍ଞ । ଯେଉଁମାନେ ଏ ମାସରେ ବୃନ୍ଦାବତୀଙ୍କ ପରେ ରାଧାକୃଷ୍ଣଙ୍କ ପୂଜନ ବ୍ରତ ପାଳନ କରନ୍ତି ସେମାନେ ବିଶେଷରେ ନିଷ୍ଠାର ସହ ପୂଜନ କର୍ମାଦି ପରେ ଗୋଟିଏ ଥର ମାତ୍ର ପୂଜିତ ଘୃତାନ୍ନ ସେବନ କରିବାର ବିଧି ପାଳନ କରିଥାନ୍ତି ।

କାର୍ତ୍ତିକ ମାସରେ ବିଧବା ହିନ୍ଦୁରମଣୀ ମାନଙ୍କର ଆଧ୍ୟାତ୍ମିକ ଶ୍ରୀକ୍ଷେତ୍ର ହେଲା ଏହି ବୃନ୍ଦାବତୀ ତଥା ତୁଳସୀ ଚଉଁରା। ଏଠାରେ ଶ୍ରୀରାଧାକୃଷ୍ଣଙ୍କ ପୂଜନ ସହ ପ୍ରତ୍ୟେକ କାର୍ତ୍ତିକ ମହାତ୍ମ୍ୟର ଜଳନ୍ଧର (ବୃନ୍ଦାବତୀଙ୍କ ସ୍ୱାମୀ) ବଧ, ଶାଳଗ୍ରାମ (ଗଣ୍ଡୁକୀ ନଦୀର ଶୀଳାଖଣ୍ଡ) ପୂଜନରୁ ଅଧ୍ୟାୟେ କରି ପଠନ କରିଥାଆନ୍ତି । କାର୍ତ୍ତିକମାସ ହବିଷ୍ୟ ପାଳନରେ କେବଳ ଯେ ବିଧବା ହିନ୍ଦୁ ରମଣୀ ମାନେ ପାଳନ କରନ୍ତି ତା'ନୁହେଁ ଏମାନଙ୍କ ବ୍ୟତୀତ ବ୍ରହ୍ମଚାରୀ, ସାଧୁ, ସନ୍ଥ, ସନ୍ୟାସୀ ତଥା ବୈଷ୍ଣବ ଭକ୍ତମାନେ ମଧ୍ୟ ଅତି ନିଷ୍ଠାର ସହ ଏହି ହବିଷ୍ୟ ପର୍ବ ଓ ବ୍ରତ ପାଳନ କରିଥାନ୍ତି । ପ୍ରତି ଗ୍ରାମାଞ୍ଚଳମାନଙ୍କରେ କାର୍ତ୍ତିକର ଅବଧି ଉପସ୍ଥିତ ହେଉ ହେଉ ପାହାନ୍ତା ରାତ୍ରରୁ ହବିଷିଆଳୀ ବ୍ରତୀକମାନେ ନଦୀଘାଟ ଓ ପୁଷ୍କରିଣୀର ପବିତ୍ର ଜଳରେ ଆମସ୍ତକ ସ୍ନାନ କରି ଭଗବତ ଆରାଧନା କରିବାରେ ଲାଗିଥାନ୍ତି । ଏମିତିକି ଶହଶହ ସଂଖ୍ୟା କାର୍ତ୍ତିକ ହବିଷ୍ୟ ସ୍ନାନ କରି ଦେବପୂଜନ କରୁଥିବା ଦେଖାଯାଏ । ବିଷ୍ଣୁ ମନ୍ଦିରମାନ ହବିଷିଆଳୀଙ୍କ ଦ୍ୱାରା ଭର୍ତ୍ତି ହୋଇଯାଇଥାଏ ଓ ବିଭିନ୍ନ ସ୍ଥାନରେ ହରିନାମ ସଂକୀର୍ତ୍ତନ, ନାମ କୀର୍ତ୍ତନ, ଦାନଛତ୍ର, ଜନସେବା, ଗୋସେବାଦି ପୂର୍ଣ୍ଣ ଭକ୍ତିର ସହ ପାଳନ କରୁଥିବା ଦେଖାଯାଏ । ଏ ମାସରେ ଦୀପାବଳୀ ଅମାବାସ୍ୟାର ପରଦିନ ଶୁକ୍ଲପକ୍ଷ ପ୍ରତିପଦାର ପୁଣ୍ୟ ତିଥ୍ୟରେ ଅନୁକୂଟ ବା ଗୋବର୍ଦ୍ଧନ ଉତ୍ସବ ପାଳନ କରାଯାଏ । ଏଇଦିନ ପର୍ବତ ପ୍ରାୟ ଅନ୍ନବ୍ୟଞ୍ଜନକୁ ମହାବିଧି ପାଳନ ପୂର୍ବକ ଦେବତାଙ୍କୁ ଅର୍ପଣ କରିବା ପରେ ଭକ୍ତମାନଙ୍କୁ ବିତରଣ କରାଯାଇଥାଏ । ଏହି ପର୍ବଦିନ ୫୬ ପ୍ରକାର ଶାଗକୁ ଏକତ୍ର କରି 'ଶାଗରୁଚି' ନାମକ ବ୍ୟଞ୍ଜନ ଭୋଗ ଲଗାଇବାର ଏକ ସ୍ୱତନ୍ତ୍ର ବିଧି ମଧ୍ୟ ପାଳନ କରାଯାଉଥିବା ଦେଖାଯାଏ ।

କୃତ୍ତିକା ନକ୍ଷତ୍ର ଜାତ ଏହି କାର୍ତ୍ତିକ ମାସରେ ବହୁ ପର୍ବଦିବସ ରହିଛି । କୁମାର ପୂର୍ଣ୍ଣମୀର ତିଥିରୁ ଆରମ୍ଭ ତଥା ଧାନଗଛର ପୂଜନ ଅବା ଶ୍ରୀଲକ୍ଷ୍ମୀ ଅନ୍ନପୂର୍ଣ୍ଣାଙ୍କ ଆରାଧନା ଏ ମାସର କୃଷ୍ଣପକ୍ଷ ଏକାଦଶୀ ଉପବାସକୁ ରମା ଏକାଦଶୀ ବ୍ରତ ପାଳନ ସହ ଗୋବତ୍ସା ଉପାସନା କରାଯାଏ । ଏ ମାସରେ ଆୟୁର୍ବେଦର ସଂସ୍ଥିତ ଦେବ ଧନ୍ୱନ୍ତରୀ ଜୟନ୍ତୀ ସହ ନରକ ଚତୁର୍ଦ୍ଦଶୀ ପାଳନ ବିଧି ଅନୁସୃତ ହୋଇଥାଏ । କାର୍ତ୍ତିକ ଅମାବାସ୍ୟାର ତିଥ୍ୟ ଏକ ବିଶିଷ୍ଟ ପର୍ବତିଥି। ଯେଉଁଦିନ ଦୀପାବଳୀ ପାଳିତ ହୁଏ ସେଦିନ ମଧ୍ୟ ମା'ଶ୍ୟାମାକାଳୀଙ୍କ ଆରାଧନା ତଥା କାଳୀପୂଜା ଅନୁଷ୍ଠିତ ହୋଇଥାଏ । ଶୁକ୍ଳ ଦ୍ୱିତୀୟାରେ ଭାତୃଦ୍ୱିତୀୟା ପୂଜା ସହ ଚନ୍ଦ୍ରଦର୍ଶନର ଅମୃତପ୍ରାୟ ପୁଣ୍ୟ ଅର୍ଜନ କରିହୁଏ । କାର୍ତ୍ତିକ ଶୁକ୍ଲପକ୍ଷ ଚତୁର୍ଥରେ ପଡ଼େ ନାଗଚତୁର୍ଥୀ ବ୍ରତ । ପଞ୍ଚମୀରୁ ଆରମ୍ଭ ହୋଇଥାଏ ଶରଣ ପଞ୍ଚକ । ଶ୍ରୀକ୍ଷେତ୍ରସ୍ଥ ଷୋଳ ଶାସନରେ ଅମୃତ ମଣୋହି ଭୋଗ ଓ ଅଷ୍ଟମୀ ଦିନ ଗୋଷ୍ଠାଷ୍ଟମୀ ପର୍ବ, ଶୁକ୍ଲପକ୍ଷ ନବମୀ ତିଥିରେ ଅଁଳାନବମୀ ଯେଉଁଦିନ ଶ୍ରୀରାଧାଙ୍କ ପାଦଦର୍ଶନ ଓ ଜଗଦ୍ଧାତ୍ରୀ ପୂଜା ଯଥାବିଧି ଅନୁଷ୍ଠିତ ହୋଇଥାଏ । ଦଶମୀ ତିଥିରେ ଶରଦ୍ରା ସାଧିବାସ ସହ ଶରଣର ଶେଷ ବିଧି ପାଳିତ ହୁଏ । କାର୍ତ୍ତିକ ମାସର ଶୁକ୍ଳ ଏକାଦଶୀକୁ ଦେବୋତ୍ଥାପନ ତଥା ବଡ଼ଏକାଦଶୀ ଭାବରେ ପାଳନ କରାଯାଏ । ଏହା ସହିତ ଆରମ୍ଭ ହୁଏ କାର୍ତ୍ତିକର ମହାପୁଣ୍ୟ ପ୍ରାପ୍ତ କରୁଥି ପଞ୍ଚକ ବ୍ରତ । ଏହାକୁ ବକ ପଞ୍ଚକ ଓ ଭୀଷ୍ମ ପଞ୍ଚକ ବୋଲି ମଧ୍ୟ କୁହାଯାଏ ।

କାର୍ତ୍ତିକର ଶେଷ ପାଞ୍ଚଦିନକୁ ବକ ପଞ୍ଚକ ବ୍ରତ କହନ୍ତି । ଯେଉଁମାନେ ମାସ ସାରା କାର୍ତ୍ତିକ ବ୍ରତ ହବିଷ୍ୟାଦି ପାଳନ କରିବାରେ ସମର୍ଥ ହୋଇନଥାନ୍ତି, ସେମାନେ ଏହି ପଞ୍ଚକ ବ୍ରତ ପାଳନ କଲେ, ସେମାନଙ୍କୁ ତତୁଲ୍ୟ ଧର୍ମ ତଥା ପୁଣ୍ୟ ଅର୍ଜନ କରାଇଥାଏ । ଶୁକ୍ଳ ଦ୍ୱାଦଶୀକୁ ଗରୁଡ଼ ଦ୍ୱାଦଶୀ କୁହାଯାଏ । ଏହି ଦିନ ତୁଳସୀ ବିବାହ ଉତ୍ସବ ସହ ଭଗବାନ ଶ୍ରୀକୃଷ୍ଣନାରାୟଣଙ୍କ ବାଙ୍କଚୂଡ଼ା ବେଶ ଦେଖିବାକୁ ମିଳେ । କାର୍ତ୍ତିକ ପୂର୍ଣ୍ଣମୀର ପୂର୍ବଦିନ ଚତୁର୍ଦ୍ଦଶୀ ତିଥ୍ୟରେ ଠାକୁରଙ୍କର ବଡ଼ଓଷା ପର୍ବ ପାଳନ ହେବାସହ ଶିବ ଉତ୍‌ଥାପନ, ବୈକୁଣ୍ଠ ଚତୁର୍ଦ୍ଦଶୀ ପର୍ବ ପାଳନ କରାଯାଏ । ଏହାପରେ ଆସିବ କାର୍ତ୍ତିକ ବ୍ରତର ଶେଷଦିନ କାର୍ତ୍ତିକ ପୂର୍ଣ୍ଣମୀ ବିଧି ପାଳନ । ଏହାକୁ ଶ୍ରୀରାଧା ଓ କୃଷ୍ଣଙ୍କର ରାସପୂର୍ଣ୍ଣିମା ମଧ୍ୟ କୁହାଯାଏ । ଏହି ଦିନ କାର୍ତ୍ତିକେଶ୍ୱରଙ୍କ ପୂଜା ସହ ଚନ୍ଦ୍ରପୂଜା ଓ କେଦାର ବ୍ରତ ପାଳନ କରାଯାଏ । ବିଶେଷକରି ଅତୀତ କଳିଙ୍ଗର ନୌବାଣିଜ୍ୟର ସ୍ମାରକୀ ସଦୃଶ୍ୟ କଟକ ମହାନଦୀପଠାରେ ବୋଇତବନ୍ଦାଣ ଉତ୍ସବ ସାଙ୍ଗକୁ 'ବାଲିଯାତ୍ରା' ବି ଏହି ଦିବସରେ ଅନୁଷ୍ଠିତ ହୁଏ । ବୋଇତବନ୍ଦାଣ ଉତ୍ସବ ଯେ କେବଳ କଟକ ମହାନଦୀ ପାରେ ପାଳନ ହୁଏ ତା'ନୁହେଁ ଅତୀତ କଳିଙ୍ଗର ସମସ୍ତ ନଦୀଘାଟ, ନଦୀ ମୁହାଁଣ, ପୁଷ୍କରିଣୀ ହ୍ରଦାଦିରେ ମଧ୍ୟ ଓଡ଼ିଶାର ସାଧବବୋହୂ ତଥା ରମଣୀମାନେ ଯାଇ କଦଳୀ ପଟୁଆରେ ଦୀପ ତୁଳସୀ ନେଇ ପୂଜନ କରି କଳିଙ୍ଗ ନୌବାଣିଜ୍ୟର ସ୍ମାରକୀକୁ ଅତିଶ୍ରଦ୍ଧାର ସହ ପାଳନ କରିଥାନ୍ତି । କାର୍ତ୍ତିକ କୃଷ୍ଣ ପ୍ରତିପଦାରୁ ଆରମ୍ଭ କରାଯାଇଥିବା କାର୍ତ୍ତିକର ଏହି ମହାନ ବ୍ରତ ହବିଷ୍ୟ ପାଳନର ବିଧି ଏହି କାର୍ତ୍ତିକ ପୂର୍ଣ୍ଣମାଦିନ ଚନ୍ଦ୍ର ବନ୍ଦନା, ପୂଜା ସହ ସମ୍ପୂର୍ଣ୍ଣ କରାଯାଇଥାଏ । ଏଥିଲା ଆମ ଶୁଭ ଧର୍ମ ଓ ପବିତ୍ର ପୁଣ୍ୟଅର୍ଜନର ମାସ କାର୍ତ୍ତିକର ମାସବ୍ୟାପୀ ପର୍ବପର୍ବାଣୀ, ବ୍ରତ ପୂଜନର ଇତିକଥା । ଏତଦ୍ ?ବ୍ୟତୀତ କାର୍ତ୍ତିକ ମାସ ଶୁକ୍ଲ ପକ୍ଷର ଦଶମୀ ତିଥିରେ ଗୁରୁବାର ପଡ଼ିଲେ ସେଦିନ ସୁଦଶାବ୍ରତ ପାଳନ କରାଯାଇଥାଏ । ପୁଣି ଏହି ଶୁକ୍ଲପକ୍ଷ ପଞ୍ଚମୀରେ ଗୁରୁବାର ଆସେ, ତା'ହେଲେ ସେହି ଗୁରୁପଞ୍ଚମୀ ବୋଲି ଲକ୍ଷ୍ମୀଙ୍କ ପୂଜା କରାଯାଇଥାଏ । ଏହି ମାସର ସଂକ୍ରାନ୍ତିକୁ ଗର୍ଭଣା ସଂକ୍ରାନ୍ତି କୁହାଯାଏ । ଏହିଦିନ ଲକ୍ଷ୍ମୀ ମାତାଙ୍କର ବୃକ୍ଷ ସ୍ୱରୂପକୁ ଭକ୍ତିର ସହ ପୂଜା କରାଯାଇଥାଏ । ସଂସ୍କୃତ ମହାଭାରତରେ ବର୍ଣ୍ଣିତ ଏକ ଆଖ୍ୟାୟିକାକୁ ଏଠାରେ ଉଦ୍ଧାର କରି ଏହାର ପ୍ରାଧାନ୍ୟର ବର୍ଣ୍ଣନାକୁ ଅନୁଭବ କରାଯାଇଛି ଯଥା : 'ଯୋ ଯୋ ଯାଦୃଶଭାବେନ ତିଷ୍ଠତ୍ୟସ୍ୟା ଯୁଧିଷ୍ଠିର, ହର୍ଷଦୈନ୍ୟାଦିନାତେନ ତଷ୍ୟ ବର୍ଷପ୍ରଯାତି ହି' ଏହାର ଭାବ ହେଲା ଏହି ମାସର ଗର୍ଭଣା ସଂକ୍ରାନ୍ତି ଦିନ ଯିଏ ଗର୍ଭ ଭର୍ତ୍ତି କରି ଭୋଜନ କରିଥାଏ ସେ ବ୍ୟକ୍ତିକୁ ବର୍ଷ ତମାମ ଭୋଜନ ଭର୍ଜ ପ୍ରାପ୍ତ ହୋଇଥାଏ । ପୟାଶ୍ରାଦ୍ଧ ଓ ଦୀପାବଳୀ ଏ ମାସର ଏକ ବିଶିଷ୍ଟ ଓ ମୁଖ୍ୟପର୍ବ। ଏହି ଦିନ ପିତୃପୁରୁଷ ଓ ବଡ଼ବଡ଼ିଆଙ୍କୁ ଦୀପ ଦାନ କରାଯାଏ । କ୍ରତୁ, ଦକ୍ଷ, ବସୁ, ସତ୍ୟ, କାଳ, କାମ, ଧୂରି, ଲୋଚନ, ପୁରରବା ଓ ମାର୍ଦ୍ଦବାଦି ଦଶ ବିଶ୍ୱ ଦେବା ଯେକି ମନୁଷ୍ୟର ବିଶ୍ୱ ସମ୍ପର୍କୀୟ ଆଦିଦେବ ସନକ, ସନନ୍ଦ, ସନାତନ, କପିଳ, ଆସୁରି, ବୋଢ ଓ ପଞ୍ଚଶିଖ ନାମକ ସାତଜଣ ଆଦି ମନୁଷ୍ୟଙ୍କ ସହ ନିଜନିଜର ପିତୃମାତୃ ତିନି ତିନି ପୁରୁଷଙ୍କୁ ଶ୍ରାଦ୍ଧରେ ଦୀପଦାନ ବିଧି ମହାସମାରୋହରେ ପାଳନ କରାଯାଇଥାଏ । ଏହି ଦୀପଦାନରେ କାଉଁରିଆ କାଠିରେ ଅଗ୍ନି ସଂଯୋଗ କରି ବଡ଼ବଡ଼ିଏଙ୍କୁ ଦୀପଦାନ କରିବାର ବିଧି ରହିଛି । କାର୍ତ୍ତିକର ପ୍ରଥମ ଦିବସରୁ ମଠ, ମନ୍ଦିର ମାନଙ୍କରେ ଆକାଶଦୀପ ସ୍ତମ୍ଭ ପୋତି ଦେବତା ଓ ପିତୃବ୍ୟଙ୍କ ଉଦ୍ଦେଶ୍ୟରେ ମାସବ୍ୟାପୀ ଦ୍ୱୀପ ଜଳାଯାଇଥାଏ । ଏ ସବୁ ଥିଲା ଏ କାର୍ତ୍ତିକମାସର ଧର୍ମ ଓ କର୍ମ କଥା।

♥ସଂସ୍କୃତି ସଦନ, ବୟାଳୀ, ମନ୍ତ୍ରିଡ଼ି,
(ମୋ) ୯୩୩୭୯୬୦୬୮୮

# ବ୍ୟକ୍ତିର ଆତ୍ମାରେ ନିହିତ ସ୍ୱାର୍ଥ ଓ ଆତ୍ମାର ପ୍ରକୃତି

## ଡଃ ଅମୂଲ୍ୟ କୁମାର ପଣ୍ଡା



ଏଟା ହଉଛି ମିଛ ମାୟା ସଂସାର ..! ଏଠି କେହି ନୁହେଁ କାହାର ! ସବୁ ନିଜ ସ୍ୱାର୍ଥ ବେଳେ ତମର ସ୍ୱାର୍ଥ ସରିଗଲେ ତମେ କେହି ନୁହେଁ ତାଙ୍କର ..! ମଣିଷ ଭିତରେ ଲୁକାୟିତ ଭାବେ ରହିଥିବା ସ୍ୱାର୍ଥ ପ୍ର୍ୟତେକ ବ୍ୟକ୍ତିଙ୍କର ଆତ୍ମାରେ ନିହିତ। ସ୍ୱାର୍ଥର ଅର୍ଥ ହେଉଛି 'ସ୍ୱାର୍ଥ', ଅର୍ଥାତ୍ ନିଜ ସ୍ୱାର୍ଥ ପାଇଁ କାମ କରିବା। ପ୍ରତ୍ୟେକ ଆତ୍ମା ନିଜ ସ୍ୱାର୍ଥ ପାଇଁ କାମ କରେ। ଯଦିଓ ଏହା ଅନ୍ୟମାନଙ୍କର ସ୍ୱାର୍ଥ ପାଇଁ କିଛି କରେ, ତଥାପି ଫଳସ୍ୱରୂପ ସେ ନିଜ ପାଇଁ କିଛି ଲାଭ ପାଏ। ତେଣୁ, ଏକ ସୂକ୍ଷ୍ମ ଦୃଷ୍ଟିକୋଣରୁ, ସ୍ୱାର୍ଥ ହେଉଛି ଆତ୍ମାର ପ୍ରକୃତି। ଯେତେବେଳେ ଏହା କୌଣସି କାର୍ଯ୍ୟ କରେ, ସେତେବେଳେ ପ୍ରଥମେ ଭାବେ, ଯଦି ମୁଁ ଏହା କରେ, ତେବେ ମୁଁ ଏଥିରୁ କ'ଣ ପାଇବି ? ଯଦି କୌଣସି ଲାଭ ଅଛି, ତେବେ ମୁଁ ତାହା କରିବା ଉଚିତ। ଯଦି କୌଣସି ଲାଭ ନାହିଁ, ତେବେ ମୁଁ ଏହା କାହିଁକି କରିବି ? ଏବଂ ଯଦି କିଛି କରିବା ଦ୍ୱାରା ମୋର କିଛି କ୍ଷତି ହେବ, ମୁଁ ତାହା କରିବି ନାହିଁ। କେତେବେଳେ, ଅଜ୍ଞତା ଯୋଗୁଁ, ଜଣେ ବ୍ୟକ୍ତି ଏକ କ୍ଷତିକାରକ କାର୍ଯ୍ୟକୁ ମଧ୍ୟ ଲାଭଜନକ ବୋଲି ମନେ କରେ। ଯଦି ଜଣେ ବ୍ୟକ୍ତି ଅଜ୍ଞାନତା ଯୋଗୁଁ ଏହାକୁ ଲାଭଦାୟକ ବୋଲି ମନେ କରେ, ତଥାପି ସେ ସେହି କ୍ଷତିକାରକ କାର୍ଯ୍ୟ କରେ। ସେ ଲାଭ ଉଦ୍ଦେଶ୍ୟରେ ଏହା କରେ। ସେ ଭାବେ, ଏହା କରି ମୁଁ ଲାଭ ପାଇବି। ଯେପରି ମଦ୍ୟପାନ କରୁଥିବା ଲୋକମାନେ ସାଧାରଣତଃ ଜାଣନ୍ତି ଯେ ମଦ୍ୟପାନ କରିବା କ୍ଷତିକାରକ। ତଥାପି ସେମାନେ ମଦ୍ୟପାନ କରିବାରେ ଆନନ୍ଦ ପାଆନ୍ତି। ସେମାନେ ମଦ୍ୟପାନକୁ ଆନନ୍ଦଦାୟକ ମନେ କରି ପିଅନ୍ତି। ଏହା ଅଜ୍ଞତାର ବିଷୟ। ଏବେ, ଯଦି ଆମେ ଜ୍ଞାନ ବିଷୟରେ କଥାବାର୍ତ୍ତା କରିବା, ଏହାକୁ ସଠିକ୍ ଭାବରେ ବୁଝିବା ବିଷୟରେ କହିବା, ତେବେ ଯଜ୍ଞ କରିବା, ଦାନ ଦେବା, ଅନ୍ୟମାନଙ୍କୁ ଭଲ ପରାମର୍ଶ ଦେବା, ପଶୁମାନଙ୍କୁ ସୁରକ୍ଷା ଦେବା ଏବଂ ଅନ୍ୟାନ୍ୟ ଭଲ କାର୍ଯ୍ୟ କରିବା ଦ୍ୱାରା ଜଣେ ବ୍ୟକ୍ତିର ଲାଭ ହୁଏ ଏବଂ ଖୁସି ଆଣେ। ଯିଏ ଏହାକୁ ସଠିକ୍ ଭାବରେ ବୁଝେ ତାକୁ ଜ୍ଞାନୀ କୁହାଯାଏ। ସେହି ବ୍ୟକ୍ତି ଏହି କାର୍ଯ୍ୟଗୁଡ଼ିକ କରେ।

ଯେତେବେଳେ ଆତ୍ମା ସମସ୍ତ କାର୍ଯ୍ୟ ନିଜ ଲାଭ ପାଇଁ କରେ, ସେତେବେଳେ କୌଣସି କାର୍ଯ୍ୟ ନିଃସ୍ୱାର୍ଥପର ନୁହେଁ। ଏହା ସତ୍ୟ। ତଥାପି, ଜଗତରେ, ଏହି ଶବ୍ଦର ବ୍ୟବହାର ଦେଖାଯାଏ, ଏହି ବ୍ୟକ୍ତି ନିଃସ୍ୱାର୍ଥପର ସେବା କରେ। ତା'ପରେ ଏହାର ଅର୍ଥ ହେଉଛି ଯେ ଯେତେବେଳେ ସେ ଅନ୍ୟମାନଙ୍କର ସେବା କରେ, ସେ ପରମେଶ୍ୱରଙ୍କଠାରୁ ମୁକ୍ତି କିମ୍ବା ସେହିପରି କିଛି ପୁରସ୍କାର ଚାହେଁ, କିନ୍ତୁ ସେ ସାଂସାରିକ ଲୋକଙ୍କଠାରୁ କୌଣସି ଭୌତିକ ଧନ, ସମ୍ମାନ କିମ୍ବା ସାନ୍ତ୍ୱନା ଚାହୁଁନାହିଁ। ଏହାକୁ ହିଁ ନିଃସ୍ୱାର୍ଥପର ସେବା କୁହାଯାଏ। ତେଣୁ ବର୍ତ୍ତମାନ ପ୍ର୍ୟତେକ ବ୍ୟକ୍ତି ନିଜ ଚାରିପାଖରେ ଥିବା ଲୋକଙ୍କ ମଧ୍ୟରେ ନିରୀକ୍ଷଣ କରିବାକୁ ପଡିବ ଯେ ଭୌତିକ ସମ୍ପତ୍ତି, ସମ୍ମାନ କିମ୍ବା ସାନ୍ତ୍ୱନା ହାସଲ କରିବା ପାଇଁ ସ୍ୱାର୍ଥପର ଉଦ୍ଦେଶ୍ୟ ପାଇଁ କିଏ ଆପଣଙ୍କ ଠାରୁ ଅଧିକ ଦିଏ ଏବଂ କିଏ ଏହା ନିଃସ୍ୱାର୍ଥପର ଭାବରେ କରେ ? ଏପରି ବ୍ୟକ୍ତିଙ୍କ ସହିତ ସମ୍ପର୍କ ବଜାୟ ରଖିବା ସର୍ବୋତ୍ତମ ଯିଏ ଆପଣଙ୍କୁ ଏକ ସଚ୍ଚୋଟ ହୃଦୟରେ ସହଯୋଗ କରେ। କାରଣ ସେହି ସମ୍ପର୍କ ହେଉଛି ବିଶ୍ୱର ସବୁଠାରୁ ଉଚ୍ଚ ଏବଂ ପବିତ୍ର। ଯଦିଓ ଏହିପରି ଲୋକ ଏହି ଦୁନିଆରେ ବିରଳ, ତଥାପି ଆପଣ କିଛି ଲୋକଙ୍କୁ ଭେଟିବା ଉଚିତ୍ । ଏବଂ ଆପଣ ସେବା କରୁଥିବା ଅଧିକାଂଶ ଲୋକ କିଛି ଲାଭ ପାଇଁ ଏପରି କରନ୍ତି, ଯେପରିକି ଭୌତିକ ଆରାମ, ଧନ, ସମ୍ମାନ, ପ୍ରତିଷ୍ଠା, ପ୍ରଶଂସା, ଇତ୍ୟାଦି। ଆପଣଙ୍କ ସହିତ ସେମାନଙ୍କର ସମ୍ପର୍କ ମଧ୍ୟ ସମାନ ସର୍ତ୍ତରେ ସର୍ତ୍ତତ: ଯଦି ଆପଣ ସେମାନଙ୍କୁ ଏପରି ଭୌତିକ ଆରାମ, ଧନ, ସମ୍ମାନ, ଇତ୍ୟାଦି ପ୍ରଦାନ କର, ତେବେ ସେମାନେ ଆପଣଙ୍କର ସେବା କରିବେ। ଯେଉଁଦିନ ଆପଣ ସେମାନଙ୍କୁ ଏହି ସୁବିଧା ଯୋଗାଇବା ବନ୍ଦ କରିବ, ସେମାନେ ମଧ୍ୟ ଆପଣଙ୍କ ସହିତ ସେମାନଙ୍କର ସମ୍ପର୍କ ଭାଙ୍ଗିଦେବେ। ଏହାର ଅର୍ଥ ହେଉଛି ଆପଣଙ୍କ ସହିତ ସେମାନଙ୍କର ସମ୍ପର୍କ ନିଃସ୍ୱାର୍ଥପର ନୁହେଁ। ସେମାନେ ସାଂସାରିକ ସ୍ୱାର୍ଥ ପାଇଁ ଆପଣଙ୍କ ସହିତ ସମ୍ପର୍କ ବଜାୟ ରଖନ୍ତି। ତେଣୁ ସେମାନଙ୍କର ସମ୍ପର୍କକୁ ଏତେ ପବିତ୍ର ବୋଲି ବିବେଚନା କରାଯାଏ ନାହିଁ। ଯଦିଓ ଆପଣ ଏପରି ଲୋକଙ୍କ ସହିତ ସମ୍ପର୍କ ବଜାୟ ରଖନ୍ତି, ସେମାନଙ୍କ ପ୍ରତି ସତର୍କ ରୁହନ୍ତୁ। କାରଣ କେତେକ ସମୟରେ, ଲୋଭ ପରି ଦୁରାଚରଣ ଯୋଗୁଁ, ଏପରି ଲୋକମାନେ ଆପଣଙ୍କର କ୍ଷତି କରିପାରନ୍ତି। ଯେପରିକି ଆମେ ପ୍ରାୟତଃ ଏପରି ଘଟଣା ଶୁଣିଥାଉ ଯେଉଁଠାରେ ଘରର ଚାକର କିମ୍ବା ସମ୍ପର୍କୀୟମାନେ ଘରର ମାଲିକଙ୍କ କ୍ଷତି କରନ୍ତି। ଯେଉଁମାନେ ନିଃସ୍ୱାର୍ଥପର ଭାବରେ ଆପଣଙ୍କର ସେବା କରନ୍ତି ସେମାନେ କେବେବି ଆପଣଙ୍କର କ୍ଷତି କରିବେ ନାହିଁ। ସେମାନେ ସର୍ବଦା କୌଣସି ନା କୌଣସି ଭାବରେ ଆପଣଙ୍କର ଲାଭ କରିବେ। ଆପଣ ଏପରି ଲୋକଙ୍କୁ ବିଶ୍ୱାସ କରିପାରିବେ। ସେମାନଙ୍କ ସହିତ ସମ୍ପର୍କ ବଜାୟ ରଖନ୍ତୁ। ଆପଣ ସର୍ବଦା ସେମାନଙ୍କଠାରୁ ଖୁସି ପାଇବେ। ଯେଉଁମାନେ ନିଃସ୍ୱାର୍ଥପର ଭାବରେ ବିଶ୍ୱର ସେବା କରନ୍ତି ସେମାନଙ୍କ ଭିତରୁ ଈଶ୍ୱର ଅପାର ଆନନ୍ଦ ଦିଅନ୍ତି। ଏବଂ ଯଦି, ଏପରି ଲୋକଙ୍କୁ ଦେଖିବା ପରେ, ଆପଣ ମଧ୍ୟ ସେମାନଙ୍କ ପରି ହେବାକୁ ଚେଷ୍ଟା କରନ୍ତି, ତେବେ ଆପଣ ମଧ୍ୟ ଆପଣଙ୍କ ଜୀବନରେ ଅପାର ଆନନ୍ଦ ପାଇବେ। ଈଶ୍ୱର ଆପଣଙ୍କୁ ଭିତରରୁ, ଅର୍ଥାତ୍ ଆପଣଙ୍କ ହୃଦୟରୁ ସେହି ଆନନ୍ଦ ଦେବେ। ସ୍ୱାର୍ଥ ରକ୍ଷିତ ସମସ୍ତେ ସମ୍ପର୍କ ଯୋଡ଼ନ୍ତି ହେଲେ ଥରୁଟିଏ ବିନା ସ୍ୱାର୍ଥରେ ଗୋଟିଏ ସମ୍ପର୍କ ସହିତ ଜିଇଁ ଦେଖନ୍ତୁ ନାଁ କେତେ ସ୍ୱର୍ଗୀୟ ଆନନ୍ଦ ମିଳେ ସେଥିରେ ଯଦି କାହା ପାଖରେ ସେମିତି ସମ୍ପର୍କ ଟିଏ ଅଛି ତେବେ ଆପଣ ବହୁତ ଭାଗ୍ୟବାନ ଓ ଆଶୀର୍ବାଦ ଯୁକ୍ତ ଅଟନ୍ତି, ସେହି ଭଳି ସମ୍ପର୍କକୁ ସର୍ବଦା ନିଜ ଜୀବନଠାରୁ ଅଧିକ ଭଲପାଇବା ଦେଇ ସାଇତି ରଖନ୍ତୁ ।

♥ ଅରଙ୍ଗାବାଦ ବରୀ ଯାଜପୁର
ମୋ: ୮୨୪୯୫୦୨୭୭୬

# ସଂଗୀତ ସମ୍ରାଟ 'ଖୋକା ଭାଇ'

## ଇନ୍ଦୁ ଭୂଷଣ ଭୂୟାଁ



ଆଧୁନିକ ଓଡ଼ିଆ ସଂଗୀତର କିମ୍ବଦନ୍ତୀ ପୁରୁଷ ଅକ୍ଷୟ ମହାନ୍ତି, ସମସ୍ତଙ୍କର ଅତିପ୍ରିୟ ଖୋକାଭାଇ। ପିଲା ଦିନରୁ ବଡ଼ ଭଉଣୀଙ୍କ ସଂଗୀତ ଶିକ୍ଷା ତଥା ରେଡ଼ିଓରେ ବାଜୁଥିବା ହିନ୍ଦୀ କଥାଚିତ୍ର ଗୀତର ଯାଦୁକରୀ ପ୍ରଭାବ ତାଙ୍କ ଉପରେ ପଡ଼ିଥିଲା। ୧୯୪୮ରେ ଆକାଶ ବାଣୀର ପ୍ରତିଷ୍ଠା ଦିବସରେ ଜଣେ ଶିଶୁ ଶିଳ୍ପୀ ଭାବେ ଗୀତ ଗାଇଥିଲେ। ଏହା ଥିଲା ସଂଗୀତ କ୍ଷେତ୍ରରେ ଅକ୍ଷୟଙ୍କ ପ୍ରଥମ ପ୍ରବେଶ। ୧୯୫୬ରେ ରେଭେନ୍ସା ମହାବିଦ୍ୟାଳୟରୁ ଗଣିତରେ ସ୍ନାତକ ଓ ୧୯୫୭ରେ ମଧୁସୂଦନ ଆଇନ କଲେଜରୁ ଏଲଏଲ୍‌ବି ଉତ୍ତୀର୍ଣ୍ଣ ହୋଇଥିଲେ। ୧୯୫୮ରେ ମାଆ ଚଳଚ୍ଚିତ୍ରରୁ ଆରମ୍ଭ ହୋଇଥିଲା ଉଭୟ ଗାୟକ ଓ ଗୀତିକାର ଜୀବନ। ପରେ ଶ୍ରୀ ଲୋକନାଥ ଚଳଚ୍ଚିତ୍ରରେ ଗୀତ ଗାଇଥିଲେ। ୧୯୬୬ରେ ମୁକ୍ତିଲାଭ କରିଥିବା ମଲାଜହ୍ନ ଚଳଚ୍ଚିତ୍ରରେ ସଂଗୀତ ନିର୍ଦ୍ଦେଶନା ସହ ଅଂଶୀଦାର ପ୍ରଯୋଜକ ଥିଲେ। ଅକ୍ଷୟଙ୍କ ଗୀତ ଓ ଗୀତି କବିତା ସଂଖ୍ୟା ଅନେକ। ଜୀବନକାଳ ମଧ୍ୟରେ ଶହେ ଅଣତିରିଶ ଚଳଚ୍ଚିତ୍ରର ଗୀତ ଗାନ, ବୟାନବେ ଚଳଚ୍ଚିତ୍ରରଗୀତ ରଚନା ଓ ପଞ୍ଚସ୍ତରି ଚଳଚ୍ଚିତ୍ରର ସଂଗୀତ ନିର୍ଦ୍ଦେଶନା ଦେଇଥିଲେ। ଆଧୁନିକ, ଚମ୍ପୁ, ଓଡ଼ିଶୀ, ଲଘୁ ସଂଗୀତ, ଗଜଲ ଆଦି ପନ୍ଦର ହଜାରରୁ ଅଧିକ ଗୀତ ସେ ଗାଇଛନ୍ତି। କେବଳ ସଂଗୀତ ନୁହେଁ ସାହିତ୍ୟ କ୍ଷେତ୍ରରେ ମଧ୍ୟ ସେ ଅପ୍ରତିଦ୍ୱନ୍ଦ୍ୱୀ ସ୍ରଷ୍ଟା। ତାଙ୍କ ଦ୍ୱାରା ଲିଖିତ ଗଳ୍ପ ସଂକଳନ ବିଚରା, ନଗ୍ନ ମୋନାଲିସା, ଅନେଶତ ରାଣୀ, ଉପନ୍ୟାସ ଗୋଟିଏ କୁହୁ ଅନେକ ଉହୁ, ଅଫେରା ନଦୀ, ନୁନ୍ ସୋ, ଗାୟକ, ବାମପନ୍ଥୀ, ଗୀତି ଗ୍ରନ୍ଥ ଏଇ କଥା ରହିଲା, ଗୀତି, ମଧୁଶାଳା ଆଦି ଅନ୍ୟତମ। ଆର୍ଯ୍ୟଦାସର ଆତ୍ମଲିପି ତାଙ୍କର ଆତ୍ମଚରିତ। ଓଡ଼ିଆ ସଂଗୀତ କ୍ଷେତ୍ରରେ କିମ୍ବଦନ୍ତୀ ସଂଗୀତ ସାଧକ ଅକ୍ଷୟ ମହାନ୍ତିଙ୍କ ଅବଦାନ ଚିରସ୍ମରଣୀୟ ହୋଇରହିବ। କେବଳ ଜଣେ ଗାୟକ ନୁହେଁ ସଂଗୀତ ଲେଖକ, ନିର୍ଦ୍ଦେଶକ ଭାବେ ତାଙ୍କର ସୁପରିଚିତ ରହିଛି। ଅନେକ କାଳଜୟୀ ଓ ଶିକ୍ଷଣୀୟ ଓଡ଼ିଆ ଚଳଚ୍ଚିତ୍ରରେ ସେ ତାଙ୍କ ସ୍ୱତନ୍ତ୍ର ଛାପ ଛାଡ଼ି ଯାଇଛନ୍ତି। ଚଳଚ୍ଚିତ୍ର ସଂଗୀତ ସହ ସେ ସମୟର ବେତାର ସଂଗୀତରେ ତାଙ୍କର ଅନେକ ସ୍ମରଣୀୟ ସଂଗୀତ ଆଜିବି ଗୁଞ୍ଜରିତ ହେଉଛି। କଟକ ସହର ଶେଖ୍‌ବଜାରର ଅନ୍ତର୍ଗତ ଭୋଲାମିଆଁ ବଜାର ଥିଲା ତାଙ୍କ ସଂଗୀତ ସାଧନା ଓ ଶେଷ ଜୀବନର କର୍ମକ୍ଷେତ୍ର। ସଂଗୀତ ସମ୍ରାଟ ଅକ୍ଷୟ ମହାନ୍ତି ୧୯୩୭ ଅକ୍ଟୋବର ୧୨ ତାରିଖ ଦିନ କଟକ ସହରରେ ଜନ୍ମ ଗ୍ରହଣ କରିଥିଲେ।

+ପ୍ରତିଷ୍ଠାତା, ସମ୍ପାଦକ 'ସିଂହଭୂମ୍',
ପୁରୁଣା ସୋନାରି, ଜାମସେଦପୁର,
ମୋ : ୭୪୮୮୯୯୮୫୩୨

# ବହ୍ନିମନ୍ତ — ପୂଜା ପତ୍ରିକା ସମୀକ୍ଷା




**ମୌସୁମୀ**
ସମ୍ପାଦକ :
ଡ. ଶ୍ରୀଧର ସାମଲ
ଠିକଣା : ସା- କଜଳା,
ପୋ/ ଜି- କେନ୍ଦ୍ରାପଡା,
(ମୋ) ୯୪୩୭୬୦୭୯୯୭
ପୃଷ୍ଠା-୧୧୬, ମୂଲ୍ୟ : ୧୧୦/-

'ଆକାଶରୁ ଆଉ ବର୍ଷା ଝରୁନାହିଁ! ବାଦଲ ସବୁ ଆସ୍ତେ ଆସ୍ତେ ଅପସରି ଯାଉଛନ୍ତି! ପୃଥିବୀ କ୍ରମଶଃ ଶାନ୍ତ, ସ୍ଥିର ଏବଂ ସୌମ୍ୟ ଅବସ୍ଥାକୁ ଫେରୁଛି। ମା ଦୁର୍ଗା ଶବ୍ଦ ସ୍ୱରୂପା। ମା' ପ୍ରସନ୍ନ ହେଲେ ସମଗ୍ର ଜଗତରେ ଅଭ୍ୟୁଦୟର ବାର୍ତ୍ତା ପ୍ରସାରିତ ହେବ। ସତେ ଯେପରି ମାଆଙ୍କର ଆବିର୍ଭାବକୁ ସମଗ୍ର ବିଶ୍ୱ ପ୍ରତୀକ୍ଷା କରି ରହିଛି!'

ଏମିତି ଏକ ଚମତ୍କାର ତଥା ତୁଳନାତ୍ମକ ଶାରଦୀୟ ଶୁଭେଚ୍ଛାର ବାର୍ତ୍ତା ଦେଇ ସମ୍ପାଦକୀୟ ମଣ୍ଡନ କରିଛନ୍ତି ମୌସୁମୀର ସମ୍ପାଦକ ଡକ୍ଟର ଶ୍ରୀଧର ସାମଲ ମହୋଦୟ।

ସର୍ବମୋଟ ଶହେ ପନ୍ଦର ପୃଷ୍ଠା ସମ୍ବଳିତ ଏ ସୁସମ୍ପାଦିତ ପତ୍ରିକାରେ ଥାକ ଥାକ ହେଇ ରହିଛି ସାହିତ୍ୟର ପ୍ରମୁଖ ବିଭାଗ ସବୁ। ଭିନ୍ନ ଭିନ୍ନ ସ୍ୱାଦର ଗପ, ମର୍ମସ୍ପର୍ଶୀ କବିତା ତଥା ସୁନ୍ଦର ପ୍ରବନ୍ଧମାନ ଏକ ସୁସମ୍ପାଦିତ ପତ୍ରିକାର ସମ୍ପତ୍ତି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ସେଇ ଦୃଷ୍ଟିରୁ ଦେଖିବାକୁ ଗଲେ ଏଥର ପୂଜା ପତ୍ରିକା ଭିଡ଼ରେ ମୌସୁମୀର ଶାରଦୀୟ ସଂଖ୍ୟା ଏକ ସଫଳ ସଂଖ୍ୟା ପରି ମନେହୁଏ ଏବଂ ଏହା ପୂଜା ଆସୁ ଆସୁ ହିଁ ପାଠକଙ୍କ ପାଖରେ ନିଜ ସ୍ଥିତି ଜାହିର କରିପାରିଥିଲା ।

ସବୁ ବର୍ଷପରି ଏ ବର୍ଷ ପୂଜାସଂଖ୍ୟାରେ ମଧ୍ୟ ସ୍ଥାନିତ ହେଇଛି ଉଚ୍ଚକୋଟୀର ଗପ, କବିତା ଓ ପ୍ରବନ୍ଧ। ପତ୍ରିକାର ପ୍ରଥମ ସୋପାନ ଅର୍ଥାତ ପ୍ରବନ୍ଧ ସୋପାନରେ ଡ଼. ରଞ୍ଜନ ପ୍ରଧାନ, ଅଧ୍ୟାପକ ପାର୍ଥସାରଥୀ, ଡ଼. ସର୍ବେଶ୍ୱର ସେଣ, ନିରଞ୍ଜନ ମେକାପ, ରଶ୍ମି ରଞ୍ଜନ ଜେନା, ଡ଼. ତ୍ରିନାଥ ପଟ୍ଟନାୟକ ଓ କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ପ୍ରମୁଖଙ୍କ ପ୍ରବନ୍ଧ ସବୁ ସ୍ଥାନିତ।

କବିତା ସୋପାନରେ ଡ଼. ହୃଷିକେଶ ମଲ୍ଲିକ, ହରପ୍ରସାଦ ଦାସ, ଡ଼. ଶ୍ରୀହରି ଧଳ, ଅନ୍ନପୂର୍ଣ୍ଣା ମହାନ୍ତି, ସୈରିନ୍ଧ୍ରୀ ସାହୁ, ଇଂ ବିଷ୍ଣୁ ସାହୁ, ଧନଞ୍ଜୟ ସ୍ୱାଇଁ, ସେନାପତି ପ୍ରଦ୍ୟୁମ୍ନକେଶରୀ, ଡ଼. କବିତା ପ୍ରତିହାରୀ, ସମୀର ରଞ୍ଜନ, ଡକ୍ଟର ଶ୍ରୀଧର ସାମଲ, ପ୍ରେମାନନ୍ଦ ଖଣ୍ଡୁଆଳ, ନିରାକାର ଦାସ, ବୃନ୍ଦାବନ ଦାସ, ଡ଼. ଦୀନବନ୍ଧୁ ସାହୁ, ହିମାଂଶୁ ପରିଡା, ପିନାକୀ ମିଶ୍ର, ବିରଜା ରାଉତରାୟ, ରିନୀ ମହାନ୍ତି, ନର୍ମଦା ନିଳୋତ୍ପଳା, ଖଗେଶ୍ୱର ମହାନ୍ତି, ସୁରଞ୍ଜନ ପାତ୍ର, ଐଶର୍ଯ୍ୟା ପ୍ରଧାନ, ଶ୍ୟାମାକିଙ୍କର ମହାନ୍ତି, ଡ଼. ଭାରତୀ ହୋତା, ଡ଼. ରମାକାନ୍ତ ଜେନା, ରଞ୍ଜନ ବାଇ, ବିପ୍ଳବ, ନୀଳାମ୍ବର ପଣ୍ଡା, ମିଳନ କୁମାର ମିଶ୍ର, ଆନନ୍ଦ କୁମାର ମାଇତି, ରବି କୁମାର ମହାନ୍ତି, ବିପ୍ଳବ ରଞ୍ଜନ ପତି, ସର୍ବାଣୀ ଦାସ, ଶୁଭଶ୍ରୀ ରାଉତ, ମୀନକେତନ ପଶାୟତ, ଚିତ୍ତରଞ୍ଜନ ନାୟକ, ଧିରେନ ଆଚାର୍ଯ୍ୟ, ପୂର୍ଣ୍ଣ ଦାସ, ଡ଼. ମମତା ସାହୁ, ଅନିତା ରାୟ, ବନମାଳୀ ସେନାପତି, ଲକ୍ଷ୍ମୀପ୍ରିୟା ପୃଷ୍ଟି, ଶୋଭନା ଜେନା, ବିଶ୍ୱନାଥ କର, ପୁଷ୍ପାଞ୍ଜଳି ପଣ୍ଡା, ଶରତ କୁମାର ଦାସ, ନିରୁପମା କର, ପ୍ରହରାଜ ନାରାୟଣ ନନ୍ଦ, ସନ୍ତୋଷିନୀ ଦାଶ, ପଲ୍ଲବୀ ଦାସ, ଶୁଭଶ୍ରୀ ଦାଶ, ଆଶିଷ ମହାପାତ୍ର, ଗୋଲାପ ରାଉତ, ବଳରାମ ପୂଜାରୀ, ଚୈତନ୍ୟ ପ୍ରସାଦ ବେହେରା, ମିନତୀ କର, ସୁରେଶ କୁମାର ନାୟକ, ପ୍ରଫେସର ଶରତ ଚନ୍ଦ୍ର ରଥ ତଥା ପ୍ରଶାନ୍ତ କୁମାର ଦାଶଙ୍କ ବଛା ବଛା କବିତା ସ୍ଥାନିତ।

ଶେଷ ସୋପାନ ଅର୍ଥାତ ଗଳ୍ପ ସୋପାନରେ ସୌଭାଗିନୀ ପରିଡ଼ା, ଜ୍ୟୋତ୍ସ୍ନା ପାଣିଗ୍ରାହୀ, ବଦ୍ରି ମହାନ୍ତି, ପଦ୍ମାଳୟା ସାମଲ, କୈଳାସ ରାଉତ, ଗାୟତ୍ରୀ ସିଂ, ଘନଶ୍ୟାମ ପଲେଇ ସୁଶ୍ରୀ ଅର୍ପିତା, ସୌଭାଗ୍ୟ ଦାଶ ଓ ସରିତା ମହାପାତ୍ରଙ୍କ ମନଛୁଆଁ ଗପ ସବୁ ରହିଛି।

ମୋଟ ଉପରେ କହିବାକୁ ଗଲେ ପତ୍ରିକାର ପ୍ରଚ୍ଛଦ, ଅଙ୍ଗୀକରଣ, ବିଷୟଚୟନ ତଥା ବିଭିନ୍ନ ବିଭାଗର ଯଥାଯଥ ପ୍ରସ୍ତୁତି ଯୋଗୁଁ ପତ୍ରିକାର କଳେବରଟି ସୁଦୃଶ୍ୟ ହେଇପାରିଛି। ସେଥିପାଇଁ ସମ୍ପାଦକଙ୍କୁ ଅନେକ ଅନେକ ଧନ୍ୟବାଦ ଓ ଶୁଭେଚ୍ଛା।

ସମୀକ୍ଷା :
ପ୍ରିୟଙ୍କା ପ୍ରିୟଦର୍ଶନୀ ଦାସ
ସହଦେବଖୁଣ୍ଟା, ବାଲେଶ୍ୱର

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୨ ଅକ୍ଟୋବର ୨୦୨୫

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com

୬ ରବିବାର ଚୟନ
ସାପ୍ତାହିକ କ୍ରୋଡ଼ପତ୍ର

# ମଧୁରୋକ୍ତି...( ୧ )



## ♥ ମଧୁମିତା ମିଶ୍ର

ଏତେ ସାମର୍ଥ୍ୟ ଥାଇ ମଧ ଏତେ କଷ୍ଟ ପାଇଲ ! ! ? ?ଏତେ ଯନ୍ତ୍ରଣା ସହିଲ ! ! ? ? ପ୍ରଭୁ ! ସତରେ କଣ ଶବ୍ଦରେ କେବେ ବର୍ଣ୍ଣନା କରା ଯାଇପାରିବ କି ତୁମ ମହିମା ? ଯେଉଁ ମହାନ୍ ନାମର ପବିତ୍ର ଚରିତକୁ ସ୍ୱୟଂ ମହାଦେବ ଶିବଶମ୍ଭୁ ରଚନା କରିଥିଲେ ଏକ ଶତ କୋଟି ଶ୍ଲୋକ ମାଧମରେ, ସେହି ନାମ ବିଷୟରେ କିଞ୍ଚିତ ବର୍ଣ୍ଣନା କରିବାର ଧୃଷ୍ଟତା କରୁଥିବାରୁ କ୍ଷମା ପ୍ରାର୍ଥନା କରୁଛି ପ୍ରଭୁ !! ତୁମେ ତ କ୍ଷମା ସାଗର, କରୁଣା ନିଦାନ, ତୁମେ କ୍ଷମା ନ କଲେ ଆଉ କିଏ ଦୟା କରିବ ପ୍ରଭୁ ! !

ତୁମ ନାମର ମହାତ୍ମ୍ୟକୁ ମହାଦେବ ବର୍ଣ୍ଣନା କରି ସାରିବା ପରେ ଦେବ, ଦାନବ ଓ ମୁନିଋଷିଗଣ ଏହାକୁ ଲାଭ କରିବା ପାଇଁ ପରସ୍ପର ମଧ୍ୟରେ ପ୍ରବଳ ପ୍ରତିଯୋଗିତା ଆରମ୍ଭ କରି ଦେଇଥିଲେ ।ଆଉ ଏହି ସମସ୍ୟାର ସମାଧାନ କରିବା ପାଇଁ ଆଶୁତୋଷ ବାଣ୍ଟି ଦେଇଥିଲେ ପ୍ରତ୍ୟେକଙ୍କୁ ତେତିଶ କୋଟି ତେତିଶ ଲକ୍ଷ ତେତିଶ ସହସ୍ର ତେତିଶ ଶହ ତେତିଶଟି ଲେଖାଏଁ ଶ୍ଲୋକ ! !କିନ୍ତୁ ତା' ପରେ ମଧ ବଳି ପଡ଼ିଥିଲା ଗୋଟିଏ ଅମୂଲ୍ୟ ଶ୍ଲୋକ । ସେହି ଶ୍ଲୋକଟିକୁ ହାସଲ କରିବା ପାଇଁ ପୁନଃ ପ୍ରତିଯୋଗିତା ଆରମ୍ଭ ହୋଇଥିଲା ସମସ୍ତଙ୍କ ଭିତରେ । ଦେବ ଦେବ ମହାଦେବ ଏହି ଶ୍ଲୋକଟି ରଚନା କରିଥିଲେ ବତିଶ ଅନୁଷ୍ଟପ୍ଛନ୍ଦରେ । ଆଉ ସ୍ୱୟଂଭୂ ଶିବଶମ୍ଭୁ ଏହି ଶ୍ଲୋକକୁ ପ୍ରତ୍ୟେକଙ୍କୁ ଦଶଟି ଲେଖାଏଁ ଅନୁଷ୍ଟପଛନ୍ଦ କରି ସମାନ ବଣ୍ଟନ କରିଦେବା ପରେ ବଳି ପଡ଼ିଥିଲା ମାତ୍ର ଦୁଇଟି ଅକ୍ଷର ।

'ରାମ !'

ନିଜ କଣ୍ଠରେ ଧାରଣ କରିବା ପାଇଁ ସେ ଯତ୍ନରେ ସାଇତି ନେଇ ରଖିଦେଇଥିଲେ ଏହି ଚମତ୍କାରୀ ଅକ୍ଷର ଦୁଇଟିକୁ । କେହି ବୁଝି ପାରିଲେନି ଯେ ରାମନାମ ବିନା ଆଉ କଣ ଲାଭ ବଳକା ଅଛି ଏତେ ଆୟୋଜନର । କିନ୍ତୁ ରାମନାମର ମହାତ୍ମ୍ୟକୁ ଅନ୍ତର ସହିତ ଉପଲବ୍ଧ କରି ହଳାହଳ ବିଷଜ୍ୱାଳାରୁ ମୁକ୍ତି ପାଇଥିଲେ ଶିବ ଶଙ୍କର । ଦିନରାତି ତାଙ୍କର ଏହି ରାମନାମ ଜପ କରିବା ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ ମାତା ପାର୍ବତୀ । ଆଉ ପଚାରି ବସିଥିଲେ ଏହି ଅଦ୍ଭୁତ ଦିବ୍ୟ ନାମର ମହାତ୍ମ୍ୟ ସମ୍ପର୍କରେ । ତାଙ୍କୁ ବୁଝେଇବାକୁ ଯାଇ ମହାଦେବ ସେହି ସତ୍ୟକୁ ଉଜ୍ଜୀବିତ କରିଥିଲେ ଯାହା ରାମନାମର ଅଲୌକିକତାକୁ ଦର୍ଶାଇଥିଲା । ସହସ୍ର ଗୋଟି ନାମଜପର ମହାତ୍ମ୍ୟ କେବଳ ଗୋଟିଏ ଥର ରାମନାମ ନେଇଗଲେ ଅକ୍ଳେଶରେ ପ୍ରାପ୍ତ ହୋଇଯାଇଥାଏ । ରାମନାମର ଦୁଇଟି ଅକ୍ଷରର ମହିମା ବର୍ଣ୍ଣନା କରିବାକୁ ବ୍ରହ୍ମାଙ୍କର ଚାରୋଟି ମୁଖ ମଧ ସକ୍ଷମ ହୋଇ ପାରିନଥିଲା ।

'ର' ଅକ୍ଷର ମହାଦେବଙ୍କର ଅତୀବ ପ୍ରିୟ ଅଟେ । କୁହାଯାଏ ସତୀଙ୍କ ନାମରେ ଏହି 'ର' ଅକ୍ଷରଟି ନଥିବା କାରଣରୁ ହିଁ ସେ ତାଙ୍କୁ ତ୍ୟାଗ କରି ଦେଇଥିଲେ । ମାତା ସତୀ ପର୍ବତରାଜାଙ୍କ କନ୍ୟା ରୂପରେ ପୁନର୍ଜନ୍ମ ଗ୍ରହଣ କରିବା ପରେ ତାଙ୍କ ନାମ ଗିରିଜା ହୋଇଥିଲା । ସେ ଶିବଙ୍କୁ ପାଇବା ପାଇଁ ଖାଦ୍ୟ ପାନୀୟ ତ୍ୟାଗ କରିଥିବା କାରଣରୁ ତାଙ୍କ ନାମ ଅପର୍ଣ୍ଣା ହୋଇଥିଲା । ପାର୍ବତୀ, ଗିରିଜା, ଅପର୍ଣ୍ଣା ଏହି ସମସ୍ତ ନାମରେ 'ର' ଅକ୍ଷର ସ୍ଥାନ ପାଇଥିବା କାରଣରୁ ଭଗବାନ ଶିବ ଅତ୍ୟନ୍ତ ପ୍ରୀତ ହୋଇ ତାଙ୍କୁ ନିଜ ଅର୍ଦ୍ଧାଙ୍ଗରେ ଧାରଣ କରିଥିଲେ । ଗଙ୍ଗା ଯେତେବେଳେ ମହାଦେବଙ୍କ ସାନିଧ ପାଇଁ ଆସିଥିଲେ ସେତେବେଳେ ମହାଦେବ ତାଙ୍କୁ ଗ୍ରହଣ କରି ନଥିଲେ । କିନ୍ତୁ ସେ ଭାଗିରଥୀ ନାମରେ ପୃଥିବୀ ପୃଷ୍ଠକୁ ଭଗୀରଥଙ୍କ ସହିତ ଆସିବା ସମୟରେ ତାଙ୍କ ନାମରେ 'ର' ସ୍ଥାନିତ ହୋଇଥିବା ଦେଖି ମହାଦେବ ନିଜେ କାଳ ବିଳମ୍ବ ନକରି ନିଜ ମସ୍ତକରେ ତାଙ୍କୁ ଧାରଣ କରିଥିଲେ ।ଏହା ଠୁଁ ଅଧିକ ଆଉ କଣ ବର୍ଣ୍ଣନା କରା ଯାଇପାରେ ନାମ ମହାତ୍ମ୍ୟ ବିଷୟରେ ପ୍ରଭୁ !

ରାମନାମର ମହାତ୍ମ୍ୟ ବର୍ଣ୍ଣନା କରିବା ସମୟରେ ମହାଦେବ ସବୁବେଳେ ଭାବାବେଗ ପୂର୍ଣ୍ଣ ହୋଇ ଭକ୍ତି ଭାବରେ ତଲ୍ଲୀନ ହୋଇଯାଇ ଥାଆନ୍ତି ।ପାର୍ବତୀ ମାତାଙ୍କ ସମସ୍ତ ପ୍ରଶ୍ନର କେବଳ ଗୋଟିଏ ଉତ୍ତର ଥିଲା...ପବିତ୍ର ରାମନାମର ଉଚ୍ଚାରଣ ...!! ଏହି ପବିତ୍ର ପାପନାଶିନୀ ଦୁଃଖ ହରଣକାରୀ ଚମତ୍କାରୀ ନାମର ମହିମା ଏହି ନାମକୁ ଥରେ ମାତ୍ର ହୃଦୟ ସହିତ ଜପିଦେଲେ ଜଣେ ଅଚିରେ ଜାଣି ପାରିଥାଏ । ଏହି ନାମଧାରୀ ତୁମେ ପରମ ଶକ୍ତିଶାଳୀ ହୋଇ ମଧ କାହିଁକି ଯେ ଏତେ କଷ୍ଟ ସହିଛ ପ୍ରଭୁ ତାର ବୋଧେ ଗୋଟିଏ ହିଁ ଉତ୍ତର ମିଳିପାରିବ । ଆଉ ସେଇଟା ହେଉଛି ଧର୍ମର ସଂପୂର୍ଣ୍ଣ ସଂସ୍ଥାପନା । କେବଳ ଧର୍ମ ସ୍ଥାପନ କରିବା ପାଇଁ ଯୁଗ ଯୁଗ ଧରି ଧରାପୃଷ୍ଠକୁ ଅବତରଣ କରି ଆସିଛ ତୁମେ । ଆଉ ସବୁ କଷ୍ଟ ସବୁ ଯାତନାକୁ ବାଛି ନେଇଛ ନିଜ ପାଇଁ ବିନା ଦ୍ୱିଧାରେ...!!

ପୁରାଣରେ କୁହାଯାଏ ଯେ ଦିନରାତି ବିଷ୍ଣୁଭକ୍ତିରେ ଲୀନ ଥିବା ଦେବର୍ଷି ନାରଦଙ୍କ ମନରେ ଥରେ ଗର୍ବ ଆସିଯାଇଥିଲା ତାଙ୍କ ଚରିତ୍ରର ସଂଯମତା ଗୁଣ ପାଇଁ । ଆଉ ଗର୍ବ ହରଣ କରିବା ତ ପ୍ରଭୁଙ୍କର ପ୍ରଥମ କାର୍ଯ୍ୟ । ତେଣୁ ସେ ମାୟାରେ ମୋହାଛନ୍ନ କରି ଦେଇଥିଲେ ନିଜର ଅତିପ୍ରିୟ ଭକ୍ତକୁ । ନାରଦଙ୍କ ଗର୍ବ ଖଣ୍ଡନ ଉଦ୍ଦେଶ୍ୟରେ ମାତା ମହାଲକ୍ଷ୍ମୀ ଏକ ଅପୂର୍ବା ସୁନ୍ଦରୀ ରାଜକୁମାରୀ ହୋଇ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ରୂପରେ ମୋହିତ ହୋଇ ନାରଦ ତାଙ୍କୁ ବିବାହ କରିବା ପାଇଁ ଇଚ୍ଛୁକ ହୋଇଥିଲେ । କିନ୍ତୁ ସେ ଯେ ବିଷ୍ଣୁଙ୍କର ଅନନ୍ୟା ଭକ୍ତ ଥିଲେ ଏବଂ ମନେ ମନେ ବିଷ୍ଣୁଙ୍କୁ ପାଇବାକୁ ଚାହୁଁଥିଲେ ଏକଥା ଜାଣିବା ପରେ ନାରଦ ଯାଇ ବିଷ୍ଣୁଙ୍କୁ ତାଙ୍କରି ରୂପ ପ୍ରଦାନ କରିବା ପାଇଁ ପ୍ରାର୍ଥନା କରିଥିଲେ । ବିଷ୍ଣୁ ମଧ ତଥାସ୍ତୁ କହିଥିଲେ । ରାଜକୁମାରୀଙ୍କ ସ୍ୱୟମ୍ବର ସମୟରେ ନାରଦ ଅତି ଖୁସିରେ ନିଜ ସ୍ଥାନ ଅଳଙ୍କୃତ କରି ବସିଥିଲେ । ଯଥା ସମୟରେ ରାଜକୁମାରୀ କିନ୍ତୁ ସେଠି ପଦାର୍ପଣ କରିଥିବା ଶ୍ରୀବିଷ୍ଣୁଙ୍କ ଗଳାରେ ହିଁ ବରଣମାଳା ଲମ୍ବେଇ ଦେଇଥିଲେ ।

ରାଗିଯାଇ ନାରଦ ବିଷ୍ଣୁଙ୍କୁ ଛଳ କରିଥିବାର ଅଭିଯୋଗ କରି କହିଲେ ସେ ନିଜ ରୂପ ତାଙ୍କୁ ପ୍ରଦାନ କରି ନାହାନ୍ତି । ସେତେବେଳେ ବିଷ୍ଣୁ ତାଙ୍କୁ ଦେଖେଇଥିଲେ ଯେ ସେ ନିଜର ହରିରୂପ ଅର୍ଥାତ୍ ବାନର ସ୍ୱରୂପ ନାରଦଙ୍କୁ ପ୍ରଦାନ କରିଛନ୍ତି । ଏହା ଶୁଣି କ୍ରୋଧିତ ହୋଇ ମୋହାବିଷ୍ଟ ନାରଦ ଅଭିଶାପ ଦେଇ ଦେଇ ଦେଇଥିଲେ ନିଜ ଆରାଧ୍ୟଙ୍କୁ ଯେ ସେ ଯେମିତି ତାଙ୍କ ପ୍ରେମକୁ ପାଇବାରେ ବିଫଳ ହୋଇ ବିରହ ବେଦନା ସହ୍ୟ କରୁଛନ୍ତି ଶ୍ରୀବିଷ୍ଣୁ ମଧ ସେମିତି ନିଜ ପତ୍ନୀଙ୍କଠାରୁ ବିଚ୍ଛେଦ ଯନ୍ତ୍ରଣାକୁ ସହ୍ୟ କରିବେ । ଆଉ ଯେଉଁ ହରିରୂପ ଯୋଗୁଁ ସେ ଆଜି ଏପରି ଅପଦସ୍ତ ହୋଇଛନ୍ତି ସେହି ହରି ବା ବାନରମାନଂକ ସହାୟତା ନେବା ପରେ ହିଁ ନିଜ ପତ୍ନୀଙ୍କ ସହିତ ପୁନର୍ମିଳନ ହେବ ।

ସେହିଦିନ ହିଁ ଲେଖା ହୋଇଯାଇଥିଲା ପ୍ରଭୁ ତୁମରି ଭବିଷ୍ୟଗାଥା...!! ତୁମ କଷ୍ଟର ତୁମ ଯନ୍ତ୍ରଣାର ତୁମ ଅସହାୟତାର ଅଲିଭା କଥା...!! ସେହି ବିଚ୍ଛେଦର ଅଭିଶାପକୁ ପୂରଣ କରିବା ପାଇଁ ହିଁ ଯେମିତି ତୁମେ ଧରାବକ୍ଷରେ ଅବତରଣ କରିଥିଲ ପ୍ରଭୁ...!!

ମହାରାଜ ଦଶରଥ ଥରେ ମୃଗୟା ବିନୋଦନ ଉଦ୍ଦେଶ୍ୟରେ ବନଗମନ କରିଥିବା ବେଳେ କିଛି ଦୂରରୁ କୁଳୁକୁଳୁ ଶବ୍ଦ ଶୁଣି ମୃଗ ଥିବା ଆଶାରେ ଶବ୍ଦଭେଦୀ ତୀରଟିଏ ଚଳେଇ ଦେଇଥିଲେ । କିନ୍ତୁ ହାୟ... ତୀରଟା ଯାଇ ବକ୍ଷକୁ ବିଦାରି ଦେଇଥିଲା ଏକ ଯୁବକ ଶ୍ରବଣ କୁମାରର । ଶ୍ରବଣ କୁମାରର ମତାପିତା ଚକ୍ଷୁହୀନ ଥିଲେ । ସେମାନେ ତୀର୍ଥ କରିବା ପାଇଁ ମନସ୍ଥ କରିଥିଲେ ।କିନ୍ତୁ ଅନ୍ଧ ହୋଇଥିବାରୁ ଏହା ଅସମ୍ଭବ ମନେ ହେଉଥିଲା । ଆଉ ସେହି ସମୟରେ ଶ୍ରବଣ କୁମାର ସେମାନଙ୍କୁ ଦୁଇଟି ଟୋକେଇରେ ବସେଇ ନିଜର କାନ୍ଧରେ ବୋହି ତୀର୍ଥ କରିବାକୁ ଆଗେଇ ଆସିଥିଲେ । ଧନ୍ୟ ସେ ସନ୍ତାନ....!! ଧନ୍ୟ ଥିଲା ତାର ପିତୃମାତୃ ଭକ୍ତି । କିନ୍ତୁ ଦୈବୀ ବିଧାନରେ ଏଇୟା ଲେଖା ଥିଲା ବୋଲି ହିଁ ବୋଧେ ଦଶରଥଙ୍କ ଶରବିଦ୍ଧ ହେବା ଯୋଗୁଁ ଶ୍ରବଣ କୁମାର ନିଜ ପ୍ରାଣ ହରେଇ ଦେଇଥିଲେ...!! ମୃତ୍ୟୁ ପୂର୍ବରୁ ନିଜର ଶେଷଇଚ୍ଛା ସେ ମହାରାଜଙ୍କୁ କହିଥିଲେ । ତାଙ୍କର ଅନ୍ଧ ମାତାପିତା ତୃଷାର୍ତ୍ତ ଥିଲେ । ଶ୍ରବଣକୁମାର ସେମାନଙ୍କ ପାଇଁ ଜଳ ଆଣିବା ଉଦ୍ଦେଶ୍ୟରେ ଜଳାଶୟ ନିକଟକୁ ଆସିଥିଲେ ।ମାଠିଆରେ ଜଳ ଭରିବା ବେଳେ ହୋଇଥିବା ଶବ୍ଦକୁ ମହାରାଜ ଦଶରଥ ମୃଗ ଜଳପାନ କରିବା ଶବ୍ଦ ବୋଲି ଭାବି ନେଇଥିଲେ । ଶ୍ରବଣକୁମାର ଏତିକି ପ୍ରାର୍ଥନା କଲେ ଯେ ଯେମିତି ତାଙ୍କ ପିତାମାତାଙ୍କୁ ସେ ଟିକେ ପାଣି ପିଏଇ ଦେବେ...!!?

ନିଜ ହାତରେ ହୋଇଥିବା ଏତେ ବଡ ଅନର୍ଥ ଯୋଗୁଁ ଦୁଃଖରେ ମ୍ରିୟମାଣ ହୋଇଥିବା ମହାରାଜ ଦଶରଥ ପାଣି ମାଠିଆ ନେଇ ଆଗେଇ ଆସିଲେ ଶ୍ରବଣକୁମାରଙ୍କ ମାତାପିତାଙ୍କ ନିକଟକୁ । ବୃଦ୍ଧ ଦମ୍ପତି କିନ୍ତୁ ଖୋଜିଥିଲେ ନିଜ ପୁତ୍ରକୁ । ସେମାନେ ମହାରାଜଙ୍କ ପାଦ ଶବ୍ଦରୁ ଜାଣି ଯାଇଥିଲେ ଯେ ସେ କେହି ଜଣେ ଅଚିହ୍ନା ବ୍ୟକ୍ତି । ତାଙ୍କ ପୁତ୍ର ନୁହନ୍ତି...!!ମହାରାଜ ମଧ ନିଜ ପରିଚୟ ଦେଇଥିଲେ ସେମାନଙ୍କୁ । ତତସହିତ ଶ୍ରବଣକୁମାରଙ୍କ ସହିତ ହୋଇଥିବା ଘୋର ଅନର୍ଥ ବିଷୟ ମଧ ବର୍ଣ୍ଣନା କରି ନିଜର ଦୁଷ୍କୃତ ପାଇଁ ହାତ ଯୋଡ଼ି କ୍ଷମା ମାଗିଥିଲେ । କିନ୍ତୁ ଶ୍ରବଣକୁମାରଙ୍କ ମାତାପିତା ମହାରାଜଙ୍କୁ କ୍ଷମା କରିବା ତ ଦୂରର କଥା ତାଙ୍କ ହାତରୁ ଟିକେ ଜଳ ମଧ ସ୍ପର୍ଶ କରି ନଥିଲେ । ଆଉ ସେମିତି ଝୁରି ଝୁରି ନିଜ ଜୀବନ ହାରି ଦେଇଥିଲେ ।କିନ୍ତୁ ମୃତ୍ୟୁ ପୂର୍ବରୁ ଅଭିଶାପ ମଧ ଦେଇ ଯାଇଥିଲେ ଯେ ଯେମିତି ସେମାନେ ନିଜ ପୁତ୍ର ଶୋକରେ ଜୀବନ ହାରୁଛନ୍ତି ମହାରାଜ ଦଶରଥ ମଧ ନିଜ ପୁତ୍ର ବିୟୋଗରେ ଛଟପଟ ହୋଇ ଜୀବନ ହାରିବେ...!! (କ୍ରମଶଃ)

♥ ଭୁବନେଶ୍ୱର
(ମୋ) ୯୪୩୮୪୭୦୮୦୭

# ସଙ୍କଟରେ ମାନବିକତା



## ଶରତ କୁମାର୍ ଦାସ

ସମଗ୍ର ବିଶ୍ୱ ଏବେ ଘଡ଼ିସନ୍ଧି ମୁହୂର୍ତ୍ତରେ । ଘୋର ସଙ୍କଟରେ ସ୍ୱଚ୍ଛତା,ନୀତିନିଷ୍ଠ ମାନସିକତା, ରୁଦ୍ରାକ୍ଷ ବିମଣ୍ଡିତ ବିଶ୍ୱସନୀୟତା ଓ ବିଶେଷକରି ମୁକ୍ତ ଆଚାର ସଂହିତା । ନୈରାଶ୍ୟର ଖଣ୍ଡ ଖଣ୍ଡ କଳାମେଘ ତଳେ ଆତ୍ମଗୋପନ କରିଛି ଆଶାର ସୁନେଲି କିରଣ । ଯୁଦ୍ଧର ଦୁନ୍ଦୁଭିରେ ଚକିତ ଏ ମିଣିଷ ସମାଜ । ଧ୍ୱଂସ ପରେ ଧ୍ୱଂସ । ଥମିବାରେ ନାଁ ଧରୁନି ଆଦୌ । ଗର୍ବ, ହିଂସା, ଅହଙ୍କାର ଓ ପରଶ୍ରୀକାତରତା ଇତ୍ୟାଦିର ମାୟାଜାଲ ମଣିଷକୁ ରସାତଳ କଲାଣି । ସମାଜ ଏବେ ପତନୋନ୍ମୁଖୀ ।

ହଜିଲାଣି ମାନବିକତାର ମଧୁର ରାଗିଣୀ । ଭଲ ଓ ମନ୍ଦ ମଧ୍ୟରେ ପାର୍ଥକ୍ୟ ବୁଝିବା ବର୍ତ୍ତମାନ ଏକପ୍ରକାର ଅସମ୍ଭବ । ଠିକ ଓ ଭୁଲର ବିଚାର କରିବାର ଶକ୍ତି ଆଉ ମଣିଷର ଆୟତ୍ତରେ ନାହିଁ । ନକରାତ୍ମକ ଶକ୍ତିର କୁପ୍ରଭାବରେ ସକରାତ୍ମକ ଶକ୍ତି ଦିନକୁଦିନ ଦୁର୍ବଳ ହେବାରେ ଲାଗିଛି । ଏସବୁ ବିଷୟରେ ସତର୍କତାର ସହ ତର୍ଜମା କରିବାର ଯଥାର୍ଥ ସମୟ ଆସିଛି । ଗର୍ବ, ଦମ୍ଭ ଓ ଅହଙ୍କାରର ରୂପ ଯେ କ୍ଷଣସ୍ଥାୟୀ ତାହା ମଧ୍ୟ ଅନୁଭବ କରିବାର ଆବଶ୍ୟକତା ଅଛି । ଏ ସଂକ୍ରାନ୍ତରେ ଏକ ସୁନ୍ଦର କାହାଣୀର ଅବତାରଣା କରଯାଇପାରେ-

ଦିନେ ସକାଳେ ଜଣେ ଲୋକ ପାଗଳପ୍ରାୟ ଶ୍ମଶାନ ମଝିରେ କିଛି ଖୋଜୁଥିବାର ଲକ୍ଷ୍ୟ କରାଗଲା । ସେ ଖୁବ ବିଚଳିତ ଓ ବିବ୍ରତ ଥିବାର ଲାଗୁଥିଲେ । ତାଙ୍କୁ ଦେଖି ସେଇ ବାଟ ଦେଇ ଯାଉଥିବା ଜଣେ ସନ୍ନ୍ୟାସୀ କ'ଣ କରୁଛ ବୋଲି ତାଙ୍କୁ ପଚାରନ୍ତେ ତତକ୍ଷଣାତ ଉତ୍ତରରେ ସେ କହିଲେ ଯେ ଶ୍ମଶାନରେ ପଡ଼ିଥିବା ଚିତାଭସ୍ମଗୁଡିକୁ ଯତ୍ନରସହ ସେ ପରଖୁଥିଲେ । କାରଣ ଜଣେ ଧନୀ ଓ ଅହଙ୍କାରୀ ଲୋକ ଏବଂ ଆଉ ଜଣେ ନୀରିହ ଗରିବ ଲୋକଟିର ଚିତାଭସ୍ମ ମଧ୍ୟରେ ଫରକ କ'ଣ ଥିଲା ବୋଲି ଜାଣିବାକୁ ସେ ଚାହୁଁଥିଲେ । ସନ୍ନ୍ୟାସୀ ଜଣକ ଟିକେ ସ୍ମିତହସି ପଚାରିଲେ ଯେ ସେ କ'ଣ ଫରକ ଦେଖିଲେ । ଲୋକଟି ଟିକେ ବିସ୍ମିତ ହୋଇ କହିଲେ ଯେ ସେ ଦୁହିଁଙ୍କ ମଧ୍ୟରେ କିଛି ଫରକ ଦେଖିବାକୁ ପାଉନଥିଲେ । ସବୁ ଭସ୍ମ ତ ସମାନ । ସେ ଆଶ୍ଚର୍ଯ୍ୟ ହୋଇ ପୁଣି ପଚାରିଲେ ଯେ ସେ ଧନୀ ଲୋକଟି ତାଙ୍କ ଜୀବନକାଳ ମଧ୍ୟରେ ଖୁବ ପ୍ରଭାବଶାଳୀ ଓ ପରାକ୍ରମୀ ଥିଲେ ।

ତାଙ୍କର ଖୁବ ପ୍ରତିପତ୍ତି ଥିଲା ମଧ୍ୟ । ତାଙ୍କ ମନରେ ଗର୍ବ ଅହଙ୍କାର ଖୁନ୍ଦିହୋଇରହିଥିଲା । ଗରିବ ଲୋକଟି ତ ନିଃସ୍ୱ ଥିଲେ । ତାଙ୍କର ସମାଜରେ ସେମିତି କିଛି ପ୍ରଭାବ ବି ତ ନଥିଲା । ମାତ୍ର ମରିଗଲା ପରେ ଦୁଇଜଣଙ୍କର ଭସ୍ମ ସମାନ ହେଲା କିପରି ?

ସନ୍ନ୍ୟାସୀଜଣକ ଏଥର ଖୁବ ଜୋରରେ ହସି କହିଲେ-ତୁମଠାରୁ ଏ ଦୁନିଆରେ ଆଉ କେହି ବୋଧହୁଏ ବୋକା ନାହାନ୍ତି । ମଣିଷର ଜୀବିତ ଅବସ୍ଥାରେ ତା'ର ଗର୍ବ,ଅହଙ୍କାର, ଈର୍ଷା, ଅସୂୟା ଓ କପଟତା ଆଦି ବସାବାନ୍ଧି ତା ଦେହ ଭିତରେ ଲାଖିରହିଥାଏ ମାତ୍ର ସେ ମୃତ୍ୟୁବରଣ କଲାପରେ ଜୁଇରେ ଏ ସମସ୍ତ ବଦଗୁଣଗୁଡ଼ିକ ଜଳି ଭସ୍ମ ହୋଇଯାଏ । ତେଣୁ ମଣିଷର ଗର୍ବ, ଅହଙ୍କାର ଓ ଆତ୍ମବଡ଼ିମା ପ୍ରଭୃତି କେବେ ବି ସ୍ଥାୟୀ ନୁହନ୍ତି । ଏସବୁ କେବଳ ଅଢ଼େଇ ଦିନିଆ । ମୃତ୍ୟୁ ପରେ ପରେ ଉଭୟ ଧନୀ ଓ ଗରିବର ଚିତାଭସ୍ମ ଅବିକଳ ସମାନ ।'

ଲୋକଟି ଏଥର ନିଶ୍ଚୟ ବୁଝିପାରିଲେ ଯେ ଗର୍ବ ଅହଙ୍କାର ଈର୍ଷା ଇତ୍ୟାଦି କୁଗୁଣଗୁଡ଼ିକ ମଣିଷ ଜୀବନର ଅଳଙ୍କାର ନୁହନ୍ତି, ବରଂ ବିଷାକ୍ତ ସର୍ପ ଭଳି ଦେହରେ ଗୁଡ଼ାଇ ହୋଇ ରହି ସମୟ ସୁବିଧା ଦେଖି ଚୋଟ ମାରୁଥାନ୍ତି । ସଚ୍ଚୋଟ ମଣିଷପଣିଆ,ନିରହଙ୍କାର ସରଳ ଜୀବନ, ପରକୁ ଆପଣା କରିବାର ଦରଦଭାବ, ଆତ୍ମସଂଯମ,ମଧୁର ସମ୍ପର୍କ, ସ୍ୱଚ୍ଛ ଓ ସୁସ୍ଥ ମାନସିକତା ତଥା କପଟମୁକ୍ତ ଚିନ୍ତାଧାରା ହିଁ ମଣିଷକୁ ଅନେକରେ ଏକ କରିଥାଏ । ଯଶସ୍ୱୀ ହୋଇଥାଏ ସେ ।

ଆଜିର ସ୍ୱାର୍ଥାନ୍ଧ ମଣିଷ ଏକଥା ବୁଝି ମଧ୍ୟ ବୁଝି ପାରନ୍ତି ନାହିଁ କାହିଁକି ? ଭଗବାନଙ୍କର ଏ ସୁନ୍ଦର ସୃଷ୍ଟିଟିକୁ ନିଜେ ହାତେ ନିଜେ ଧ୍ୱଂସ କରିବାକୁ ଯେମିତି ପ୍ରତିଶ୍ରୁତିବଦ୍ଧ । ସତରେ କେଡ଼େ ହତଭାଗ୍ୟ ଆମେ ! କେତେ ହତଭାଗ୍ୟ ଆମର ବୁଦ୍ଧି ଓ ବିବେକ ! ଆମେ ଯେପରି ପ୍ରତି ମୁହୂର୍ତ୍ତରେ ଏକ ଅଦୃଶ୍ୟ ଅଥଳ ସମୁଦ୍ର ଆଡ଼କୁ ଆଗେଇ ଚାଲିଛୁ । ନା ତା'ର ଅଛି ଥଳ ନା ଅଛି କୂଳ ।

କ୍ଷଣିକ ଉତ୍ତେଜନାର ବଶବର୍ତ୍ତୀ ହୋଇ ଅମୃତମୟ ଏ ମଧୁର ସଂସାରକୁ ଆମେ ଗରଳପୂର୍ଣ୍ଣ କରିବାରେ ପଛାଉନାହୁଁ । ନିଜ ଦୋଷକୁ ବିନା ଦ୍ୱିଧାରେ ସ୍ୱୀକାର କରିବାର ବଳିଷ୍ଠ ମାନସିକତା ଧୀରେଧୀରେ ଅପସରି ଗଲାଣି । ଅନ୍ୟକୁ ଦୋଷ ଲଦିଦେବାର ସୂକ୍ଷ୍ମ କଳାଟିକୁ ଆମେ ଆପଣେଇନେଉଛୁ ଜୀବନର ପ୍ରତିଟି କ୍ଷେତ୍ରରେ ।

ଆମର ପ୍ରତିଟି ଶବ୍ଦରେ ଔଦ୍ଧତ୍ୟର ତୀର୍ଯ୍ୟକ ପରିପ୍ରକାଶ । ଅନିୟନ୍ତ୍ରିତ ଉଚ୍ଚାରଣ ଓ ଆଚରଣ ।

ବିଶ୍ୱାସର ଚନ୍ଦନ ପ୍ରଲେପ ପରିବର୍ତ୍ତେ ଅବିଶ୍ୱାସର ଅସହ୍ୟ ଓ ଅଦମନୀୟ ଦହନ । ଅନ୍ୟାୟ ଅତ୍ୟାଚାରର ଘନଘଟା ଅନ୍ଧାର ତଳେ ନ୍ୟାୟର ଠିକଣା ବିଲୁପ୍ତପ୍ରାୟ । ମଣିଷ ମଧ୍ୟରେ ଥିବା ମହତ ସାମାଜିକ ଗୁଣାବଳୀଗୁଡିକ ଯଥା-ଦୟା, କ୍ଷମା, ଦାନ, ଧର୍ମ ପ୍ରଭୃତି ଆଜିର ଦୁନିଆରେ ବାଟ ହୁଡ଼ିଲେଣି । ଆଖି ଥାଉଥାଉ ଆମେ ଯେମିତି ଅନ୍ଧପ୍ରାୟ । ସବୁ ଜାଣି କିଛି ନଜାଣିଲାପରି ଚମତ୍କାର ଅଭିନୟ । ସବୁ ଶୁଣି କିଛି ନଶୁଣିଲାପରି ଆମର ଚିତ୍ତାକର୍ଷକ ପ୍ରଦର୍ଶନ । 'ଆପେ ବଞ୍ଚିଲେ ବାପର ନାଁ'- ନ୍ୟାୟରେ ବନ୍ଧାପଡ଼ିଛି ମଣିଷର ମଣିଷପଣିଆ । ବସ୍ତୁବାଦର ପ୍ରାବଲ୍ୟ ଢାଙ୍କିଦେଇଛି ନୈସର୍ଗିକ ମାନବବାଦକୁ । ଅସ୍ତିତ୍ୱ ହରାଇବସିଛି ଧୈର୍ଯ୍ୟ ଓ ସହନଶୀଳତାର ମହମହ ବାସ୍ନା । ମଣିଷର ଚତୁଃପାର୍ଶ୍ୱରେ ରାଜୁତି କରୁଛି ଏକ ସୀମାହୀନ ଶୂନ୍ୟତା । ଛଳନାର ଚଉକାଠରେ ଦଣ୍ଡାୟମାନ ଏ ସମାଜ ଓ ସଭ୍ୟତା । ସତେଯେପରି ଡେମୋକ୍ଲିସଙ୍କ ଖଡ୍ଗ ଝୁଲୁଛି ସଭିଙ୍କ ମୁଣ୍ଡ ଉପରେ । ନା ଅଛି ସତ୍ୟ ନା ଅଛି ଶାନ୍ତି । ନା ଅଛି ମନରେ ସରଳତା ନା ଅଛି ସ୍ନେହ ବା ଶ୍ରଦ୍ଧା । କୋମଳ ଭାବନାର ସ୍ଥାନ ନେଇଛି ଉଗ୍ର ମାନସିକତା । ମଣିଷ ଏବେ ପାଲଟିଛି ହିଂସ୍ର । ପଶୁତୁଲ୍ୟ ତା'ର ବ୍ୟବହାର । ହୀନମନ୍ୟତାର ଚରମ ସୀମାରେ ପାଦ ଦେଇଛି ସେ । ତା' ଆଖିରେ ଝଲସୁଚି କେବଳ ବର୍ବରତାର ଅଗ୍ନିପିଣ୍ଡ । ଜ୍ଞାନଶୂନ୍ୟ ଆଜି ତଥାକଥିତ ସର୍ବଗୁଣସମ୍ପନ୍ନ ବିଜ୍ଞାନୀ ମଣିଷ । କଥାକଥାକେ ବାହାସ୍ଫୋଟ । ଲୋକ ଦେଖାଣିଆ ବଡ଼ପଣ । ପ୍ରତିଟି କାର୍ଯ୍ୟରେ ଲାଭକ୍ଷତିର ହିସାବ । ତ୍ୟାଗ, ବଳିଦାନ, ନୀତି, ନୈତିକତା ଆଦି ପବିତ୍ର ଶବ୍ଦଗୁଚ୍ଛ ଚିତ୍କାର କରୁଛନ୍ତି ଯନ୍ତ୍ରଣାର ଯଉଘରେ ।

ସବୁଠାରୁ ବଡ଼ ସଙ୍କଟ ଯାହା ସମଗ୍ର ସମାଜକୁ ବୁଢ଼ିଆଣୀ ବସାପରି ଘେରି ରହଛି ତାହା ହେଉଛି ଚେତନାରେ ସଙ୍କଟ । ମଣିଷର ବିଚାରବୁଦ୍ଧିରେ ସଙ୍କଟ । ଚିନ୍ତନ, ଦର୍ଶନ ତଥା ଆଦର୍ଶବୋଧରେ ସଙ୍କଟ । ବିଶ୍ୱସନୀୟତାର ଆଭା ମଳିନ ଲାଗୁଛି ।ଗୋଟେ ଉଭଟ ଚେତନାର ଶାଖାପ୍ରଶାଖା ଡଙ୍କେଇଯାଉଛି ମଣିଷର ନିଷ୍କପଟ ମନର ଆଢୁଆଳେ । ଦୈତ ନୈତିକତାର ଶିକାର ହେଉଛି ସେ । କହୁଛି ଗୋଟିଏ କରୁଛି ତା' ଠିକ ବିପରୀତ । କେବଳ ଦୈତ୍ୟ ନୈତିକତା ନୁହେଁ, ଦୈତ ମାନସିକତାର କଳା ରୂପ ସର୍ପ ଭଳି ଦଂଶନ କରୁଛି ଏ ସମାଜର ବିବେକକୁ ପ୍ରତି ମୁହୂର୍ତ୍ତରେ । ମଣିଷ ହୋଲି ଖେଳୁଛି ମଣିଷ ରକ୍ତରେ । ଦିବାଲୋକରେ ପୁଣି ଜନଗହଳିପୂର୍ଣ୍ଣ ସ୍ଥାନରେ ଅତି ବିଭତ୍ସ ଭାବରେ ହତ୍ୟା କରାଯାଉଛି । ହତ୍ୟାକାରୀ ବୀର ଦର୍ପରେ ଚାଲୁଛି ଆଇନକାନୁନକୁ ଫୁ' କରି ରାସ୍ତାର ଫୁଙ୍ଗୁଳା ଛାତିରେ । ଦେଖି ନଦେଖିବା ଭଳି ସଭିଏ ଚୁପଚାପ୍ । ହୃଦୟବିଦାରକ ଅତ୍ୟାଚରର କୌଣସି ସୀମା ହିଁ ନାହିଁ । ଧର୍ଷଣ ଏକ ନିତିଦିନିଆ ଘଟଣରେ ପରିଣତ ହେଲାଣି । କଅଁଳ କଢ଼ିଟଏ ଅବେଳରେ ଝଡ଼ିପଡୁଛି । କ୍ଷତବିକ୍ଷତ ଓ ରକ୍ତାତ ହେଉଛି । ସବାର ହୋଇଛି ମିଥ୍ୟାର ପ୍ରହେଳିକା । ଜୋରଜବରଦସ୍ତ ପ୍ରତିବାଦର ସ୍ୱରକୁ ଦବେଇ ଦିଆଯାଉଛି ।

ଏ ସବୁ ଏକ ସୁସ୍ଥ ସମାଜ ଗଠନର ଲକ୍ଷଣ କି ? ଆଧ୍ୟାତ୍ମିକତାର ଦିଗ ଦିଶୁଛି ରଙ୍ଗହୀନ । ଆତ୍ମପ୍ରଚାରରେ ସଭିଏ ବ୍ୟସ୍ତ । ଧର୍ମର ରଙ୍ଗମଖା ଦେହ ବଦଳୁଛି ନିତିଦିନ । ଭଗବତ ବିଶ୍ୱାସର ସବୁଜିମା ନିଷ୍ପ୍ରଭ ପ୍ରାୟ । ମଣିଷ ନିଜେ ନିଜକୁ ଭାବୁଛି ଅଟଳ ଅଚଳ ମହାଦ୍ରୁମ । ନିଜେ ସାଜିଛି ନିଜ ଭାଗ୍ୟର ନିୟନ୍ତା । ଏଭଳି ଦମ୍ଭ ଯେ କ୍ଷଣସ୍ଥାୟୀ; ଏହା ଯେ ଅଳିକ -ଏକଥା ଏ ସମାଜ କେବେ ବୁଝିବ ? କେବେ ଫେରିବ ଭ୍ରାତୃତ୍ୱଭାବର ମଧୁର ନିନାଦ । କେବେ ହସିବ ଏ ଧରା ? କେବେ ଫୁଟିବ ଭଲପାଇବାର ରଙ୍ଗିନ କଳିକା ? କେବେ ବଦଳିବ ଏ ସ୍ୱାର୍ଥାନ୍ଧ ଦୁନିଆ ?

ନା ଏ ସବୁ ଅସମାହିତ ହୋଇ ରହିଯିବ ସବୁଦିନ ପାଇଁ ?

ଉପସଂହାରରେ ଏତିକି କୁହାଯାଇପାରେ ଯେ ଆମେ ନିଜେ ନବଦଳିଲେ ଏ ଦୁନିଆ ବଦଳିବା ସଂପୂର୍ଣ୍ଣ ଅସମ୍ଭବ । ଆମ ଆଗରେ ଦୁଇଟି ବିପରୀତ ଦିଗ-ସୃଷ୍ଟି ଓ ଧ୍ୱଂସ । ଆମକୁ ବାଛିବାକୁ ପଡ଼ିବ କେଉଁଟି ଆମ ପାଇଁ ଠିକ ଓ କେଉଁଟି ଭୁଲ । ଯଦି ଆମେ ସୃଷ୍ଟିକୁ କୋଳେଇ ନେବା ତେବେ କେହିକାହାରିକୁ ଦୋଷାରପ ନକରି ନିଃସର୍ତ୍ତ ଭାବେ ଅନ୍ୟକୁ କୋଳେଇ ନେବା ଉଚିତ । ରାଗ-ହିଂସାଠରୁ ଦୂରରେ ରହି ଏକ ଅନାବିଳ ମମତାର ରଙ୍ଗରେ ନିଜକୁ ରଙ୍ଗେଇ ପାରିଲେ ଆପଣାପଣରେ ସମଗ୍ର ପୃଥିବୀ ଦିଶିବ ଚକମକ । ଆଖିରେ ବାନ୍ଧିଥିବା ସ୍ୱାର୍ଥପରତାର ଅନ୍ଧପୁଟୁଳିକୁ ହଟେଇ ପାରିଲେ ଏକ ଦିବ୍ଯ ଝଲକରେ ଝଲସିଉଠିବ ଜଳ,ସ୍ଥଳ ଓ ଆକାଶ । ଅବିଶ୍ୱାସ ଓ ଅସୂୟାବୋଧକୁ ଦୂରକରି ବିଶ୍ୱାସ ଓ ଗୈରିକ ନୈବେଦ୍ୟରେ ଏ ସୁନ୍ଦର ସୃଷ୍ଟିକୁ ଆବାହନ କରିବା ଦ୍ୱାରା ଶାନ୍ତି ଓ ମୈତୀର ବାସଫୁଲ ଚହଟିଯିବ ସର୍ବାଙ୍ଗେ । ଆଉ ଯଦି ଧ୍ୱଂସ ପଥରେ ଆଗୁସାର ହେବା ତେବେ କାଳ ରାତି ମାଡ଼ି ଆସିବ । ଅମାବାସ୍ୟାର କଳାଛାଇ କବଳରେ ଲିଭିଯିବ ପୂର୍ଣ୍ଣିମା ଆକାଶର ରୂପାଜହ୍ନ । ଏ ସୁନ୍ଦର ପୃଥିବୀ ଆଖି ପିଛୁଳାକେ ନଷ୍ଟ ହୋଇଯିବ । ତେବେ ସୁସ୍ଥ ମନରେ ଆମକୁ ବିଚାର କରିବାକୁ ପଡ଼ିବ କେଉଁଟି ଆମ ପାଇଁ ପଯୁଜ୍ୟ । କେଉଁଟି ସମୟର ଆହ୍ୱାନ ।

> ଆଜିର ସ୍ୱାର୍ଥାନ୍ଧ ମଣିଷ ଏକଥା ବୁଝି ମଧ୍ୟ ବୁଝି ପାରନ୍ତି ନାହିଁ କାହିଁକି ? ଭଗବାନଙ୍କର ଏ ସୁନ୍ଦର ସୃଷ୍ଟିଟିକୁ ନିଜେ ହାତେ ନିଜେ ଧ୍ୱଂସ କରିବାକୁ ଯେମିତି ପ୍ରତିଶ୍ରୁତିବଦ୍ଧ । ସତରେ କେଡ଼େ ହତଭାଗ୍ୟ ଆମେ ! କେତେ ହତଭାଗ୍ୟ ଆମର ବୁଦ୍ଧି ଓ ବିବେକ ! ଆମେ ଯେପରି ପ୍ରତି ମୁହୂର୍ତ୍ତରେ ଏକ ଅଦୃଶ୍ୟ ଅଥଳ ସମୁଦ୍ର ଆଡ଼କୁ ଆଗେଇ ଚାଲିଛୁ । ନା ତା'ର ଅଛି ଥଳ ନା ଅଛି କୂଳ । କ୍ଷଣିକ ଉତ୍ତେଜନାର ବଶବର୍ତ୍ତୀ ହୋଇ ଅମୃତମୟ ଏ ମଧୁର ସଂସାରକୁ ଆମେ ଗରଳପୂର୍ଣ୍ଣ କରିବାରେ ପଛାଉନାହୁଁ ।

♥ ବିଭାଗୀୟ ମୁଖ୍ୟ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧



# ବୁଦ୍ଧ କାହାଣୀ



ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର । ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି । ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଳୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ । ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା । ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ '**ବୁଦ୍ଧ କାହାଣୀ**' ଶୀର୍ଷକରେ ଅନୁବାଦ କରିଛନ୍ତି

**ଡ. ସାରଙ୍ଗଧର ତ୍ରିପାଠୀ**

## ୧୦ ଜଣେ ସନ୍ନ୍ୟାସୀ

ଯେତେବେଳେ ଚତୁର୍ଥ ଥର ପାଇଁ ନଗର ପରିଭ୍ରମଣରେ ଗଲେ, ସେତେବେଳେ ରାଜକୁମାର ଗେରୁଆ ରଙ୍ଗର ବସ୍ତ୍ର ପରିହିତ ଜଣେ ସୁଖୀ ବ୍ୟକ୍ତିଙ୍କୁ ଦେଖିଲେ । ତପ୍ପରେ ସେ ଚନ୍ନାଙ୍କୁ ପଚାରିଲେ, "ଗେରୁଆ ବସ୍ତ୍ର ପିନ୍ଧିଥିବା ବ୍ୟକ୍ତି ଜଣକ କିଏ ? ତାଙ୍କର ମସ୍ତକ ମୁଣ୍ଡିତ । କାହିଁକି ସେ ଏତେ ଖୁସି ଦେଖାଯାଉଛନ୍ତି ? ସେ କେମିତି ଜୀବନ ବିତାଉଛନ୍ତି ଓ ଜୀଇଁବା ପାଇଁ ସେ କ'ଣ କରୁଛନ୍ତି ?"

"ସେ ଜଣେ ସନ୍ନ୍ୟାସୀ" କହିଲେ ଚନ୍ନା । "ସେ ଏକ ମନ୍ଦିରରେ ରହୁଛନ୍ତି, ଖାଦ୍ୟ ପାଇଁ ଘରକୁ ଘର ବୁଲୁଚନ୍ତି ଏବଂ ବିଭିନ୍ନ ସ୍ଥାନକୁ ଯାଇ କିପରି ସୁଖୀ ଓ ଉତ୍ତମ ମଣିଷ ହେବ, ତାହା ଲୋକମାନଙ୍କୁ କହୁଛନ୍ତି ।"

ରାଜକୁମାର ଏବେ ବହୁତ ଖୁସି ହେଲେ । ସେ ଭାବିଲେ, "ମୁଁ ନିଶ୍ଚିତ ୟାଙ୍କ ପରି ହେବ" ଏବଂ ତା'ପରେ ସେ ବଗିଚା ମଧ୍ୟରେ ଖୁସିରେ ବୁଲିବାକୁ ଲାଗିଲେ ।

ସେ ଥକିବା ଯାଏ ବୁଲିଲେ । ତା'ପରେ ସେ ଏକ ବୃକ୍ଷମୂଳରେ ଥକିଯାଇ ବିଶ୍ରାମ ନିମନ୍ତେ ବସିପଡ଼ିଲେ । ଯେତେବେଳେ ସେ ଏକ ଶୀତଳ ଛାୟାପ୍ରଦ ବୃକ୍ଷ ତଳେ ବସିଥିଲେ, ସେତେବେଳେ ତାଙ୍କର ପତ୍ନୀ ଏକ ସୁନ୍ଦର ଶିଶୁପୁତ୍ରକୁ ଜନ୍ମଦେଇଥିବାର ଖବର ଆସି ପହଞ୍ଚିଲା । ସେ ଏହି ଖବର ଶୁଣିବା ମାତ୍ରେ କହିଲେ, "ମୋ ପାଇଁ ରାହୁଳ ଜନ୍ମନେଇଛି, ମୋ ପାଇଁ ଏକ ପ୍ରତିବନ୍ଧକ ଜନ୍ମନେଇଛି ।" ଏବଂ ତାଙ୍କର ପୁତ୍ରର ନାମ ରଖାଗଲା 'ରାହୁଳ' ।

ଯେତେବେଳେ ସେ ବଗିଚାରୁ ରାଜପ୍ରାସାଦକୁ ଫେରୁଥିଲେ, ସେ କିସାଗୌତମୀ ନାମ୍ନୀ ଜନୈକ ରାଜକୁମାରୀଙ୍କ କୋଠରୀ ଦେଇ ଅତିକ୍ରମ କଲେ । କିସାଗୌତମୀ ଝରକା ବାହାରକୁ ଚାହିଁଥିଲେ ଓ ରାଜକୁମାରଙ୍କୁ ଆସୁଥିବାର ଦେଖିଲେ । ସେ ସୁନ୍ଦର ନବଜାତ ରଜାକୁମାରଙ୍କୁ ଉଠାଇ ନେଇ ଜୋର୍‌ରେ କହିଲେ, "ଓଃ ! କି ଖୁସି ଏବଂ ଏହି ସୁନ୍ଦର ଶିଶୁପୁତ୍ର ତାଙ୍କର ମାତା ଓ ପିତା ଏବଂ ପତ୍ନୀକୁ



ନିଶ୍ଚିତ ଖୁସି କରାଇବ ।"

ସେହି ବାଟ ଦେଇଯିବାବେଳେ ସେ ଏକଥା ଶୁଣିଲେ ଏବଂ ମନେମନେ ଭାବିଲେ ପ୍ରତ୍ୟେକ ବ୍ୟକ୍ତି ଯଦି ବାସ୍ତବ ଓ ସ୍ୱାର୍ଥଯୁକ୍ତ ଆନନ୍ଦ କ'ଣ ଜାଣିବେ, ତେବେ ଅଧିକ ଖୁସି ହୋଇପାରିବେ । (କ୍ରମଶଃ)

♥ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ
'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର, ବାଲିଆ, ବାଲେଶ୍ୱର
ମୋ: ୯୪୩୭୩୭୧୯୬୮

## ଘାତକ କଫ...

(ପୃଷ୍ଠା ୩ର ଅବଶିଷ୍ଟାଂଶ...)

ଯାହାକି କେବଳ ଦେଶର ସୁନାମକୁ କଳଙ୍କିତ କରିବ ନାହିଁ, ଅର୍ଥନୀତିକୁ ମଧ୍ୟ ପ୍ରଭାବିତ କରିବ। ଅବଶ୍ୟ ଏହି ଦୁଃଖଦ ଘଟଣା ପରେ ଭାରତ ସରକାର ଔଷଧର ମାନ କଡାକଡି ଭାବେ ଯାଂଚ କରିବାକୁ ରାଜ୍ୟମାନଙ୍କୁ କଡା ନିର୍ଦ୍ଦେଶ ଦେଇଛନ୍ତି। ଇତିମଧ୍ୟରେ ମଧ୍ୟପ୍ରଦେଶ ସରକାର କୋଲଡରିଫ ସହ ୩ଟି କଫ ସିରପକୁ ନିଷିଦ୍ଧ ଘୋଷଣା କରିଛନ୍ତି। ସେହିପରି ଦେଶବ୍ୟାପୀ ଚୋରାଚାଲାଣ ହେଉଥିବା କଫ ସିରପ୍ ଉପରେ ଚଢାଉ ଜାରି ରହିଛି। ଆମ ରାଜ୍ୟରେ ଶହ ଶହ ବୋତଲ କଫ ସିରପ୍ ଇତିମଧ୍ୟରେ ଜବତ ହୋଇଥିବାବେଳେ ବହୁ ବେପାରୀଙ୍କୁ ଗିରଫ କରାଯାଇଛି। ଏହା ସତ୍ତ୍ୱେ ଆମେରିକା ପରି ଦେଶରେ ଅପମିଶ୍ରିତ ବା ବିଷାକ୍ତ କଫ ସିରପ୍ ନିଷିଦ୍ଧ ଲାଗି କଠୋର ଆଇନର ଆବଶ୍ୟକତା ରହିଛି। ବିଟ୍ରିଶ ଅମଳରେ ପ୍ରଣୟନ ହୋଇଥିବା ଡଗ୍ରସ୍ ଆଣ୍ଡ କସ୍‌ମେଟିକସ୍ ଆକ୍ଟ ୧୯୪୦ର ସଂଶୋଧନ କରିବା ଆବଶ୍ୟକ। ସେହିପରି ବିଷାକ୍ତ ଔଷଧ ନିର୍ମାତାଙ୍କ ପାଇଁ କଠୋରରୁ କଠୋର ଦଣ୍ଡବିଧାନ ଜରୁରୀ। ଏହାଦ୍ୱାରା ଦେଶର ଶିଶୁ ତଥା କାଲିର ନାଗରିକଙ୍କୁ ସୁରକ୍ଷିତ ରଖାଯାଇପାରିବ।

+ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-୭୯୭୮୬୬୬୪୦୩

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଉପର ପଡ଼ିଆରେ...

ସେପଟେ ପ୍ରଶାସନ କହିଛି, ଉପର ପଡ଼ିଆରେ ମଧ୍ୟ ବାଲିଯାତ୍ରା ଆୟୋଜନ ହେବ। ସେଠାରେ ପାରମ୍ପରିକ ଖାଦ୍ୟ ସହ, ସଂସ୍କୃତି ପରମ୍ପରାକୁ ବଜାୟ ରଖିବା ପାଇଁ ସ୍ୱତନ୍ତ୍ର ଷ୍ଟଲ କରାଯିବ। ୨୦୨୪ ଅକ୍ଟୋବର ୨୦ରେ ହାଇକୋର୍ଟରେ ଶୁଣାଣି ସମୟରେ ବାଲିଯାତ୍ରା ଉପର ପଡ଼ିଆରେ ଆୟୋଜନ ହେବାଦ୍ୱାରା ସମସ୍ୟା ଉପୁଜୁଥିବା ଦର୍ଶାଇଥିଲେ ଆଡଭୋକେଟ୍ କମିଟି । ଜିଲ୍ଲା ପ୍ରଶାସନ ଏବଂ କମିଶନରେଟ ପୋଲିସ ସେନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ତେବେ ପ୍ରଶାସନ ସ୍ୱତନ୍ତ୍ର ବ୍ୟବସ୍ଥା ନକରି କାହିଁକି ହାଇକୋର୍ଟଙ୍କ ବାହାନା ଦେଖାଉଥିଲା ବୋଲି ସବୁଠି ପ୍ରଶ୍ନ ଉଠିଛି।

### ବଡ଼ଦେଉଳର ସୁରକ୍ଷା...

ଜୋନ୍ ଆକ୍ଟରେ ମାମଲା ରୁଜୁ କରିଥିବା ସୂଚନା ମିଳିଛି। ସେପଟେ ଖୁବଶୀଘ୍ର ରାଜ୍ୟ ସରକାର ମଧ୍ୟ ଆଣ୍ଟି ଡ୍ରୋନ୍ ସିଷ୍ଟମ କାର୍ଯ୍ୟକାରୀ କରିବାକୁ ମତପ୍ରକାଶ ପାଇଛି। ଦେଶର ବିଭିନ୍ନ ସୀମାନ୍ତ ଅଞ୍ଚଳ ସହିତ ଗୁରୁତ୍ୱପୂର୍ଣ୍ଣ ଏୟାରପୋର୍ଟ, ସାମରିକ ପ୍ରତିଷ୍ଠାନ ଓ ସମ୍ବେଦନଶୀଳ ସ୍ଥାନଗୁଡ଼ିକୁ ରେଡ୍ ଜୋନ ଅନ୍ତର୍ଭୁକ୍ତ କରିଥାଏ ଡିଜିସିଏ। ଏହି ତାଲିକାରେ ଶ୍ରୀମନ୍ଦିର ସାମିଲ ନିଷ୍ପତ୍ତିକୁ ସବୁଠି ପ୍ରଶଂସା କରାଯାଇଛି। ତେବେ ଆଗକୁ ଏହା କିଭଳି କାର୍ଯ୍ୟକାରୀ ହେଉଛି ଏବଂ ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡାଣରେ ସମ୍ପୂର୍ଣ୍ଣ ରୋକ୍ ଲାଗିପାରୁଛି କି ନାହିଁ ତାହା ଉପରେ ନଜର।

### ଆରଜି କର୍ ମେଡିକାଲ୍ ...

ତାଙ୍କର ଚିକିତ୍ସା ଚାଲିଛି। ଏହି ଘଟଣାରେ ଏବେ ଦୁର୍ଗାପୁର ପୁଲିସ ତଦନ୍ତ ଆରମ୍ଭ କରିଛି। ଛାତ୍ରୀଙ୍କ ପୁରୁଷବନ୍ଧୁଙ୍କୁ ପଚରାଉଚରା କରାଯାଉଛି। ଖୁବଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସୂଚନା ମିଳିଛି। ଅପର ପକ୍ଷରେ ମେଡିକାଲ କଲେଜର ସୁରକ୍ଷା ବ୍ୟବସ୍ଥା ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାତି ୮ଟା ପରେ ହଷ୍ଟେଲ ଛାତ୍ରୀଙ୍କୁ କ୍ୟାମ୍ପସ୍ ବାହାରକୁ ଯିବାକୁ ଅନୁମତି ନଥିବା ବେଳେ ଛାତ୍ରୀ ଜଣଙ୍କ କିପରି ବାହାରକୁ ଗଲେ ତାହାକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୀଡ଼ିତାଙ୍କ ପରିବାର ଲୋକେ ମେଡିକାଲ କଲେଜରେ ପହଞ୍ଚିଛନ୍ତି। ପୀଡ଼ିତା ବାପା ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ଖୁବଶୀଘ୍ର ଅଭିଯୁକ୍ତଙ୍କୁ ଚିହ୍ନଟ କରି କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି ।

# ସ୍ୱର୍ଗତ ଜୟନାରାୟଣଙ୍କ ଜନ୍ମ ଜୟନ୍ତୀ ପାଳିତ



ବାଲିଆପାଳ , ୧୧/୧୦ (ନି.ପ୍ର): ବାଲିଆପାଳରେ ଜୟନାରାୟଣ ମହାନ୍ତି ସ୍ମୃତି ପରିଷଦ ପକ୍ଷରୁ ଜନନେତା ପୂର୍ବତନ ବିଧାୟକ ସ୍ୱର୍ଗତ ଜୟନାରାୟଣ ମହାନ୍ତିଙ୍କ ୭୫ ତମ ଜନ୍ମ ଜୟନ୍ତୀ ଶନିବାର ପୂର୍ବାହ୍ନରେ ପାଳିତ ହୋଇଯାଇଛି । ଏହି ଅବସରରେ ବ୍ଲକ ଛକ ସ୍ଥିତ ଇନ୍ଦିରା ଶିଶୁ ଉଦ୍ୟାନରେ ଥିବା ଜୟନାରାୟଣଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ପରେ ପ୍ରତିମୂର୍ତ୍ତି ପାଖରେ କେକ କଟା ଯାଇଥିଲା । ଏହି ଅବସରରେ ବ୍ଲକ ଛକ ଠାରେ ଲଡୁ ଓ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ରୋଗ ମାନଙ୍କୁ ଫଳ ଓ ବିସ୍କୁଟ ବଣ୍ଟନ କରାଯାଇଥିଲା। ସ୍ୱର୍ଗତ ମହାନ୍ତିଙ୍କ ବାଲ୍ୟ ବନ୍ଧୁ ମୂରଲୀ ମୋହନ ସାହୁ, ମଧୁସୂଦନ ବାରିକ, ବ୍ରଜମୋହନ ଭୂୟାଁ, ସୁଶାନ୍ତ ଚକ୍ରବର୍ତ୍ତୀ, ପ୍ରଫୁଲ୍ଲ ସାହୁ ଯୋଗଦେଇ ଜୟନାରାୟଣ ଜଳେଶ୍ୱର ନିର୍ବାଚନ ମଣ୍ଡଳୀରେ ଦୁଇ ଥର ବିଧାୟକ ରହି ବାଲିଆପାଳ ର ବିନ୍ଧାଣି ସାଜିଥିଲେ ବୋଲି କହିଥିଲେ ।ପୁଅ ସତ୍ୟକାମ, ଦିବ୍ୟକାମଙ୍କ ସମେତ ଶୁଭେନ୍ଦୁ ଦାସ, ନୃସିଂହ ବିଶ୍ୱାଳ, ସୁଶାନ୍ତ ନାୟକ ,ପଦ୍ମ ଲୋଚନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୫ କାର୍ଯ୍ୟକ୍ରମ




ବାଲିଆପାଳ , ୧୧/୧୦ (ନି.ପ୍ର): ବାଲିଆପାଳ ବ୍ଲକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଇକଡ଼ପାଳ ,ଶ୍ୟାମସୁନ୍ଦର ବିଦ୍ୟାପୀଠ ଇକଡ଼ପାଳ ପରିସରରେ ପୂର୍ବାହ୍ନରେ ଜମକୁଣ୍ଡା କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି -୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାମୁକୁଣ୍ଡା କ୍ଲଷ୍ଟର ରେ ୧୮ ଟି ବିଦ୍ୟାଳୟରୁ ୨୦୦ ଉର୍ଦ୍ଧ୍ୱ ପିଲା ଭାଗ ନେଇଥିଲେ। ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତଥା ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘର ଜିଲା ସଂଗଠନର ସଂପାଦକ,ଜିଲ୍ଲା ବିଏଡ୍ ସଂଗଠନର ସଂପାଦକ, ବ୍ଲକ ସଭାପତି ପ୍ରଦୀପ୍ତ କୁମାର ପାତ୍ରଙ୍କ ପୌରୋହିତ୍ୟ ରେ ମୁଖ୍ୟ ଅତିଥି ଭାବରେ ବିଦ୍ୟାଳୟର ପରିଚାଳନା ସଭାପତି ସୁକୁମାର ପାତ୍ର, ସଦସ୍ୟ ଗଦାଧର ବେହେରା ସମ୍ମାନିତ ଅତିଥି ଭାବେ ବରିଷ୍ଠ ସମାଜ ସେବୀ ଗୌରୀ ମୋହନ ପାତ୍ର, ଦର୍ଶନ କୁମାର ଜେନା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହିତ ସୁରଭି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ର ଛାତ୍ରୀଙ୍କର ଅନ୍ତର୍ନିହିତ ଗୁଣର ପରିପ୍ରକାଶ ହୋଇପାରୁଛି ବୋଲି ବକ୍ତବ୍ୟ ରଖିଥିଲେ । ଅତିଥି ଭାବେ ବିଜ୍ଞାନ ଶିକ୍ଷକ ଜାମକୁଣ୍ଡା ଉଚ୍ଚ ବିଦ୍ୟାଳୟର ସଞ୍ଜୟ କୁମାର ଭୂୟାଁ, ବୈକୁଣ୍ଠ ନାଥ ଉଚ୍ଚ ବିଦ୍ୟାଳୟ ବିଷ୍ଣୁପୁରର ସଂସ୍କୃତ ଶିକ୍ଷକ ଅନିଲ କୁମାର ପଣ୍ଡା,ଶ୍ୟାମସୁନ୍ଦର ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଦେବେନ୍ଦ୍ରନାଥ ପରିଡା, ବିଶ୍ୱଜିତ ସାହୁ, ଜାମକୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିମାଇ ଚରଣ ସାମଲ ପ୍ରମୁଖ ଯୋଗଦେଇ ଥିଲେ। କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀ ମାନେ ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ପାଇଁ ମନୋନୀତ ହୋଇଛନ୍ତି ବୋଲି ଜାମକୁଣ୍ଡା ସିଆରସିସି ନିରଞ୍ଜନ ଘଡାଇ କହିଛନ୍ତି। ଶିକ୍ଷକ ଅତନୁ କୁମାର ସାହୁ ଧନ୍ୟବାଦ୍ ଅର୍ପଣ କରିବା ସହିତ ବରିଷ୍ଠ ଶିକ୍ଷକ ପଂଚାନନ ସେଠୀ, ଅଞ୍ଜନ କୁମାର ବେହେରା, ବିଜୟ କୁମାର ଦାସ, ମାନସୀ ଦାସମହାପାତ୍ର, ପ୍ରିୟଙ୍କା ଜେନା ଏବଂ ରାଜେଶ ମଣ୍ଡଳ ସହଯୋଗ କରିବା ସହିତ ଜାମକୁଣ୍ଡା ଆଂଚଳିକ ସାଧନା କେନ୍ଦ୍ରର ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ତତ୍ତ୍ୱବଧାନରେ ଏଭଳି କାର୍ଯ୍ୟକ୍ରମ କରାଯାଇଥିଲା ।

# ଉଦଳାକୁ ମ୍ୟୁନସିପାଲଟି ଘୋଷଣା କଂଗ୍ରେସର ଥିଲା ପରିକଳ୍ପନା : ନାରାୟଣ ପଟ୍ଟନାୟକ



ଉଦଳା, ୧୧/୧୦ (ନି.ପ୍ର): ଉଦଳା ବିଜ୍ଞାପିତ ଅଂଚଳକୁ ମ୍ୟୁନସିପାଲଟିରେ ପରିଣତ କରିବା ପାଇଁ ଦିର୍ଘବର୍ଷ ତଳୁ, ଯେଉଁ ସମୟରେ ଲକ୍ଷ୍ମୀକାନ୍ତ ବାରିକ ନଗରପାଳ ଥିଲେ, ସେ ସମୟରୁ ଉଦ୍ୟମ ଆରମ୍ଭ ହୋଇଛି ବୋଲି କଂଗ୍ରେସର ବରିଷ୍ଠ ନେତା ନାରାୟଣ ପଟ୍ଟନାୟକ କହିଛନ୍ତି । ଏହା ଭାରତୀୟ ଜନତା ପାର୍ଟି କିମ୍ବା ବିଜୁ ଜନତା ଦଳର ପରିକଳ୍ପନା ନୁହେଁ, କଂଗ୍ରେସ ଦଳର ନେତା ସ୍ୱର୍ଗତଃ ଲକ୍ଷ୍ମୀକାନ୍ତ ବାରିକ ଏଥିପାଇଁ ଉଦ୍ୟମ ଆରମ୍ଭ କରିଥିବାର ଜଣାଇଛନ୍ତି । ଉଦଳାର ସାମଗ୍ରିକ ବିକାଶ ପାଇଁ ଏ ଅଂଚଳକୁ ଜାତୀୟ ରାଜପଥ ଓ ରେଳପଥର ସଂଯୋଗ ବର୍ତ୍ତମାନ ଜରୁରୀ ହୋଇପଡ଼ିଛି ବୋଲି ଜଣାଇବା ସହ କ୍ଷମତାରେ ଥିବା ଡ଼ବଲ ଇଂଜିନ ସରକାର ତୁରନ୍ତ ଏହା ପୁରଣ କରନ୍ତୁ ବୋଲି ଶ୍ରୀଯୁକ୍ତ ପଟ୍ଟନାୟକ ଦାବି ଜଣାଇଛନ୍ତି । ଡ଼ବଲ ଇଂଜିନ ସରକାର କ୍ଷମତାରେ ଥିବା ସମୟରେ ଉଦଳା ଉଚ୍ଚ ବିଦ୍ୟାଳୟରୁ ଜାତୀୟ ସମରଶିକ୍ଷାର୍ଥୀ ବାହିନୀ (ଏନ୍.ସି.ସି) ଶାଖା ଉଠିଯିବା ଅତ୍ୟନ୍ତ ଦୁଃଖ ଓ ଲଜ୍ଜ୍ୟାକର ବିଷୟ ବୋଲି ବ୍ୟକ୍ତ କରିଛନ୍ତି । ଏଥିପାଇଁ ଆଗାମୀ ଦିନରେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନି ଦେଇଛନ୍ତି । ଉଦଳା ମହାବିଦ୍ୟାଳୟକୁ ସ୍ୱୟଂ ଶାସିତ ଘୋଷଣା ସହିତ ଏଠାରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନର ମଧ୍ୟ ଆବଶ୍ୟକତା ରହିଛି ବୋଲି ଶ୍ରୀଯୁକ୍ତ ପଟ୍ଟନାୟକ ଗଣମାଧ୍ୟମକୁ ଜଣାଇଛନ୍ତି ।

# ବାଛୁରିପଡ଼ାରେ ବାଣଦୋକାନ ନକରିବାକୁ ପୁରୁଣିଆ ସରପଞ୍ଚଙ୍କ ଏତାଲା

ବୈଶିଙ୍ଗା , ୧୧/୧୦ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ବାଛୁରିପଡା ଗ୍ରାମ ଏବେ ବାରୁଦ ଗଦା ଉପରେ ଛିଡା ହୋଇଥିବାର ଅଭିଯୋଗ ହେଉଛି । ପ୍ରତିବର୍ଷ ବେଆଇନ ବାଣ ବିସ୍ଫୋରଣରେ ଜଣେ ଦୁଇ ଜଣ ମୃତ୍ୟୁ ବରଣ କରିଥିବା ଘଟଣା ସମସ୍ତଙ୍କୁ ସ୍ତମ୍ଭୀଭୁତ କରିଛି । ଚଳିତ ବର୍ଷ ଏହି ମାସ ୫ ତାରିଖରେ ଏକ ଭୟଙ୍କର ବାଣ ବିସ୍ଫୋରଣରେ ଗୋଟିଏ ପରିବାରର ଜଣ ସଦସ୍ୟ ଗୁରୁତର ଆହତ ହୋଇଥଲେ । ୬ ତାରିଖ ଦିନ ପରିବାରର ମୁଖ୍ୟ ଅନୀଲ ସାହୁ କଟକ ବଡ ମେଡିକାଲ ରେ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ୩ ଜଣ ଏବେବି ଚିକିତ୍ସାଧୀନ ଅଛନ୍ତି । ପ୍ରତିବର୍ଷ ଏଭଳି ଦୁର୍ଘଟଣାକୁ ଆଖି ଆଗରେ ରଖି ପୁରୁଣିଆ ପଞ୍ଚାୟତ ତରଫରୁ ମାସିକିଆ ବୈଠକ ଗତ ତା ୨୧,୭, ୨୫ରିଖରେ ଅନୁଷ୍ଠିତ ହୋଇଥିଲା ।ଏଥିରେ ସମସ୍ତ ଲୋକପ୍ରତିନିଧି ଙ୍କ ଉପସ୍ଥିତିରେ ଚଳିତ ବର୍ଷ ବାଣ ବ୍ୟବସାୟ କୁ ବନ୍ଦ କରାଯିବା ପାଇଁ ପ୍ରସ୍ତାବ ପାରିତ ହୋଇଥିଲା ଏବଂ ବାଛୁରିପଡ଼ା ଗ୍ରାମ ରେ ଜଣାଇ ଦିଆ ଯାଇଥିଲା । ଏହାକୁ ଭୃକ୍ଷେପ ନ କରି ବାଣ ବ୍ୟବସାୟ ବଢି ଚାଲିଥିଲା ।ତାପରେ ପୁଣି ୫ ତାରିଖରେ ବେଆଇନ ବାଣ ତିଆରି ପାଇଁ ଏକ ଅଘଟଣ ଘଟି ଯାଇଥିଲା । ଏହାକୁ ଦୃଷ୍ଟିରେ ରଖି ପୁରୁଣିଆ ସରପଞ୍ଚ ସୁନ୍ଦର ମୋହନ ସିଂ ଏହି ବାଣ କାରବାର ତଥା ବାଣ ମେଳା ବନ୍ଦ କରିବାକୁ ବୈଶିଙ୍ଗା ଥାନ ରେ ଏତାଲା ଦେବା ସହିତ ଜିଲ୍ଲାପାଳ, ଉପ ଜିଲ୍ଲାପାଳ, ଏସପି, ଅଗ୍ନିଶମ ବିଭାଗ, ବେତନଟୀ ତହସିଲଦାର, ଡିଆଇଜି ବାଲେଶ୍ୱର ଏବଂ ମୁଖ୍ୟମନ୍ତ୍ରୀ ଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଆଗକୁ କୌଣସି ଅଘଟଣ ନଘଟୁ ସେଥିପାଇଁ ନିବେଦନ କରିଛନ୍ତି ।

# ଜଳେଶ୍ୱର ନରେନ୍ଦ୍ର ମୋଦୀ ବିକାଶ ମିଶନ ପକ୍ଷରୁ କର୍ମୀ ସମ୍ମିଳନୀ ଓ ସମ୍ବର୍ଦ୍ଧନା ସଭା




ଜଳେଶ୍ୱର , ୧୧/୧୦ (ନି.ପ୍ର): ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ସ୍ତରୀୟ ନରେନ୍ଦ୍ର ମୋଦୀ ବିକାଶ ମିଶନ ପକ୍ଷରୁ ବ୍ଲକ ସ୍ତରୀୟ କର୍ମୀ ସମ୍ମିଳନୀ ଓ ସମ୍ବର୍ଦ୍ଧନା ସଭା ଜଳେଶ୍ୱର ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ପରିସରରେ ପୂର୍ବାହ୍ନ ୧୧ ଘଟିକାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସାଧାରଣ ସମ୍ପାଦକ ଡକ୍ଟର ସେକ ଅବଦୁଲ ଗନି ହୋସେନଙ୍କ ପୌରହିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ସଭାରେ ନରେନ୍ଦ୍ର ମୋଦି ବିକାଶ ମିଶନର ବାଲେଶ୍ୱର ଜିଲ୍ଲା ବିଭିନ୍ନ ବ୍ଲକର ନୂତନ ଭାବେ ଚୟନ ହୋଇଥିବା କର୍ମକର୍ତ୍ତାକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତରୁ ଜିଲ୍ଲା ପର୍ଯ୍ୟନ୍ତ ମୋଦୀ ବିକାଶ ମିଶନର ବାର୍ତ୍ତା ଘରେ ଘରେ ପହଞ୍ଚାଇବା ପାଇଁ ଡକ୍ଟର ସେକ ଅବଦୁଲ ହୋସେନ କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ ସମ୍ପାଦକ ପ୍ରବୋଧ କୁମାର ରାଉତ, ରାଜ୍ୟ କିଷାନ ମୋର୍ଚ୍ଚା ସଭାପତି ତୁଷାରକାନ୍ତି ଦାସ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ସେକ ନଜିମୁଦ୍ଦିନ, ଜିଲ୍ଲା ସଭାପତି ପାର୍ଥ ସାରଥୀ ଦାସ, ଜଳେଶ୍ୱର ନଗର ସଭାପତି ବିଜୟ କୁମାର ପରିଡ଼ା, ବସ୍ତା ବ୍ଲକ ସଭାପତି ଶିରିଶ ଚନ୍ଦ୍ର ମହାନ୍ତି, ସାଧାରଣ ସମ୍ପାଦକ ଅରବିନ୍ଦ ପ୍ରଧାନ, ମହିଳା ମୋର୍ଚ୍ଚା ସଭାପତି ମମତା ପାତ୍ର, ଜଳେଶ୍ୱର କାର୍ଯ୍ୟକାରୀ ସଭାପତି ସୁଶୀଲ କୁମାର ପ୍ରଧାନ, ଜଳେଶ୍ୱର ବ୍ଲକ ସଭାପତି ନିମାଇଁ ପ୍ରଧାନ, ରାଜ୍ୟ ସଂଖ୍ୟାଲଘୁ ସଭାପତି ସେକ ଅବଦୁଲ ହାକିମ, ପ୍ରମୁଖ ଉପସ୍ଥିତ ରହି ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳ କିପରି ଭାବରେ ସଙ୍ଗଠିତ ହୋଇ ଅଧିକରୁ ଅଧିକ ମଜବୁତ୍ ହେବ ସେ ନେଇ ରଣନୀତି ପ୍ରସ୍ତୁତ କରିଛନ୍ତି ଓ ସରକାରଙ୍କ ଲୋକଭିମୁଖୀ କାର୍ଯ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା।

# ପ୍ରଧାନମନ୍ତ୍ରୀ ଧନ ଧାନ୍ୟ କୃଷି ଯୋଜନା ଏବଂ ଡାଲି ଜାତୀୟ ଫସଲରେ ଆତ୍ମ ନିର୍ଭରତା ମିଶନ ଯୋଜନାର ଶୁଭାରମ୍ଭ



ବାରିପଦା, ୧୧/୧୦ (ନି.ପ୍ର): ଆଜି ଜାତୀୟ କୃଷି ବିଜ୍ଞାନ ପରିସର, ନୂଆଦିଲ୍ଲୀ ଠାରେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ କରକମଳରେ ଦେଶରେ ଦୁଇଟି ନୂତନ ଯୋଜନାର ଶୁଭାରମ୍ଭ ହୋଇଛି। ଏହି କ୍ରମରେ ବାରିପଦା ଠାରେ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାର କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ କୃଷି ବିଜ୍ଞାନ କେନ୍ଦ୍ର, ଶମାଖୁଣ୍ଟାଙ୍କ ମିଳିତ ସହଯୋଗରେ ଆୟୋଜିତ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜିଲ୍ଲାପାଳ ଶ୍ରୀ ହେମ କାନ୍ତ ସୟ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ।
ଏହି ଅବସରରେ ଜିଲ୍ଲାପାଳ କହିଥିଲେ ଯେ ପ୍ରଧାମନ୍ତ୍ରୀ ଧନଧାନ୍ୟ ଯୋଜନା ଆମ ରାଜ୍ୟର ମାଲକାନଗିରି, କନ୍ଧମାଳ, ନୂଆପଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ କାର୍ଯ୍ୟକାରୀ ହେବ । ଏହି ଯୋଜନାର ଉତ୍ପାଦନ ବୃଦ୍ଧି, ଜଳସେଚନ ଅଭିବୃଦ୍ଧି, ଅଣଧାନ ଫସଲର ଅଭିବୃଦ୍ଧି ଏବଂ ସହଜ ଋଣର ସୁବିଧା ଇତ୍ୟାଦି ଏହାର ଲକ୍ଷ୍ୟ ରହି ଅଛି । ଦେଶର ଚାଷୀଙ୍କୁ ଡାଲି ଜାତୀୟ ଫସଲରେ ଆତ୍ମ ନିର୍ଭର କରିବା ଲକ୍ଷ୍ୟରେ ମାନ୍ୟବର ପ୍ରଧାନମନ୍ତ୍ରୀ ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରତା ମିଶନର ଶୁଭାରମ୍ଭ କରିଛନ୍ତି । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ଜ୍ଞାନବଲ୍ଲଭ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ଉପ କୃଷି ନିର୍ଦ୍ଦେଶକ ଶ୍ରୀ ଟଙ୍କ ଧର କାଲୋ ଉପସ୍ଥିତ ରହି ଚାଷୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଶାମାଖୁଣ୍ଟା କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଶ୍ରୀମତୀ ସଂଘମିତ୍ରା ପଟ୍ଟନାୟକ ପରିଚାଳନା କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଧୁସ୍ମିତା ଜେନା, ସହକାରୀ କୃଷି ନିର୍ଦ୍ଦେଶକ, ରମ୍ୟରଞ୍ଜନ ମହାନ୍ତ, ଅର୍ଚ୍ଚନା ବଳା, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଝୁନିଲତା ଭୂୟାଁ, ପ୍ଲାବିତା ରାୟ, ଗୋବିନ୍ଦ ଚନ୍ଦ୍ର ଧଳ ପରିଚାଳନାରେ ସହଯୋଗ କରିଥିବା ବେଳେ କାନ୍ତା ପୁଥାଲ, ସରୋଜ ଦାସ, ମାନସ ରଞ୍ଜନ ମହାନ୍ତି, ରାଜାରାମ ସାହୁ, ସିଦ୍ଧାର୍ଥ ଦାସ, ତୁଷାର ମହାନ୍ତି ଏବଂ ଅନ୍ୟ କର୍ମଚାରୀଙ୍କ ସହଯୋଗରେ ସୁଚାରୁ ରୂପେ ସମ୍ପାଦିତ ହୋଇଥିଲା । ଜିଲ୍ଲାର ବିଭିନ୍ନ ବ୍ଲକ୍ ରୁ ୨୦୦ ଚାଷୀ ଯୋଗ ଦେଇ ନୂତନ ଯୋଜନା ସମ୍ପର୍କିତ ସୂଚନା ପ୍ରାପ୍ତ କରିଥିଲେ।

# ନୂଆ ଓଡ଼ିଆ ଚଳଚ୍ଚିତ୍ର 'ବାସ୍ତବ' ର ମୁକ୍ତିଲାଭ ତାରିଖ ଘୋଷଣାକୁ ନେଇ ସାମ୍ବାଦିକ ସମ୍ମିଳନୀ: ୧୮ ଅକ୍ଟୋବରରେ ମୁକ୍ତିଲାଭ



ଭୁବନେଶ୍ୱର, ୧୧/୧୦ (ନି.ପ୍ର): ବନସ୍ୱର୍ଣ୍ଣ ଟେଲିଭିଜନ ଦ୍ୱାରା ପ୍ରଯୋଜିତ ତଥା ଏଲଟି ପ୍ରଡ଼କସନ ସହଭାଗିତାରେ ପ୍ରସ୍ତୁତ ହୋଇଥିବା ନୂଆ ଓଡ଼ିଆ ଚଳଚ୍ଚିତ୍ର 'ବାସ୍ତବ'ର ସମସ୍ତ ସୁଟିଂ ଶେଷ ହେବା ପରେ ଏହାର ମୁକ୍ତିଲାଭ ତାରିଖ ଘୋଷଣାକୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି କ୍ଷ ଆସନ୍ତା ୧୮ ଅକ୍ଟୋବରରେ ବାସ୍ତବ ଚଳଚ୍ଚିତ୍ର ମୁକ୍ତିଲାଭ କରିବ । ଏହି ଅବସରରେ ଚଳଚ୍ଚିତ୍ରର ପ୍ରଯୋଜକ ଡକ୍ଟର ବଦ୍ରୀନାଥ ପଟ୍ଟନାୟକ, ନିର୍ଦ୍ଦେଶକ ଲୁବୁନ ଟୁବୁନ, ପ୍ରଚାର ଓ ପ୍ରସାର ମୁଖ୍ୟ ମିଡ଼ିଆ ପ୍ଲାନର ହେଡ଼ ପ୍ରଣୟ ଜେଠୀ, ସିନେ ପ୍ରଯୋଜକ ତଥା ଓଡିଶା ଫିଲ୍ମ ବିତରକ ସଂଘର ସମ୍ପାଦକ ସଚ୍ଚିକାନ୍ତ ଜେନା, ଅଭିନେତା ରବି ମିଶ୍ର, ଅଭିନେତା, ଅଭିନେତ୍ରୀ ଅଙ୍କିତା ଦାଶ, ମିଟୁ ମିଥୁନ, ଡିଓପି କାହ୍ନୁ ନନ୍ଦ ଶୁଭମ, ସଙ୍ଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ଦାଶ, ସିନେ ପ୍ରଯୋଜକ ସଚ୍ଚିକାନ୍ତ ଜେନା, ପ୍ରମୁଖ ଯୋଗଦେଇଥିଲେ। ବାସ୍ତବ ଏକ ସସ୍ପେନ୍ସ, ଥ୍ରୀଲର ତଥା ପାରିବାରିକ କାହାଣୀ ଆଧାରିତ ଚଳଚ୍ଚିତ୍ର । କାହାଣୀ, ଚିତ୍ରନାଟ୍ୟ ଏବଂ ନିର୍ଦ୍ଦେଶନା ଦେଇଛନ୍ତି ଲୁବୁନ ଟୁବୁନ । ସଂଳାପ ରଚନା କରିଛନ୍ତି ସଞ୍ଜୟ ମହାକୁଳ । ସହ ପ୍ରଯୋଜନା କରିଛନ୍ତି ନିବେଦିତା ପଟ୍ଟନାୟକ । ଅରୁଣ ମନ୍ତ୍ରୀ, ନିହାର ପ୍ରିୟାଶୀଷ ଏବଂ ବିକୁ ବାବୁ ରଚନା କରିଥିବା ଗୀତଗୁଡିକର ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ବୈଦ୍ୟନାଥ ଦାଶ । ମୋଣ୍ଟାଜ ଗୀତ ଜ୍ଞାନ ବେହେରା କରିଛନ୍ତି । ହ୍ୟୁମାନ ସାଗର ଏବଂ ଅନ୍ତରୀକ୍ଷା ନାୟକ କଣ୍ଠଦାନ କରିଛନ୍ତି । ସମସ୍ତ ଗୀତର ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଲୁବୁନ ଟୁବୁନ । କାହ୍ନୁ ନନ୍ଦ ଶୁଭମ ଚିତ୍ରଗ୍ରହଣ ଦାୟିତ୍ୱ ତୁଲାଇଛନ୍ତି ଏବଂ ପିଣ୍ଟୁ ନାୟକ ସମ୍ପାଦନା କରିଛନ୍ତି । ଫାଇଟ୍ ନିର୍ଦ୍ଦେଶନା ଦେଇଛନ୍ତି ବିଜୟ ବଳ । ତୁଷାର ବେଦୀ, ଅଙ୍କିତା ଦାଶ, ରବି ମିଶ୍ର, ଅଭିଜିତ ଦାଶ, ଭୂପତି ତ୍ରିପାଠୀ, ପ୍ରଭାତୀ ସାହୁ, ଅଭିଷେକ, ଲୁଲୁ ଆଚାର୍ଯ୍ୟ, ମଧୁସ୍ମିତା, ଅମର, ମିଟୁ ମିଥୁନ, ସୋନାଲି, ବିଜୟ, ଆକାଶ, ପୂଜା, ସ୍ମିତା, ମନୋଜ ସାହୁ, ଶକ୍ତି ଏବଂ ସୂର୍ଯ୍ୟ ଭଳି ଅନେକ କଳାକାର ବାସ୍ତବ ଚଳଚ୍ଚିତ୍ରରେ ନିଜର ଅଭିନୟର ପରାକାଷ୍ଠା ଦେଖାଇଛନ୍ତି ।

# ବେତଡାରେ ଲକ୍ଷ୍ମୀପୂଜା ମହାସମାରୋହରେ ଅନୁଷ୍ଠିତ



ବାସୁଦେବପୁର, ୧୧/୧୦ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବେତଡ଼ା ବଜାରରେ ଗଜଲକ୍ଷ୍ମୀ ପୂଜା ସମଗ୍ର ଓଡ଼ିଶାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। କେବଳ ଭଦ୍ରକ ଜିଲ୍ଲା ନୁହେଁ ବିଭିନ୍ନ ଜିଲ୍ଲାରୁ ଏହି ପୂଜା ଓ ମେଳା ଦେଖିବା ପାଇଁ ଜନ ସାଧାରଣ ଆସିଥାନ୍ତି। ଏହି ଲକ୍ଷ୍ମୀ ପୂଜା ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ସର୍ବ ପୁରାତନ ଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଲକ୍ଷ୍ମୀ ପୂଜା ପାଳିତ ହୋଇ ଯାଇଛି। ବର୍ତ୍ତମାନ ଏହି ପୁରାତନ କମିଟିର ସଭାପତି ଅଛନ୍ତି ବାସୁଦେବପୁର ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ। ସମ୍ପାଦକ ପଦବୀରେ ଅଛନ୍ତି ଶିକ୍ଷାବିତ୍ ସୁରେନ୍ଦ୍ର ପ୍ରସାଦ ବେଜ। ଉପ ସଭାପତି କୃପାସିନ୍ଧୁ ବେହେରା ଓ ସଦସ୍ୟ ଅଛନ୍ତି ଅକ୍ଷୟ ଚଣ୍ଡକ୍,ରତିକାନ୍ତ ମହାନ୍ତି, ସୁରେଶ ଖଣ୍ଡେଲୱାଲ, ସୁରେନ୍ଦ୍ର ଦାସ, ସୂର୍ଯ୍ୟକାନ୍ତ ସେଠି, ଅମିୟ ଭୂଷଣ ମହାନ୍ତି, ଗୋପବନ୍ଧୁ ପଣ୍ଡା, ନାରାୟଣ ବେହେରା, ଶରତ ପଣ୍ଡା,ମାଧବାନନ୍ଦ ମହାନ୍ତି ଓ ଅନ୍ୟାନ୍ୟ ସଦସ୍ୟ ରହିଛନ୍ତି। ୧୯୪୭ ମସିହା ଠାରୁ ଏହି ସର୍ବ ପୁରାତନ କମିଟିର ପୂଜା ଆରମ୍ଭ ହୋଇ ଆଜି ପର୍ଯ୍ୟନ୍ତ ଚାଲିଛି। ୭୮ ବର୍ଷ ଶେଷ ହୋଇ ଏହି ପୂଜା ୭୯ ବର୍ଷରେ ପଦାର୍ପଣ କରିଛି। ମାର୍ବଲ ପଥରରେ ମାଆ ଲକ୍ଷ୍ମୀଙ୍କର ମୂର୍ତ୍ତି ଏଠାରେ ପୂଜା ପାଉଛନ୍ତି। ବ୍ରାହ୍ମଣ ପୁରୋହିତ ଙ୍କ ଦ୍ୱାରା ମନ୍ତ୍ର ପାଠ ଓ ପୂଜା ପଦ୍ଧତି ନୀତି କାନ୍ତି ଅନୁସାରେ ଚାଲିଛି। ଖୁବ୍ ଆକର୍ଷଣୀୟ ସାଜସଜ୍ଜାରେ ଏହି ଲକ୍ଷ୍ମୀ ପୂଜା ରେ ସମସ୍ତେ ହଜାର ହଜାର ସଂଖ୍ୟାରେ ମନ୍ତ୍ର ମୁଗ୍ଧ ହେଉଛନ୍ତି। ସେହିପରି କଚେରି ବଜାର ପଡ଼ିଆରେ ଲକ୍ଷ୍ମୀ ପୂଜା ପାଳିତ ହୋଇ ଯାଇଛି। ଏହି ପୂଜା କମିଟିରେ ସମ୍ପାଦକ ଅଛନ୍ତି ବୈକୁଣ୍ଠ ପାକଳ ଓ ସମ୍ପାଦକ ଅଛନ୍ତି ଶରତ କୁମାର ମହନି। ସେହିପରି ଗୋରୁ ହାଟ ପୂଜା କମିଟିର ପୂଜା ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି କମିଟିରେ ସଭାପତି ଅଛନ୍ତି ରାଜେନ୍ଦ୍ର କୁମାର ସାହୁ ଓ ସମ୍ପାଦକ ଅଛନ୍ତି ମନ୍ମଥ ନାୟକ। ସେହିପରି ହାଇସ୍କୁଲ ଛକ ପୂଜା କମିଟି ପକ୍ଷରୁ ଲକ୍ଷ୍ମୀ ପୂଜା ପାଳିତ ହୋଇ ଯାଇଛି। ଏହି କମିଟି ରେ ସଭାପତି ଅଛନ୍ତି ଗୋବିନ୍ଦ ଚନ୍ଦ୍ର ମଲ୍ଲିକ ଓ ସମ୍ପାଦକ ଅଛନ୍ତି ଭଗବାନ ପଣ୍ଡା। ସେହିପରି ଅନ୍ୟାନ୍ୟ ପୂଜା କମିଟି ପକ୍ଷରୁ ଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ଓଡ଼ିଶାର ବହୁ ବଡ ବଡ ଯାତ୍ରା ପାର୍ଟି ସଂସ୍ଥା ଏଠାରେ ନାଟକ ପରିବେଷଣ କରୁଛନ୍ତି। ଯାତ୍ରାଶ୍ରୀ ବିଶ୍ୱ ଦରବାର, ଅପେରା ସୂର୍ଯ୍ୟ ମନ୍ଦିର ଓ ଯାତ୍ରା ସିଂହ ବାହିନୀ ଖୁବ୍ ସୁନ୍ଦର ଓ ମନଛୁଆଁ ନାଟକ ପରିବେଷଣ କରିବେ ବୋଲି ବିଶେଷ ସୁତ୍ରରୁ ଜଣା ପଡ଼ିଛି। ଶହ ଶହ ଦୋକାନ ବଜାର ଓ ମେଳା ମହୋତ୍ସବ ରେ ଏହି ଲକ୍ଷ୍ମୀ ପୂଜାର ସୁନ୍ଦର ପରିବେଶ ପ୍ରକମ୍ପିତ ହେଉଛି। ବାସୁଦେବପୁର ପୋଲିସ୍ ପ୍ରଶାସନ ପକ୍ଷରୁ ବାସୁଦେବପୁର ଥାନା ଅଧିକାରୀ ଲୋପାମୁଦ୍ରା ନାୟକ ଓ ସମସ୍ତ ପୋଲିସ୍ ଭାଇ ଭଉଣୀଙ୍କ ଦ୍ୱାରା ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଛି।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ବ୍ଲକସ୍ତରିୟ ବିଜ୍ଞାନ ମେଳା

ବସ୍ତା ୧୧/୧୦(ନିପ୍ର): ବସ୍ତା ବ୍ଲକ ଅନ୍ତର୍ଗତ ଭେଲୋରା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବ୍ଲକ ସ୍ତରୀୟ ବିଜ୍ଞାନ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀ ମାନେ'କ୍ୱାଣ୍ଟମ୍ ଯୁଗ ଓ ଏହାର ଚ୍ୟାଲେଞ୍ଜ' ବିଷୟବସ୍ତୁ ଉପରେ ବିଭିନ୍ନ ପ୍ରୋଜେକ୍ଟ ଉପରେ ଉପସ୍ଥାପନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷା ମଞ୍ଜୁଷା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାକାର୍ଯ୍ୟ ରେ ମୁଖ୍ୟ ଅତିଥି ଭାବେ ବସ୍ତା ଏବିଇଓ ବାସନ୍ତୀ ପୁଷ୍ଟି,ମୁଖ୍ୟ ବକ୍ତା ଭାବେ ବ୍ଲକ ବିଜ୍ଞାନ ସଂଯୋଜକ ସନ୍ତୋଷ କୁମାର ସାହୁ,ବରେଣ୍ୟ ଅତିଥି ତଥା ବିଚାରକ ଭାବେ ଓଷ୍ଟାର ପ୍ରାକ୍ତନ ସମ୍ପାଦକ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଦୁର୍ଗାରାଣୀ ଜେନା,ସ୍ଥାନୀୟ ସମିତି ସଭ୍ୟ ଅନାଦି ଦାସ, ଅନ୍ୟତମ ସମ୍ମାନିତ ଅତିଥି ତଥା ବିଚାରକ ଭାବେ ଶିକ୍ଷକ ଅଞ୍ଜନ କୁମାର ପ୍ରଧାନ,ଭେଲୋରା ସିଆରସିସି ଗଣେଶ ଚନ୍ଦ୍ର ଜେନା ଓ ପିଟିଏ କମିଟି ସଭାପତି ଅଞ୍ଜ କୁମାର ଦାସ ପ୍ରମୁଖ ଯୋଗଦେଇ ଆଲୋଚ୍ୟ ବିଷୟ ବସ୍ତୁ ଉପରେ ଆଲୋକପାତ କରିବା ସହ କୁନି ବୈଜ୍ଞାନିକ ମାନଙ୍କୁ ଉତ୍ସାହିତ କରିଥିଲେ। ଆଜିର ଆଲୋଚନା ଚକ୍ର ରେ ମଧୁସ୍ମିତା ଦାସ ପ୍ରଥମ,ଶୁଭମ କୁମାର ସାହୁ ଦ୍ୱିତୀୟ ଓ ସାଇସ୍ମିତା ଦାସ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସଭା କାର୍ଯ୍ୟକ୍ରମରେ




ସିଆରସିସି ଗଣେଶ ଚନ୍ଦ୍ର ଜେନା ମଞ୍ଚ ଆହ୍ୱାନ କରିଥିବା ବେଳେ ସଂଗୀତ ଶିକ୍ଷୟିତ୍ରୀ ଗୀତାଞ୍ଜଳି କର ସ୍ୱାଗତ ସଂଗୀତ ଓ ନୃତ୍ୟ ପରିବେଷଣରେ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ମାନସ ଖଟୁଆ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଭଦ୍ରକରେ ସଂସ୍କୃତ ମହୋତ୍ସବ ଉଦ୍‌ଘାଟିତ



ଭଦ୍ରକ , ୧୧/୧୦ (ନି.ପ୍ର): ଭଦ୍ରକସ୍ଥିତ ସହିଦସ୍ମୃତି ଭବନ ଠାରେ ସଂସ୍କୃତ ମହାସମାବେଶର ସ୍ୱାଗତ ସମିତିର ଅଧ୍ୟକ୍ଷ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ମହା ସମ୍ମେଳନକୁ ଆନୁଷ୍ଠାନିକ ଭାବେ ପରମପୂଜନୀୟ ବାବା ବଳିଆ ଉଦ୍‌ଘାଟନ କରି ଆଶୀର୍ବଚନ ପ୍ରଦାନ କରିବା ସଂଗେ ସଂଗେ ପରିବେଶ ସୁରକ୍ଷା ଓ ଗୋମାତା ସେବା ସଂପର୍କରେ ଆଲୋପକାତ କରିଥିଲେ । ପ୍ରାରମ୍ଭରେ ପଣ୍ଡିତ ଦୟାନିଧି ଦାଶ ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିବା ବେଳେ ମୁଖ୍ୟ ଅତିଥି ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମୁଖ୍ୟ ବକ୍ତା ପ୍ରଫେସର ହରେକୃଷ୍ଣ ଶତପଥୀ, ସମ୍ମାନିତ ଅତିଥି ଡ଼ଃ ନରେଶ ଚନ୍ଦ୍ର ଦାସ, ପଣ୍ଡିତ ଭାଗୀରଥି ନନ୍ଦଶର୍ମା, ପଣ୍ଡିତ ଭୂପତି ଭୂଷଣ ମିଶ୍ର ଓ ସଞ୍ଜୟ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ସଂସ୍କୃତ ଅନୁଷ୍ଠାନମାନଙ୍କର ସମସ୍ୟା ତଥା ସଂସ୍କୃତ ଭାଷାର ପ୍ରଚାର ତଥା ବିଶ୍ୱକୁ ଗୋଟିଏ ସୂତ୍ରରେ ବାନ୍ଧି ରଖିବା ପାଇଁ ଏକମାତ୍ର ଭାଷା ସଂସ୍କୃତ ବୋଲି ଆଲୋକପାତ କରିଥିଲେ । ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ବିଦ୍ୱାନ୍ ପଣ୍ଡିତମାନଙ୍କୁ ସମ୍ମାନିତ କରାଯାଇଥିଲା । ମହା ସମ୍ମେଳନରେ ସନ୍ତାଷ କୁମାର ହୋତା, ପଣ୍ଡିତ ଦୈତ୍ୟାରି ଦୀକ୍ଷିତ, ଡ଼. କୁମାର ଚନ୍ଦ୍ର ମିଶ୍ର, ରମାକାନ୍ତ କର, ରାଧାକାନ୍ତ ଦୀକ୍ଷିତ, ପଣ୍ଡିତ ନିତ୍ୟାନନ୍ଦ ମିଶ୍ର, ଗୋପାଳକୃଷ୍ଣ ପାଢ଼ୀ, ଡ଼ଃ ବସନ୍ତ କୁମାର ମିଶ୍ର, ଡ଼ଃ ହେମନ୍ତ କୁମାର ମୁଦୁଲି ଓ ହରେକୃଷ୍ଣ ପାଣିଗ୍ରାହୀ ପ୍ରମୁଖ ସଭାରେ ଯୋଗ ଦେଇଥିବା ବେଳେ ମହାସମାବେଶର ସମ୍ପାଦକ ଡ଼ଃ ନିତ୍ୟାନନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଲେଶ୍ୱରରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ:୨୦୨୫ପାଳିତ



ବାଲେଶ୍ୱର , ୧୧/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନୂତନ ଅଡିଟରୀୟମ ଠାରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ -୨୦୨୫ ପାଳିତ ହୋଇଯାଇଛି। ଏହି ଆନ୍ତର୍ଜାତୀୟ ଦିବସ ପାଳନ ଅବସରରେ ବାଲେଶ୍ୱର ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀଯୁକ୍ତ ନାରାୟଣ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ଜିଲ୍ଲାର ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ( ଜିଲ୍ଲା ପରିଷଦ) ଡ: ମଧୁସ୍ମିତା ସାମନ୍ତରାୟ, ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀଯୁକ୍ତ ବସନ୍ତ କୁମାର ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମତୀ ପ୍ରତିଭା ବେହେରା, ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ ଶ୍ରୀମତୀ ଜ୍ୟୋସ୍ନା ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ଖୁସିରାମ ଗୋହର, ସୁରକ୍ଷା ଅଧିକାରୀ ଶ୍ରୀମତୀ ଯୁଥିକା ରାୟ, ପ୍ରୋଗ୍ରାମ ଅଫିସର ସ୍ୱପ୍ନା ପ୍ରହରାଜ, ସହକାରୀ ଜିଲ୍ଲାପାଳ ଶ୍ରୀମତୀ ଅସ୍ମିତା ଦାସ ଏବଂ ଡ଼ା: ପରେଶ୍ ଚନ୍ଦ୍ର ନନ୍ଦୀ ଯୋଗ ଦେଇଥିଲେ।ପ୍ରାରମ୍ଭରେ ମୁଖ୍ୟ ଅତିଥି ସମେତ ସମସ୍ତ ଅତିଥି ଗଣ ଜଗନ୍ନାଥଙ୍କ ନିକଟରେ ଧୂପ, ଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ଏହି ଜାତୀୟ ଦିବସ ପାଳନ ଅବସରରେ ବାଲେଶ୍ୱର ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ ଶ୍ରୀମତୀ ଜ୍ୟୋସ୍ନା ମହାନ୍ତି କନ୍ୟା ସନ୍ତାନର ଆବଶ୍ୟକତା, ଉପାଦେୟତା ଏବଂ ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସଂକ୍ଷିପ୍ତ ବକ୍ତବ୍ୟ ରଖିଥିଲେ। ପରେ ପରେ ମୁଖ୍ୟ ଅତିଥି ସମେତ ସମସ୍ତ ଅତିଥି ଗଣ କନ୍ୟା ସନ୍ତାନ ଦିବସ ଗତ ୨୦୦୮ ମସିହା ଜାନୁଆରୀ ୨୪ତାରିଖରୁ ଜାତୀୟ ସ୍ତରରେ ପାଳନକୁ ପରିବର୍ତ୍ତନ ହୋଇ ଏହାକୁ ଆନ୍ତର୍ଜାତୀୟ ସ୍ତରରେ ୨୦୧୨ମସିହା ଠାରୁ ଅକ୍ଟୋବର ୧୧କୁ ପାଳନ କରାଯାଇ ଆସୁଥିବା ସମ୍ପର୍କରେ ଅବଗତ କରିଥିଲେ। କନ୍ୟା ସନ୍ତାନଟି ଜାୟା,ଜନନୀ ଓ ଭଗିନୀ ରୂପେ ସମାଜରେ ସୁସ୍ଥ ରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଏହି କନ୍ୟା ସନ୍ତାନ ଅଲୋଡ଼ା ନୁହେଁ ରାଷ୍ଟ୍ର ଗଠନରେ ତାଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ବ୍ୟକ୍ତ କରିବା ସହିତ କନ୍ୟା ସନ୍ତାନ ସୁରକ୍ଷା,ସ୍ୱାସ୍ଥ୍ୟ,ଶିକ୍ଷା ପ୍ରତି ସଚେତନ କରାଇବା ପାଇଁ ସରକାରଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ସାମାଜିକ ସୁରକ୍ଷା ବ୍ୟବସ୍ଥା ପ୍ରସଙ୍ଗରେ ଆଲୋକପାତ କରିଥିଲେ।ଏହି ଜାତୀୟ ଦିବସ ପାଳନ ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବ୍ଲକ ରୁ ଆଶା କର୍ମୀ, ଅଙ୍ଗନୱାଡ଼ି କର୍ମୀ, କିଶୋରୀ ବାଳିକା ଯୋଗ ଦେଇଥିଲେ ଶେଷରେ ଜିଲ୍ଲା ପ୍ରକଳ୍ପ ସଂଯୋଜକ ଶ୍ରୀଯୁକ୍ତ ବାମଦେବ ପାଣଗ୍ରାହୀ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ରାଇକମା ଆଶ୍ରମ ବିଦ୍ୟାଳୟରେ ଶିଶୁ ବାଳିକା ଦିବସ ପାଳିତ



ବୈଶିଙ୍ଗା , ୧୧/୧୦ (ନି.ପ୍ର): ପ୍ରଧାନମନ୍ତ୍ରୀ ଙ୍କ ନାରା 'ବେଟି ବଚାଓ ବେଟି ପଢ଼ାଓ'କୁ ସଫଳ ରୂପାୟନ କରିବା ପାଇଁ ଆଜିର ଶିଶୁ ବାଳିକା ଦିବସ ଅତ୍ୟନ୍ତ ତାତ୍ପର୍ଯ୍ୟ ପୂର୍ଣ୍ଣ ଅଟେ । ଏହାକୁ ଭିତ୍ତି କରି ଆଜି ରାଜକମା ଆଶ୍ରମ ବିଦ୍ୟାଳୟରେ ଅନ୍ତର୍ଜାତୀୟ ଶିଶୁ ବାଳିକା ଦିବସ ଅତ୍ୟନ୍ତ ଉତ୍ସାହର ସହିତ ଅନୁଷ୍ଠିତ ହୋଇଛି । ପ୍ରଧାନ ଶିକ୍ଷକ ରଜତ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ସଭାରେ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରକାର ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ସମସ୍ତ ଶିକ୍ଷିକା ତଥା ଛାତ୍ରଛାତ୍ରୀ ' ସମୃଦ୍ଧ ଓଡିଶା ଗଠନରେ ଛାତ୍ରୀମାନଙ୍କର ଭୂମିକା' ଶୀର୍ଷକ ଉପରେ ହୋଇଥିବା ଆଲୋଚନାଚକ୍ରରେ ନିଜନିଜର ମତ ରଖିଥିଲେ । ଶେଷରେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ସମସ୍ତ ସହକାରୀ ଶିକ୍ଷିକା, କର୍ମଚାରୀ ସଭାକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

# ଦେଉଳିଆପାଟଣା ଆଶ୍ରମରେ ଗୁଳିକାଣ୍ଡ ମାମଲା ଘଟଣାରେ ୩ ଅଟକ

ଭୁବନେଶ୍ୱର, ୧୧/୧୦ (ନି.ପ୍ର): ଇନଫୋଭ୍ୟାଲି ଥାନା ଦେଉଳିଆପାଟଣା ରେ ଆଶ୍ରମ ରେ ଗୁଳିକାଣ୍ଡ ମାମଲା ଘଟଣାରେ ୩ଜଣଙ୍କୁ ଅଟକ ରଖି ପୋଲିସ ଛାନବିନ କରୁଛି । ଏହା ସହ ଗୁଳିକାଣ୍ଡ ରେ ବ୍ୟବହୃତ ବନ୍ଧୁକ କୁ ପୋଲିସ ଜବତ କରିଥିବା ସୂଚନା ମିଳିଛି । ମିଳିଥିବା ସୂଚନା ଅନୁସାରେ ପୂର୍ବ ଶତ୍ରୁତା କୁ ନେଇ ଆଶ୍ରମ ର ବାବାଙ୍କୁ ରାସ୍ତା ରୁ ହଟାଇବାକୁ ଯୋଜନା ହୋଇଥିଲା । ହେଲେ ବାବା ଖସି ଯାଇଥିଲେ । ଆଶ୍ରମର ଅନ୍ୟ କର୍ମଚାରୀ ଙ୍କ ଦେହରେ ଗୁଳି ବାଜିଥିଲା । ଅନ୍ୟ ଅଭିଯୁକ୍ତ ମାନେ ଫେରାର ଅଛନ୍ତି । ସେମାନଙ୍କୁ ଧରିବା ପାଇଁ ଇନଫୋଭ୍ୟାଲି ପୋଲିସ ଓ ସ୍ପେଶାଲ ସ୍କ୍ୱାର୍ଡ ଟିମ ଖୋଜ ତାଡ଼ କରୁଥିବା ଜଣା ପଡିଛି ।

# ଖଇରାକୁ ଏନଏସି ଘୋଷଣା ପ୍ରସଙ୍ଗ: ଫୋନରେ ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ଗଣଧାରଣା ସ୍ଥଗିତ

ଖଇରା, ୧୧/୧୦ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ସହର ଏନଏସି ତାଲିକାରୁ ବାଦ ପଡିବା ପରେ ଖଇରାର ସମସ୍ତ ସଙ୍ଗଠନ ସ୍ୱାଭିମାନ ମଞ୍ଚ ବ୍ୟାନର ରେ ସେପ୍ଟେମ୍ବର ୧୫ ତାରିଖରୁ ଗଣଧାରଣାରେ ବସି ରହିଥିଲେ । ଶନିବାର ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଫୋନ ମାଧ୍ୟମରେ ଖଇରା କୁ କିଭଳି ଏନଏସି ତାଲିକାରେ ସାମିଲ କରାଯିବ ସେକଥା ସେ ବୁଝିବେ ବୋଲି ମଞ୍ଚକୁ ପ୍ରତିଶୃତି ଦେବା ପରେ ଏବଂ ଅତିରିକ୍ତ ଜିଲାପାଳ ସୁଧାକର ନାୟକ ଧାରଣାସ୍ଥଳକୁ ଆସି ଏ ସମ୍ପର୍କରେ ଆଲୋଚନା କରିବା ପରେ ଗଣଧାରଣା ଅସ୍ଥାୟୀ ଭାବେ ସ୍ଥଗିତ ରଖାଯାଇଛି। ଏ ସମ୍ପର୍କରେ ସାମ୍ବାଦିକ ମାନେ ଅତିରିକ୍ତ ଜିଲାପାଳଙ୍କ ମତାମତ ନେବାରେ ଏନଏସି




ମାନଦଣ୍ଡ ଆଧାରରେ ଆଉ ଥରେ କାଗଜପତ୍ର ପ୍ରସ୍ତୁତ କରି ପଠାଇବା ପାଇଁ ନିର୍ଦ୍ଦେଶ ଆସିଛି । ଖଇରା ରେ ମେଡିକାଲ, କୋର୍ଟ, ତହସିଲ ରହିବା ସହ ଏନଏସି ପାଇଁ ସବୁ ପ୍ରକାର ଭିତ୍ତିଭୂମି ରହିଛି । ଯଥାଶୀଘ୍ର ଖଇରାକୁ ଏନଏସି ମାନ୍ୟତା ପ୍ରଦାନ କରାଯିବା ବୋଲି କହିଛନ୍ତି । ପୂର୍ବରୁ ବିଜେଡି ସରକାର ସମୟରେ ୫୭ଟି ସହରକୁ ଏନଏସି ଭାବେ ଘୋଷଣା କରାଯାଇଥିବା ବେଳେ ଏଥିରେ ଖଇରାର ନାମ ମଧ୍ୟ ଥିଲା । ହେଲେ ନୂତନ ଭାବେ ଭାଜପା ସରକାର ଏହି ଘୋଷଣାନାମାକୁ ରଦ୍ଦ କରିବା ସହ ନୂତନ ଭାବେ ୩ ପର୍ଯ୍ୟାୟରେ ୩୦ଟି ସହରକୁ ଏନଏସି ଘୋଷଣା କରାଯାଇଥିବା ବେଳେ ଏଥିରୁ ଖଇରା ବାଦ ପଡିଥିଲା । ପ୍ରତିବାଦରେ ସ୍ୱାଭିମାନ ସଦସ୍ୟ ମାନେ ଖଇରାକୁ ଏନଏସି ଘୋଷଣା ଦାବିରେ ଧାରଣାରେ ବସି ରହିଥିଲେ । ଆଲୋଚନାରେ ଅତିରିକ୍ତ ତହସିଲଦାର ଗଦାଧର ସେଠୀ ଉପସ୍ଥିତ ଥିଲେ ।

# ଅସୁରକ୍ଷିତ କୁଳଡିହା: ପୁଣି ଏକ ଦନ୍ତାହାତୀର ମୃତଦେହ ଠାବ

ନୀଳଗିରି , ୧୧/୧୦ (ନି.ପ୍ର): ସାରା ଭାରତବର୍ଷରେ ହାତୀ ଅଭୟାରଣ୍ୟ ପାଇଁ ବେଶ୍ ନାଁ ରହିଛି କୁଳଡିହା ଅଭୟାରଣ୍ୟ। ମାତ୍ର ଦିନକୁଦିନ ହାତୀମୃତ୍ୟୁ ପାଇଁ ନିନ୍ଦିତହୋଇ ପଡ଼ିଛି ଏହି ଅଭୟାରଣ୍ୟ। ଏହି ଅଭୟାରଣ୍ୟ ପାଇଁ ସ୍ୱତନ୍ତ୍ରବିଭାଗ କରାଯାଇ ରେଞ୍ଜଅଧିକାରୀ ଠାରୁ କର୍ମଚାରୀ ନିଯୁକ୍ତି ପାଇଛନ୍ତି। ମାତ୍ର ବିଭାଗର ଅବହେଳା ପାଇଁ ହେଉ କିମ୍ବା ଶିକାରୀଙ୍କ ଲଲୁପ ଦୃଷ୍ଟିପାଇଁ ହେଉ ବର୍ଷର ଅଧିକାଂଶ ସମୟରେ ଅଭୟାରଣ୍ୟର ଜୀବଜନ୍ତୁ ଠାରୁ ଆରମ୍ଭକରି ବିଶାଳକାୟ ହାତୀଙ୍କର ମୃତ୍ୟୁ ହୋଇଚାଲିଛି। କିଛିଦିନ ପୂର୍ବରୁ ହାତୀଦାନ୍ତ ତସ୍କରି ଏବଂ ଶିକାରୀଙ୍କ ସଂପୃକ୍ତିନେଇ ସାରାରାଜ୍ୟରେ ରାଜନୈତିକ ତୁମ୍ଭିତୁଫାନ ଦେଖାଦେଇଥିଲା। ତେବେ ପୁଣି ଶନିବାର ଅଭୟାରଣ୍ୟ ପାଦଦେଶ ତେଣ୍ଡାବିଟ୍ ଅଧୀନ ଆମ୍ବଝର ନିକଟ ଧାନବିଲରେ ଏକ ଦନ୍ତାହାତୀ ମରି ପଡିଥିବାର ସ୍ଥାନୀୟଲୋକ ଦେଖି ବନବିଭାଗକୁ ଖବର ଦେଇଥିଲେ। ଖବରପାଇ ବାଲେଶ୍ୱର ଡିଏଫଓ ପ୍ରଫୁଲ୍ଲ କୁମାର ମଲ୍ଲିକ, କୁଳଡିହା ରେଞ୍ଜ ଅଧିକାରୀ ସୁବ୍ରତ କୁମାର ବେହେରା ଏବଂ ବନକର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ କରିଥିଲେ ହେଁ ହାତୀମୃତ୍ୟୁର ସଠିକ୍ ତଥ୍ୟ ମିଳିପାରିନାହିଁ। ତେବେ ହାତୀର ସାଧାରଣ ମୃତ୍ୟୁ ହୋଇନଥିବା ଅଞ୍ଚଳବାସୀ ସନ୍ଦେହ କରିଥିବା ବେଳେ ଦାନ୍ତ ଉଦ୍ଦେଶ୍ୟରେ ଶିକାରୀ ଶିକାର କରିଥିବା ଅଭିଯୋଗ ଉଠିଛି। ଘଟଣାସ୍ଥଳକୁ ସ୍ଥାନୀୟଲୋକ କିମ୍ବା ଗଣମାଧ୍ୟମକୁ ବାରଣ କରାଯାଇଥିବା ବେଳେ ବିଭାଗର କାର୍ଯ୍ୟକଳାପ ସନ୍ଦେହ ଘେରକୁ ଆସିଛି। ବନବିଭାଗର ପେଟ୍ରୋଲିଂ ସଠିକ୍ ଢଙ୍ଗରେ ହେଉନଥିବା ଅଭିଯୋଗ ଆସିଥିବା ବେଳେ ଶିକାରୀଙ୍କ ସହିତ ବନବିଭାଗ କର୍ମଚାରୀଙ୍କ ସଂପୃକ୍ତିକୁ ନେଇ ମଧ୍ୟ ଆଲୋଚନା ହେଉଥିବା ଶୁଣିବାକୁ ମିଳିଛି। ତେବେ ହାତୀବଂଶ ଲୋପପାଇବା ପୂର୍ବରୁ ସରକାର ଏବଂ ବିଭାଗ ଅଧିକ ଯତ୍ନବାନ ହେବାସହିତ ପ୍ରକୃତ ଦୋଷୀକୁ ଲୋକଲୋଚନକୁ ଆଣିବାକୁ ସାଧାରଣରେ ଦାବୀ ହୋଇଛି।

# ପ୍ରଧାନ ଶିକ୍ଷକଙ୍କର ସମ୍ବର୍ଦ୍ଧନା ସଭା: ଆଖି ଲୁହରେ ଭିଜିଲା ପରିବେଶ

ବାଲିଆପାଳ , ୧୧/୧୦ (ନି.ପ୍ର): ବାଲିଆପାଳ ବ୍ଲକ ଅସ୍ତି ପଞ୍ଚାୟତର ବଡାପାଳ ସରକାରୀ ଉଚ୍ଚ ବିଦ୍ୟାଳୟର କାର୍ଯ୍ୟରତ ପ୍ରଧାନ ଶିକ୍ଷକ ଗଣେଶ କିଙ୍କର ଆଚାର୍ଯ୍ୟଙ୍କର ବାଲିଆପାଳ ବାଳିକା ବିଦ୍ୟାଳୟକୁ ବଦଳି ହୋଇଛି। ଏହି ଅବସରରେ ଶନିବାର ପୂର୍ବାହ୍ନରେ ବିଦ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଧରଣୀଧର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବରେ ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ହରେକୃଷ୍ଣ ଜେନା, ସୁଶାନ୍ତ ଜେନା,ପୂର୍ଣ୍ଣେନ୍ଦୁ ଦାସ ପରିଚାଳନା କମିଟିର ସଭାପତି ବୀଣାପାଣି ଜେନା ପ୍ରମୁଖ ଯୋଗଦେଇ ପ୍ରଧାନଶିକ୍ଷକ ଶ୍ରୀ ଆଚାର୍ଯ୍ୟ ଦୀର୍ଘ ୩୪ ବର୍ଷ ଶିକ୍ଷାଦାନ କରିବା ସହିତ ଶୃଙ୍ଖଳିତ ଛାତ୍ର ସମାଜ ଗଠନର ବିନ୍ଧାଣି ଥିଲେ ବୋଲି ବକ୍ତବ୍ୟରେ କହିଥିଲେ। ତାଙ୍କ ବଦଳି ଯୋଗୁଁ ନିରାଶ ହୋଇଛନ୍ତି ଛାତ୍ରଛାତ୍ରୀ ଓ ଅଭିଭାବକମାନେ। ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ , ପରିଚାଳନା କମିଟି, ଗ୍ରାମବାସୀ ମାନଙ୍କ ଆଖି ଲୁହରେ ଭିଜି ଯାଇଥିଲା ପୁରା ପରିବେଶ । ଶିକ୍ଷକ ଗୋବିନ୍ଦ ପ୍ରସାଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଅରୁଣାଚଳ ପ୍ରଦେଶରେ ୩.୫ ତୀବ୍ରତାର ଭୂମିକମ୍ପ ଅନୁଭୂତ

ଇଟାନଗର, ୧୧/୧୦ (ନି.ପ୍ର): ଅରୁଣାଚଳ ପ୍ରଦେଶରେ ଏକ ମଧ୍ୟମ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଛି। ଶନିବାର ସକାଳ ୮ଟା ୩୧ ମିନିଟ୍ ୩୫ ସେକେଣ୍ଡରେ ହୋଇଥିବା ଏହି ଭୂମିକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୩.୫ ରହିଥିଲା। ଶେଷ ଖବର ସୁଦ୍ଧା ଏହି ଭୂମିକମ୍ପରେ କୌଣସି ମୃତାହତ କିମ୍ବା କ୍ଷୟକ୍ଷତିର ରିପୋର୍ଟ ମିଳିନାହିଁ। ନ୍ୟାସନାଲ ସେଂଟର ଫର୍ ସିସମୋଲୋଜି (ଏନସିଏସ) ଏହାର ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ କହିଛି ଯେ, ଶନିବାର ସକାଳ ୮ଟା ୩୧ ମିନିଟ୍ ୩୫ ସେକେଣ୍ଡରେ ହୋଇଥିବା ୩.୫ ତୀବ୍ରତାର ଭୂମିକମ୍ପର କେନ୍ଦ୍ରସ୍ଥଳ ପୂର୍ବ କାମେଙ୍ଗ ଜିଲ୍ଲାରେ ୫ କିଲୋମିଟର ଗଭୀରତାରେ, ୨୭.୫୨ ଡ଼ିଗ୍ରୀ ଉତର ଅକ୍ଷାଂଶ ଏବଂ ୯୨.୮୫ ଡ଼ିଗ୍ରୀ ପୂର୍ବ ଦ୍ରାଘିମାରେ ଅବସ୍ଥିତ। ଜିଲ୍ଲାର କିଛି ସ୍ଥାନରେ ଭୂମିକମ୍ପ ଅନୁଭୂତ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି କ୍ଷୟକ୍ଷତିର ସୂଚନା ମିଳିନାହିଁ। ପ୍ରଶାସନ ପରିସ୍ଥିତି ଉପରେ ନଜର ରଖିଛି। ଉତର-ପୂର୍ବ ଅଂଚଳରେ ସାମାନ୍ୟରୁ ମଧ୍ୟମ ତୀବ୍ରତାର ଭୂମିକମ୍ପ ଆସିବାର ସମ୍ଭାବନା ରହିଛି । ତେଣୁ, ବିଶେଷଜ୍ଞମାନେ ସଚେତନ ନାଗରିକଙ୍କୁ ସୁରକ୍ଷା ପ୍ରୋଟୋକଲ ପାଳନ କରିବାକୁ ପରାମର୍ଶ ଦେଇଛନ୍ତି।

# ଓଡ଼ିଶା ବାଳିକା କ୍ରିକେଟ ଅଣ୍ଡର ୧୬ ଓ ଅଣ୍ଡର ୨୩ ବାଳକ ଦଳରେ ଭଦ୍ରକରୁ ମୋଟ ୩ ଜଣ ସ୍ଥାନ ପାଇଲେ

ଭଦ୍ରକ, ୧୧/୧୦ (ନି.ପ୍ର): ଓଡ଼ିଶା ବାଳିକା କ୍ରିକେଟ ଦଳ ଅଣ୍ଡର ୧୬ ଓ ବାଳକ ଦଳ ଅଣ୍ଡର ୨୩ ଦଳରେ ମୋଟ ୩ଜଣ ସ୍ଥାନ ପାଇଛନ୍ତି। ବିସିସିଆଇ ଦ୍ୱାରା ପରିଚାଳିତ ଛତିଶଗଡ଼ ରାଇପୁରଠାରେ ହେବାକୁ ଥିବା ଅଣ୍ଡର ୧୬ ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ଓଡ଼ିଶା ଦଳ ଘୋଷିତ ହୋଇଛି। ଏହି ଦଳରେ ଭଦ୍ରକ ଜିଲ୍ଲାରୁ ୨ଜଣ ମହିଳା କ୍ରିକେଟ ଖେଳାଳୀ ସ୍ଥାନ ପାଇଛନ୍ତି। ସେମାନେ ହେଲେ ଅନନ୍ୟା ପି ରାଉତ ଏବଂ ଅର୍ଚ୍ଚନା ରାଉତ ସ୍ଥାନ ପାଇଛନ୍ତି। ସେହିପରି ଅଣ୍ଡର ୨୩ କ୍ରିକେଟ ଦଳର ହାଇଦ୍ରାବାଦ୍ ଠାରେ ହେବାକୁ ଥିବା ସି. କେ. ନାଇଡୁ ଟ୍ରଫି ପାଇଁ ଘୋଷିତ ଓଡ଼ିଶା ଦଳରେ ଭଦ୍ରକ ଜିଲ୍ଲାରୁ ଜଣେ ଖେଳାଳୀ ମନୋନୀତ ହୋଇଛନ୍ତି। ସେ ହେଉଛନ୍ତି ଆକାଶ ମହାପାତ୍ର। ଏହି ଖେଳାଳୀଙ୍କ ଉନ୍ନତ ଖେଳ ଆଶା କରି ଜିଲ୍ଲା କ୍ରିକେଟ ଆସୋସିଏସନ ପକ୍ଷରୁ ସମ୍ପାଦକ ଧିରେନ ପଲାଇ, ଉପେନ୍ଦ୍ର ବାରିକ, ଅତିସ କୁମାର ବେହେରା, ବ୍ୟୋମକେଶ ସେନାପତି, ଭବତୋଷ ଦାସ ପ୍ରମୁଖ ଶୁଭକାମନା କରିଛନ୍ତି।

# ବାଲେଶ୍ୱରରେ ଜିଲ୍ଲାସ୍ତରୀୟ ପ୍ରଧାନ ମନ୍ତ୍ରୀ ଧନ ଧାନ୍ୟ କୃଷି ଯୋଜନା ଓ ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରତା ମିଶନ ସମ୍ପର୍କିତ ସମାରୋହ ଅନୁଷ୍ଠିତ

ବାଲେଶ୍ୱର , ୧୧/୧୦ (ନି.ପ୍ର): କୃଷି ଓ କୃଷକଙ୍କ ଉନ୍ନତି ନିମନ୍ତେ ଭାରତର ମାନ୍ୟବର ପ୍ରଧାନ ମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀଙ୍କ କର କମଳରେ ଦିବା ଘ ୧୧.୩୦ଟିକା ରେ ପ୍ରଧାନ ମନ୍ତ୍ରୀ ଧନ ଧାନ୍ୟ ଯୋଜନା ଓ ଡାଲି ଜାତୀୟ ଫସଲର ଆତ୍ମ ନିର୍ଭରତା ମିଶନ ଅଭିଯାନକୁ ନୂଆ ଦିଲ୍ଲୀରୁ ଆଭାସି ମାଧ୍ୟମରେ ଆନୁଷ୍ଠାନିକ ଭାବେ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲା କୃଷି ଓ କୃଷକ ସଶକ୍ତି କରଣ ବିଭାଗ ତରଫରୁ ଏକ ଜିଲ୍ଲାସ୍ତରୀୟ ସମାରୋହ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ




କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଜିଲ୍ଲାର ମାନ୍ୟବର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସମେତ ବରେଣ୍ୟ ଅତିଥି ମାନଙ୍କ ମଧ୍ୟରେ ସରକାରୀ ଉପ ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦାସ, ବାଲେଶ୍ୱର ସଦର ବିଧାୟକ ଶ୍ରୀଯୁକ୍ତ ମାନସ କୁମାର ଦତ୍ତ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀଯୁକ୍ତ ନାରାୟଣ ପ୍ରଧାନ, ଉପାଧ୍ୟକ୍ଷା ଶ୍ରୀମତୀ ଅନୁସୂୟା , ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ କୁମାର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ମୁଖ୍ୟ ଅତିଥି ସାଂସଦ ଶ୍ରୀଯୁକ୍ତ ଷଡ଼ଙ୍ଗୀ ଉପସ୍ଥିତ ଚାଷୀ ଭାଇ ଭଉଣୀ ମାନଙ୍କୁ କୃଷି କ୍ଷେତ୍ରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଯୋଜନା ମାଧ୍ୟମରେ ସହାୟତା ଯୋଗାଇ ଦେଇ ସଶକ୍ତ କରିବା ସହିତ ଆଗାମୀ ୨୦୪୭ ସୁଦ୍ଧା ଭାରତ ଏକ ସୁଦୃଢ଼ ବିକଶିତ ରାଷ୍ଟ୍ର ରୂପେ ସୁନିଶ୍ଚିତ କରିବା ପାଇଁ ମତ ବ୍ୟକ୍ତ କରିଥିଲେ। ଏତଦ୍ ଭିନ୍ନ କୃଷି କ୍ଷେତ୍ରରେ ଜୈବିକ ପଦ୍ଧତିର ଉନ୍ନତ ମାନର ଡାଲି ଜାତୀୟ ଫସଲକୁ ଦ୍ୱିଗୁଣିତ କରିବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇ ଥିଲେ। ଅନ୍ୟାନ୍ୟ ବରେଣ୍ୟ ଅତିଥି ଗଣ କୃଷି ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗକୁ ନେଇ ଦିଗ୍ ଦର୍ଶନ ଦେଇଥିଲେ। ବାଲେଶ୍ୱର ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ କୁମାର ସିଂ କୃଷି ଓ କୃଷକ ମାନଙ୍କ ପାଇଁ ସରକାରଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଯୋଜନା ସୁବିଧା ଉପଲବ୍ଧ, କୃଷି କ୍ଷେତ୍ରରେ ଡାଲି ଜାତୀୟ ଫସଲରେ ଓଡ଼ିଶାରେ ୪ ଗୋଟି ଜିଲ୍ଲାକୁ ନେଇ କାର୍ଯ୍ୟକାରୀ କରିବାକୁ ପଦକ୍ଷେପ ନିଆଯିବା ସମ୍ପର୍କରେ ଅବଗତ କରିବା ସହିତ ଧନ୍ୟବାଦ୍ ଅର୍ପଣ କରିଥିଲେ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida